R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୧୯
ତିଥି : ତ୍ରୟୋଦଶୀ
୧୫ ମେ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 219
15 May 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

**ରାଜ୍ୟବ୍ୟାପୀ ତୈଳ ସଙ୍କଟ**

## ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି



ଭୁବନେଶ୍ୱର, ୧୪।୫ (ସବ୍ୟୁ) : ରାଜ୍ୟ ବ୍ୟାପୀ ପେଟ୍ରୋଲ -ଡିଜେଲର ସଙ୍କଟ ଦେଖିବାକୁ ମିଳିଛି । ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ଛୋଟ ବଡ ସହର ଓ ଗାଁ ଗହଳିରେ ମଧ୍ୟ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ମଧ୍ୟପ୍ରାଚ୍ୟରେ ଲାଗିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଏବେ ତୈଳ ସଂକଟ ଓ ଦରଦାମ ବୃଦ୍ଧି ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି । ତେବେ ଭୁବନେଶ୍ୱରରେ ତୈଳ ସଙ୍କଟ ନେଇ ଡିଲର ସଂଘ ସରକାରଙ୍କୁ ଦାୟୀ କରିଛି । ସରକାର-କମ୍ପାନୀ ଓ ଡିଲରଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ସଂଘର କହିବାନୁଯାୟୀ ରାଜଧାନୀ ଓ ଏହାର ଆଖପାଖରେ ୪୨ ପେଟ୍ରୋଲ ପମ୍ପ ରହିଛି । ଏଗୁଡ଼ିକର ଷ୍ଟୋରେଜ୍ କ୍ଷମତା ୨୫ ଲକ୍ଷ ଲିଟର । (୯ ପୃଷ୍ଠାରେ)

- ସହରରୁ ଗ୍ରାମାଞ୍ଚଳ ସମାନ ସ୍ଥିତି
- ଅଧିକାଂଶ ପେଟ୍ରୋଲ ପମ୍ପରେ ତାଲା
- ସରକାର-କମ୍ପାନୀ ସମନ୍ୱୟ ଅଭାବ : ସଂଘ
- ୨ ହଜାର ଘରୋଇ ବସ୍ ଚଳାଚଳ ବନ୍ଦ
- ୩ ଦିନରେ ତୈଳ ବିକ୍ରି ୫୦% ବୃଦ୍ଧି

### ତୈଳ ସଙ୍କଟ ନାହିଁ : ସଚିବ

ଭୁବନେଶ୍ୱର, ୧୪।୫ (ସବ୍ୟୁ) : ତୈଳ ସଂକଟ ଦେଖାଯାଇଥିବା ସ୍ଥିତି ମଧ୍ୟରେ ସରକାରଙ୍କ ପକ୍ଷରୁ ଲୋକଙ୍କୁ ଆଶ୍ୱସ୍ତ କରାଯାଉଛି । ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ ସିଂ କହିଛନ୍ତି ଯେ, ରାଜ୍ୟରେ ଆଦୌ ତେଲ ସଂକଟ ନାହିଁ । ୨୦ ରୁ ୨୨ ଟାଙ୍କିରେ କେବଳ ଡ୍ରାଏ ଆଉଟ୍ ସ୍ଥିତି ଅର୍ଥାତ୍ ସାମୂହିକ ପାଇଁ ତେଲ ଶେଷ ହୋଇଥିବା ଦେଖିବାକୁ ମିଳୁଛି । ତେଲ ଟାଙ୍କିର ନିଜସ୍ୱ ପରିଚାଳନା ଗତ ସମସ୍ୟା ଯୋଗୁଁ ଏଭଳି ସ୍ଥିତି ହୋଇଛି । ଏହି ସ୍ଥିତିର ଯାଞ୍ଚ କରାଯାଉଛି । ସମାଧାନ ଲାଗି ଖୁବ ଶୀଘ୍ର ବ୍ୟବସ୍ଥା ହେବ । ଭୟଭୀତ ହୋଇ ଆଦୌ ତେଲ କିଣନ୍ତୁ ନାହିଁ ବୋଲି ପ୍ରମୁଖ ସଚିବ ଲୋକଙ୍କୁ ନିବେଦନ କରିଛନ୍ତି । ଘରୋଇ ବସ ମାଲିକ ସଂଘର ବସ ଚଳାଚଳ ବନ୍ଦ ଆଶଙ୍କାକୁ ଭିତ୍ତିହୀନ ହୋଇ ବୋଲି ସଚିବ କହିଛନ୍ତି ।

## ସଂଗଠିତ ଅପରାଧକୁ ନିୟନ୍ତ୍ରଣ କର : ମୁଖ୍ୟମନ୍ତ୍ରୀ

**ଅପରାଧୀଙ୍କ ମଧ୍ୟରେ ଭୟ ସୃଷ୍ଟି, ଲୋକଙ୍କୁ ବନ୍ଧୁ ଭଳି ଦେଖ**

**କଡ଼ାକଡ଼ି ପାଟ୍ରୋଲିଂ, ଆଗୁଆ ପଦକ୍ଷେପ ନିଅ**



ଭୁବନେଶ୍ୱର, ୧୪।୫ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ରାଜ୍ୟ ପ୍ରଶାସନ, ପୋଲିସ ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାପାଳ ଓ ଏସ୍.ପି ମାନଙ୍କ ସହିତ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୋଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ପରାମର୍ଶ ଦେଇ କହିଛନ୍ତି ଯେ, ରାଜ୍ୟ ପୋଲିସ ଏଭଳି (୯ ପୃଷ୍ଠାରେ)

### ଜୁଲାଇ ୧ରୁ ଓଡ଼ିଶାରେ ଏସ୍‌ଆଇଆର

ଭୁବନେଶ୍ୱର, ୧୪।୫(ସବ୍ୟୁ) : ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଓଡ଼ିଶା ସମେତ ଦେଶର ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ "ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ଏହି ସମୟସୂଚୀ ନିର୍ଦ୍ଧାରଣ କରାଯାଇଥିବା କମିଶନ ସୂଚନା ଦେଇଛନ୍ତି । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, (୯ ପୃଷ୍ଠାରେ)

**ୟୁପିରେ କାଳବୈଶାଖୀର ମହାତାଣ୍ଡବ**

### ଉଡ଼ିଲେ ଲୋକେ, ୧୧୭ ମୃତ

ନୂଆଦିଲ୍ଲୀ, ୧୪।୫ : ଉତ୍ତରପ୍ରଦେଶରେ ଭୟଙ୍କର କାଳବୈଶାଖୀ ଯୋଗୁଁ ୧୧୭ ଜଣଙ୍କର ଜୀବନ ଯାଇଛି । ଉତ୍ତରପ୍ରଦେଶରେ ବର୍ଷା ଝଡ ଯୋଗୁଁ ଜନଜୀବନ ବିପର୍ଯ୍ୟସ୍ତ ହୋଇଛି । ଅନେକ ସ୍ଥାନରେ ଗଛ ଉପୁଡି ରାସ୍ତାରେ ପଡିଥିବା ଯୋଗୁଁ ଯାତାୟତ ପ୍ରଭାବିତ ହୋଇଛି । ଏପରିକି ଭାଇରାଲ ହେଉଥିବ ଭିଡିଓରେ ଲୋକମାନଙ୍କୁ ପବନ ଉଡାଇ ନେଉଥିବା ଦେଖିବାକୁ ମିଳିଛି । ମୃତଙ୍କ ପରିବାର ଲାଗି ଉତ୍ତରପ୍ରଦେଶ ସରକାର ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ସହାୟତା ରାଶି ଘୋଷଣା କରିଛନ୍ତି ।

ପ୍ରୟାଗରାଜ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି । ଏଠାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସନ୍ଥ ରବିଦାସ ନଗରରେ ୧୪ ଜଣ, ଫତେହପୁରରେ ୧୧ ଜଣ ଓ ମିର୍ଜାପୁରରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି । ଉନ୍ନାଓ, ବଦାୟୁଁ ଓ ପ୍ରତାପଗଡ ସମେତ ଅନେକ ଜିଲ୍ଲାରେ ମଧ୍ୟ ଝଡ ଯୋଗୁଁ ଗଛ ଉପୁଡି (୯ ପୃଷ୍ଠାରେ)

### ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆଉ ଦୁଇ ଗିରଫ

ନୂଆଦିଲ୍ଲୀ, ୧୪।୫ : ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସିବିଆଇ ଆଉ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ଅହଲ୍ୟା ନଗରର ଧନଞ୍ଜୟ ଲୋଖଣ୍ଡା ଓ ପୁନେର ମନିଷା ୱାଘମେର । ସିବିଆଇ ଆଜି ୧୪ଟି ସ୍ଥାନରେ ଚଢ଼ାଉ କରିଛି । ଗତ ୧୨ ତାରିଖରେ (୯ ପୃଷ୍ଠାରେ)

### ସୌମ୍ୟ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ପୋଲିସ ଅବହେଳାର କାର୍ଯ୍ୟାନୁଷ୍ଠାନ କେବେ ?**

ଭୁବନେଶ୍ୱର, ୧୪।୫ (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା କରିଥିଲେ ଲୋକେ । ସେହି ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଥିବା (୯ ପୃଷ୍ଠାରେ)

4001/84/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା (PMSG:MBY)


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ,
ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସବସିଡି

| ରୁଫ୍-ଟପ ସୌର ପ୍ରକଳ୍ପ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ଅତିରିକ୍ତ ସବସିଡି | ମୋଟ ସବସିଡି |
|---|---|---|---|
| ୧ କିଲୋୱାଟ୍ ପାଇଁ | ୩୦,୦୦୦/- ଟଙ୍କା | ୨୫,୦୦୦/- ଟଙ୍କା | ୫୫,୦୦୦/- ଟଙ୍କା |
| ୨ କିଲୋୱାଟ୍ ପାଇଁ | ୬୦,୦୦୦/- ଟଙ୍କା | ୫୦,୦୦୦/- ଟଙ୍କା | ୧,୧୦,୦୦୦/- ଟଙ୍କା |
| ୩ କିଲୋୱାଟ୍ ପାଇଁ | ୭୮,୦୦୦/- ଟଙ୍କା | ୬୦,୦୦୦/- ଟଙ୍କା | ୧,୩୮,୦୦୦/- ଟଙ୍କା |


ଜଳବାୟୁ ସଂଶୋଧନ ପାଇଁ ସହାୟକ

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।

**ଶକ୍ତି ବିଭାଗ, ଓଡ଼ିଶା ସରକାର**

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ ।

OIPR: 4001/4001/2/26-27/0001



## ଶାଢ଼ୀ ପାଇଁ ଭାଙ୍ଗିଲା ବିବାହ

ଉତ୍ତର ପ୍ରଦେଶର ବଲିଆ ଜିଲ୍ଲା ଅନ୍ତର୍ଗତ ଗାୟଘାଟ ଗ୍ରାମର ପଞ୍ଚରୁଖୀ ଦେବୀ ମନ୍ଦିରରେ ଗତ ମେ' ୧୧ ତାରିଖରେ ଏକ ବିବାହ ଅନୁଷ୍ଠିତ ହେଉଥିବା ବେଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବିବାହ ଶୋଭାଯାତ୍ରା ପହଞ୍ଚିବା ପରେ ରୀତିନୀତି ଆରମ୍ଭ ହୋଇଥିଲା, କିନ୍ତୁ ବରପକ୍ଷରୁ ପଠାଯାଇଥିବା ଶାଢ଼ୀଟି କନ୍ୟାଙ୍କୁ ପସନ୍ଦ ଆସିନଥିଲା । ତେବେ ଏହି ଶାଢୀ ପସନ୍ଦ ନଆସିବାରୁ ସେ ବିବାହ କରିବାକୁ ମନା କରିଦେଇଥିବା ଜଣାପଡିଛି । ଏହି ସାମାନ୍ୟ କଥାକୁ ନେଇ ବିବାଦ ଏତେ ବଢ଼ିଯାଇଥିଲା ଯେ ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା । ଯେଉଁଥିରେ କନ୍ୟାର ଭାଇ, ମାଆ ଏବଂ ଅନ୍ୟ ଜଣେ ମହିଳା ଆହତ ହୋଇଛନ୍ତି । ଶେଷରେ ହଙ୍ଗାମା ଯୋଗୁଁ ବିବାହ କାର୍ଯ୍ୟ ଅଧାରୁ ବନ୍ଦ ହୋଇଯାଇଥିଲା ଏବଂ ବରଯାତ୍ରୀ ଦଳ ବିନା କନ୍ୟାରେ ଫେରିବାକୁ ବାଧ ହୋଇଥିଲେ । ସୋସିଆଲ ମିଡିଆରେ ଘଟଣାଟି ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି ।

## ଖରାଦିନେ ରଖନ୍ତୁ ମୁହଁକୁ ସତେଜ



ବର୍ତ୍ତମାନ ଗ୍ରୀଷ୍ମ ଋତୁର ପ୍ରକୋପ ଜାରି ରହିଥିବା ବେଳେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଆମ ଶରୀର ସହିତ ତ୍ୱଚା ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡୁଛି । ଅତ୍ୟଧିକ ଝାଳ ଏବଂ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ଯୋଗୁଁ ତ୍ୱଚାରେ କଳା ଦାଗ, ବ୍ରଣ ଏବଂ ଶୁଷ୍କତା ଭଳି ସମସ୍ୟା ଦେଖାଦେଇଥାଏ । ଏଭଳି ପରିସ୍ଥିତିରେ ନିଜ ତ୍ୱଚାର ଚମକ ବଜାୟ ରଖିବା ପାଇଁ କିଛି ସତର୍କତା ଅବଲମ୍ବନ କରିବା ଜରୁରୀ ।

**ନିୟମିତ ଜଳପାନ:** ଖରାଦିନେ ଶରୀରରୁ ବହୁ ପରିମାଣର ଜଳ ନିଷ୍କାସିତ ହୋଇଥାଏ, ତେଣୁ ତ୍ୱଚାକୁ ହାଇଡ୍ରେଟେଡ୍ ରଖିବା ପାଇଁ ଦିନକୁ ଅତିକମରେ ୮ ରୁ ୧୦ ଗ୍ଲାସ୍ ପାଣି ପିଇବା ଉଚିତ ।

**ସନସ୍କ୍ରିନ୍‌ର ବ୍ୟବହାର:** ବାହାରକୁ ବାହାରିବା ପୂର୍ବରୁ ତ୍ୱଚାରେ ସନସ୍କ୍ରିନ୍ ଲଗାନ୍ତୁ, ଯାହା ସୂର୍ଯ୍ୟକିରଣରୁ ହେଉଥିବା କ୍ଷତିରୁ ରକ୍ଷା କରିଥାଏ ।

**ଫେସ୍ ୱାଶ୍ ଦ୍ୱାରା ସଫେଇ:** ଝାଳ ଏବଂ ଧୂଳି ଯୋଗୁଁ ତ୍ୱଚାର ରନ୍ଧ୍ର ବନ୍ଦ ହୋଇଯାଏ, ତେଣୁ ଦିନକୁ ଦୁଇରୁ ତିନିଥର ଏକ ଭଲ ଫେସ୍ ୱାଶ୍ ସାହାଯ୍ୟରେ ମୁହଁ ସଫା କରନ୍ତୁ ।

**ହାଲୁକା ମଶ୍ଚରାଇଜର୍:** ଖରାଦିନେ ଗାଢ଼ କ୍ରିମ୍ ବଦଳରେ ଜେଲ୍ ବେସଡ୍ ବା ହାଲୁକା ମଶ୍ଚରାଇଜର୍ ବ୍ୟବହାର କରନ୍ତୁ, ଯାହା ତ୍ୱଚାକୁ ତେଲିଆ ନକରି ସତେଜ ରଖିବ ।

**ପୁଷ୍ଟିକର ଖାଦ୍ୟ:** ତ୍ୱଚାର ସୁନ୍ଦରତା ପାଇଁ ତେଲ ମସଲାଯୁକ୍ତ ଖାଦ୍ୟରୁ ଦୂରେଇ ରହି ଋତୁକାଳୀନ ଫଳ ଯଥା ତରଭୁଜ, କାକୁଡ଼ି ଏବଂ ଦହି ଆଦିକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ ।

**ସୂତା ପୋଷାକର ବ୍ୟବହାର:** ଖରାଦିନେ ସର୍ବଦା ହାଲୁକା ରଙ୍ଗର ସୂତା ପୋଷାକ ପିନ୍ଧନ୍ତୁ, ଯାହା ଦ୍ୱାରା ଚର୍ମରେ କୌଣସି ପ୍ରକାରର ଆଲର୍ଜି ବା ସଂକ୍ରମଣ ହେବାର ଆଶଙ୍କା କମ୍ ରହେ ।

## ସୋସିଆଲ କୋଟ୍ସ



ଅଭିନୟ ମୋ ଲାଇଫ ଲାଇନ୍ । ଏହାକୁ ମୁଁ କେବେ ବି ଭୁଲି ପାରିବି ନାହିଁ । ଆଗକୁ ବହୁତ କିଛି କରିବାକୁ ବାକି ରହିଛି ।

ସେହେନାଜ ଗିଲ୍, ଅଭିନେତ୍ରୀ



ସେହି ସମୟରେ ଲଣ୍ଡନ ଏୟାରପୋର୍ଟରେ ଗୋଟିଏ ଟର୍ମିନାଲରୁ ଅନ୍ୟକୁ ଯିବାକୁ ବ୍ରିଜ ନଥିଲା । ମୁଁ ତେଣୁ ଏୟାରପୋର୍ଟରେ ଦୌଡୁଥିଲି, ହେଲେ ସେହି ସମୟରେ ଜଣେ ମହିଳା ଫ୍ୟାନ୍ ମୋର ଅଟୋଗ୍ରାଫ ପାଇଁ ମୋ ପଛରେ ଦୌଡୁଥିଲେ, ଏହା କେବେ ଭୁଲିପାରିବିନି ।

ଶାହରୁଖ ଖାନ, ଅଭିନେତା



"ଏତରାଜ୍'ର ଚରିତ୍ରକୁ ଜୀବନ୍ତ କରିବା ପାଇଁ ସବୁବେଳେ କ୍ୟାରେକ୍ଟରେ ରହୁଥିଲି । ଏପରି କି ଘରେ ମଧ୍ୟ ଚରିତ୍ର ଭଳି ବ୍ୟବହାର କରୁଥିଲି । ହେଲେ ମା'ଙ୍କ ଠାରୁ ଗାଳି ଶୁଣିବା ପରେ ମୋର ଏହା ବନ୍ଦ ହୋଇଥିଲା ।

ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ



## ଟଙ୍କା ଦେଇ ଜେଲରେ ରୁହ

ତେଲେଙ୍ଗାନାର ହାଇଦ୍ରାବାଦ ସ୍ଥିତ ଚଞ୍ଚଲଗୁଡ଼ା ସେଣ୍ଟ୍ରାଲ ଜେଲରେ ସାଧାରଣ ଲୋକଙ୍କ ପାଇଁ ଏକ ନିଆରା ସୁଯୋଗ ସୃଷ୍ଟି କରାଯାଇଛି । ଯେଉଁଠାରେ ସେମାନେ ନିର୍ଦ୍ଧାରିତ ଶୁଳ୍କ ଦେଇ କଏଦୀଙ୍କ ଭଳି ଜୀବନ ବିତାଇପାରିବେ । ଏଠାରେ ଜେଲ୍ ମ୍ୟୁଜିୟମ ସହିତ ଏହି 'ଫିଲ୍ ଦ ଜେଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ତେଲେଙ୍ଗାନା ଜେଲ୍ ବିଭାଗ ଅନୁଯାୟୀ, ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଶୃଙ୍ଖଳା ଶିଖାଇବା, କଏଦୀଙ୍କ ଜୀବନ ସହ ପରିଚିତ କରାଇବା ଏବଂ ସେମାନଙ୍କୁ ସ୍ୱାଧୀନତାର ମୂଲ୍ୟ ବୁଝାଇବା । ଏଥିପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ଆବେଦନ କରିବାକୁ ପଡ଼ିବ, ଯେଉଁଥିରେ ୨୪ ଘଣ୍ଟା ରହିବା ପାଇଁ ୨୦୦୦ ଟଙ୍କା ଏବଂ ୧୨ ଘଣ୍ଟା ପାଇଁ ୧୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଜେଲରେ ରହିବା ସମୟରେ ଲୋକଙ୍କୁ କଏଦୀଙ୍କ ପୋଷାକ ପିନ୍ଧିବାକୁ ହେବ, ସେମାନେ ଲୁହା ରଡ୍ ଥିବା ବାରାକରେ ରହିବେ, ଲୁହା ବେଡ୍‌ରେ ଶୋଇବେ ଏବଂ କଏଦୀଙ୍କୁ ଦିଆଯାଉଥିବା ଖାଦ୍ୟ ହିଁ ଖାଇବେ । ଏଥିସହିତ ସେମାନଙ୍କୁ ସକାଳୁ ଶୀଘ୍ର ଉଠି ଜେଲର ଦୈନନ୍ଦିନ ନିୟମ ପାଳନ କରିବାକୁ ପଡ଼ିବ । ଏହାସହ ନିଜର ମୋବାଇଲ୍ ଫୋନ୍ ମଧ୍ୟ ଜମା କରିବାକୁ ପଡ଼ିପାରେ । ସୋସିଆଲ ମିଡିଆରେ ଏହି କାର୍ଯ୍ୟକ୍ରମକୁ ୟୁଜର୍ସମାନେ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି ।

## ଇତିହାସ

୧୯୨୫- ପ୍ରଥମ ଆରବିକ୍ କମ୍ୟୁନିଟି ଖବରକାଗଜ ପ୍ରକାଶିତ ।
୧୯୬୭- ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଜନ୍ମ ।
୧୯୫୮- ସୋଭିଏତ୍ ସଂଘର ସ୍ପୁଟ୍‌ନିକ୍-୩ ଲଞ୍ଚ ।
୧୯୫୭- ପ୍ରଶାନ୍ତ ମହାସାଗରରେ ପ୍ରଥମ ହାଇଡ୍ରୋଜେନ୍ ବୋମା ପରୀକ୍ଷଣ ।
୧୯୦୭- କ୍ରାନ୍ତିକାରୀ ସହିଦ ସୁଖଦେବ ଥାପରଙ୍କ ଜନ୍ମ ।
୨୦୦୫-୨୦ ବର୍ଷ ପରେ କାନାଡ଼ାରେ ଭାରତୀୟ ବିମାନର ଅବତରଣ ।
୨୦୧୦- ଭାରତର ପୂର୍ବତନ ଉପରାଷ୍ଟ୍ରପତି ଭୈରବସିଂହ ଶେଖାୱତଙ୍କ ନିଧନ ।

## ନିଆରା ଦଣ୍ଡବିଧାନ



ଚୀନ୍‌ର ଜିୟାଙ୍ଗସୁ ପ୍ରାନ୍ତର ସୁଜୋଉ ସହରରେ ଥିବା 'ୟୁଆନଝୋଙ୍ଗ ସ୍ପେଶାଲ ଏଜୁକେସନ ସ୍କୁଲ'ରେ ଛାତ୍ରଛାତ୍ରୀଙ୍କୁ ସୁଧାରିବା ପାଇଁ ଏକ ନିଆରା ଦଣ୍ଡ ବିଧାନ କରାଯାଇଛି । ଏହି ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀ, ଯେଉଁମାନଙ୍କଠାରେ ଅତ୍ୟଧିକ ରାଗ, ପାଠପଢ଼ାରେ ଅନାଗ୍ରହ ଏବଂ ଗେମିଂ ନିଶା ଭଳି ବ୍ୟବହାରିକ ସମସ୍ୟା ଦେଖାଯାଏ, ସେମାନଙ୍କୁ ଦିନସାରା ପ୍ରାୟ ୨.୫ କିଲୋଗ୍ରାମ ଓଜନର ଏକ 'ବେବି ଡଲ୍' ବା କଣ୍ଢେଇକୁ ନିଜ ସହିତ ରଖିବାକୁ ପଡୁଛି । ସ୍କୁଲ କର୍ତ୍ତୃପକ୍ଷଙ୍କ ଅନୁସାରେ, ସାଧାରଣ ଗାଳି ବା ଦଣ୍ଡର ପ୍ରଭାବ ଏହି ପିଲାଙ୍କ ଉପରେ ନପଡ଼ିବାରୁ ସେମାନଙ୍କୁ ଶ୍ରେଣୀଗୃହ, ଖାଇବା ସମୟ ଏବଂ ବୁଲିବା ସମୟରେ ମଧ୍ୟ ଏହି କଣ୍ଢେଇକୁ ପ୍ରକୃତ ଶିଶୁ ଭଳି ଯତ୍ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅନୁଭବ କରିପାରିବେ ଯେ ଜଣେ ଶିଶୁର ଲାଳନପାଳନ କରିବା କେତେ କଷ୍ଟକର ଏବଂ ସେମାନଙ୍କ ପିତାମାତା ସେମାନଙ୍କ ପାଇଁ କେତେ ପରିଶ୍ରମ କରିଥାନ୍ତି ।

## ନୂଆ ପ୍ରୋଜେକ୍ଟକୁ ନେଇ ଉତ୍ସାହିତ



ନିର୍ଦ୍ଦେଶକ ତଥା ପ୍ରଯୋଜକ କରଣ ଜୋହରଙ୍କ 'ଧର୍ମା ପ୍ରଡକ୍ସନ୍ସ' ବ୍ୟାନରରେ ନିର୍ମିତ ରୋମାଣ୍ଟିକ ଡ୍ରାମା ଫିଲ୍ମ 'ଚାନ୍ଦ ମେରା ଦିଲ୍'ର ଟ୍ରେଲର ମୁକ୍ତିଲାଭ କରିଛି । ଏହି ଫିଲ୍ମରେ ଅଭିନେତା ଲକ୍ଷ୍ୟ ଲାଲୱାନୀ ଏବଂ ଅନନ୍ୟା ପାଣ୍ଡେ ପ୍ରଥମ ଥର ପାଇଁ ଏକାଠି ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି । ବିବେକ ସୋନିଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅନନ୍ୟା 'ଚାନ୍ଦନୀ' ଓ ଲକ୍ଷ୍ୟ 'ଆରଭ' ଚରିତ୍ରରେ ଅଭିନୟ କରୁଥିବାବେଳେ ଏହାର କାହାଣୀ ଦୁଇଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ବନ୍ଧୁତା, ପ୍ରେମ ଏବଂ ବିଚ୍ଛେଦକୁ ନେଇ ଗତିଶୀଳ ହୋଇଛି । ଟ୍ରେଲରର ଆରମ୍ଭ ଏକ 'ସରି'ରୁ ହେଉଛି, ଯେଉଁଠାରେ ଆରଭର ଏକ ଭୁଲକୁ ଚାନ୍ଦନୀ କ୍ଷମା କରିପାରୁ ନାହିଁ । ପରବର୍ତ୍ତୀ ସମୟରେ ଆରଭ ବାରମ୍ବାର ସୁଯୋଗ ମାଗୁଥିଲେ ମଧ୍ୟ ଚାନ୍ଦନୀ ପ୍ରେମ ଅପେକ୍ଷା ନିଜର ଆତ୍ମସମ୍ମାନକୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି । ବିଶେଷ କରି ଟ୍ରେଲରରେ ଥିବା ସଂଳାପ 'ସମ୍ମାନ ପ୍ରେମଠାରୁ ବଡ଼' ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ସୋସିଆଲ ମିଡିଆରେ ମଧ୍ୟ ଏହାକୁ ନେଇ ବେଶ୍ ଚର୍ଚ୍ଚା ଚାଲିଛି । ସେହିଭଳି ଅନନ୍ୟା ପାଣ୍ଡେ ମଧ୍ୟ ନିଜର ନୂଆ ପ୍ରକଳ୍ପକୁ ନେଇ ଖୁବ ଉତ୍ସାହିତ ଥିବା ଦେଖିବାକୁ ମିଳିଛି । ଫିଲ୍ମଟି ଆସନ୍ତା ମେ' ୨୨ ତାରିଖରେ ରିଲିଜ ହେବବୋଲି ସୂଚନା ରହିଛି ।

## ପଲଙ୍କ ମୁଣ୍ଡାଇ ଦୌଡ

ଶ୍ରୀଲଙ୍କାରେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ମିଳିଛି, ଯେଉଁଠାରେ ପୁରୁଷମାନେ ପ୍ରାୟ ୩୫ କିଲୋଗ୍ରାମ ଓଜନର କାଠ ପଲଙ୍କକୁ ନିଜ କାନ୍ଧରେ ବୋହି ରାସ୍ତାରେ ୮ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ିଛନ୍ତି । ପ୍ରକୃତରେ ଶ୍ରୀଲଙ୍କାରେ ଏପ୍ରିଲ ମାସରେ ସିଂହଳ ଏବଂ ତାମିଲ ନବବର୍ଷ ଉତ୍ସବ ପାଳନ କରାଯାଏ । ଏହି ଅବସରରେ ଏକ ପାରମ୍ପରିକ 'ବେଡ୍ ରେସ୍' ଆୟୋଜନ କରାଯାଏ । ଏହି ଦୌଡ଼ରେ ପ୍ରତିଯୋଗୀମାନଙ୍କୁ ଭାରୀ ଖଟ ଧରି ଦୂର ବାଟ ଅତିକ୍ରମ କରିବାକୁ ପଡିଥାଏ । ଏହାକୁ କେବଳ ଶାରୀରିକ ଶକ୍ତି ନୁହେଁ ବରଂ ସନ୍ତୁଳନ ଏବଂ ଟିମୱର୍କର ଏକ ବଡ଼ ପରୀକ୍ଷା ବୋଲି ବିଚାର କରାଯାଏ । ସେଠାକାର ଗାଁ ଏବଂ ବିଭିନ୍ନ ସମୁଦାୟରେ ଏହି ପରମ୍ପରାକୁ ବେଶ୍ ସମ୍ମାନର ସହ ଦେଖାଯାଏ । ବହୁ ସଂଖ୍ୟାରେ ଦର୍ଶକ ମଧ୍ୟ ଏହି ନିଆରା ପ୍ରତିଯୋଗିତାର ଆନନ୍ଦ ନେଇଥାନ୍ତି ।





**ମେଷ:** ଶତ୍ରୁରେ ବିଜୟ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁଦର୍ଶନ, ଶରୀର ସୁସ୍ଥ, ଶୁଭଖବର, ଅନୁଷ୍ଠାନେ ଲାଭ, ଦାମ୍ପତ୍ୟ ଖୁସି, ସନ୍ତାନସୁଖ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ଭଗବାନ ଶିବ ।

**ବୃଷ:** ସହଯୋଗବୃଦ୍ଧି, ଅର୍ଥସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ଶୁଭଖବର, ଲୋକସମ୍ପର୍କ ବୃଦ୍ଧି, ବିଦେଶ ଭ୍ରମଣ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଅପମାନ, ଶରୀରକଷ୍ଟ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଗାଡ଼ିଚାଳନାରେ ସତର୍କ, ଶତ୍ରୁସମସ୍ୟା, ଆଶା ବିଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**କର୍କଟ:** ଧନଲାଭ, ନୂତନ କାର୍ଯ୍ୟରେ ଖୁସି, ସମ୍ପତ୍ତିବିବାଦ, ଶରୀର ସୁସ୍ଥ, ଉଚ୍ଚଆଶାରେ ଶୁଭ, ଦ୍ରବ୍ୟଲାଭ, ପିଲାଙ୍କଖୁସି, ନିଯୁକ୍ତିଲାଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ସମ୍ମାନିତ, ବନ୍ଧୁଦର୍ଶନ, ଅତିଥିସତ୍କାର, ସମ୍ପତ୍ତିଲାଭ, ନୂତନ କର୍ମଆରମ୍ଭ,ଦାମ୍ପତ୍ୟଖୁସି, ଶୁଭଖବର, ଅନୁଷ୍ଠାନେ ଲାଭ, ଯାତ୍ରାରେ ସାବଧାନ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ବନ୍ଧୁଲାଭ, ଆଶା ସଫଳ, ଅନୁଷ୍ଠାନେ ଲାଭ, ଲୋକସମ୍ପର୍କରେ ଉନ୍ନତି, ଦ୍ରବ୍ୟଲାଭ, ବିବାଦ ସମାଧାନ, ଅଚାନକ ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**ତୁଳା:** ମାନସିକ ଅଶାନ୍ତି, ବନ୍ଧୁବିଦ୍ରୋହ, ଯାତ୍ରାରେ ସତର୍କ, ଦାମ୍ପତ୍ୟଖୁସି, ଅର୍ଥଲାଭ, ଗୃହେ ଶାନ୍ତି, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ ଶାନ୍ତି, ସ୍ତ୍ରୀ ସହଯୋଗ, ବିବାଦମୁକ୍ତ, ଶତ୍ରୁସମସ୍ୟା, ଉଚ୍ଚଆଶାରେ ବିଳମ୍ବ, କଚେରୀ ମାମଲା, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟ ଆରମ୍ଭ, ସନ୍ତାନସୁଖ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଶରୀର ଅସୁସ୍ଥ, ଅର୍ଥସମସ୍ୟା, ବ୍ୟବସାୟରେ କଷ୍ଟ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କିଛି କାର୍ଯ୍ୟରେ ବିବାଦ, ସମ୍ମାନଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**ମକର:** ଅର୍ଥଲାଭ, ବ୍ୟବସାୟରେ ଶତ୍ରୁତା, ଦୂରଯାତ୍ରା, ମାମଲା ସମାଧାନ, ଯାତ୍ରାରେ ଲାଭ, ଦ୍ରବ୍ୟପ୍ରାପ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଶତ୍ରୁ ସମସ୍ୟା ସମାଧାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ସମ୍ମାନବୃଦ୍ଧି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**କୁମ୍ଭ:** ଅର୍ଥସମସ୍ୟା, ଦୂରଯାତ୍ରା, ଦେବକାର୍ଯ୍ୟରେ ଲାଭ, ବ୍ୟକ୍ତିସହାୟତା, ଯାତ୍ରାରେ ସମସ୍ୟା, ଦ୍ରବ୍ୟନଷ୍ଟ, ଶତ୍ରୁସମସ୍ୟା, ବ୍ୟବସାୟିକ କଷ୍ଟ, ସନ୍ତାନଖୁସି, ବିଦ୍ୟାରେ ସଫଳ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ଗୋମାତାଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ:** ଯାତ୍ରାରେ ଶୁଭ, ସମ୍ପତ୍ତିବିବାଦ, ଭ୍ରାତୃକଳହ, ଶରୀର ସୁସ୍ଥ, ଆଶା ସଫଳ, ନୂତନ ବନ୍ଧୁଲାଭ, ଦ୍ରବ୍ୟଲାଭ, ଦାମ୍ପତ୍ୟଖୁସି, ପିଲାଙ୍କ ସମସ୍ୟା, ଅର୍ଥ ସମସ୍ୟା, ବନ୍ଧୁ ସହଯୋଗ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ମା' ଭଗବତୀ ।

ଜ୍ୟେଷ୍ଠ କୃଷ୍ଣପକ୍ଷ, ତ୍ରୟୋଦଶୀ
୧୫.୫.୨୦୨୬ ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ

# ନିରାଡମ୍ବର ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେହେତୁ ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ।

ଏଥିସହିତ କାର୍ଯ୍ୟକାରୀ ହୋଇଥିବା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସାଧାରଣ ଲୋକ କିଭଳି ଉପକୃତ ହେଉଛନ୍ତି ତାର ଚିତ୍ର ସର୍ବସାଧାରଣକୁ ଆଣିବା ପାଇଁ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା। ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡିଶା, ସମୃଦ୍ଧ କୃଷି ଓଡିଶା, ସୁସ୍ଥ ଓଡିଶା, ନିର୍ମାଣ ଓଡିଶା, ଉତ୍କର୍ଷ ଓଡିଶା, ଜନଶକ୍ତି ଓଡିଶା ଏବଂ କୌଶଳ ଓଡିଶା ଆଦି ଏହି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ।

- ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ପାଳନ କରାଯିବ, ଉତ୍ସବ ପରିବର୍ତ୍ତେ ତଥ୍ୟ ପ୍ରସାର ଉପରେ ଅଧିକ ଫୋକସ
- ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରମତୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ।

## ପୁଲିସ କବ୍‌ଜାରେ ଡକାୟତ ଗ୍ୟାଙ୍ଗ୍

# ମଧୁ ସେତୁ ତଳୁ ୪ ଡକାୟତ ଗିରଫ: ମାଷ୍ଟର୍‌ମାଇଣ୍ଡକୁ ଖୋଜୁଛି ପୁଲିସ

କଟକ,(ସବ୍ୟୁ): ସିଡିଏରେ ଡକାୟତି କରିବା ପାଇଁ ରଚୁଥିଲେ ଷଡ଼ଯନ୍ତ୍ର । ମଧୁସୂଦନ ସେତୁ ତଳେ ଏକତ୍ରିତ ହୋଇଥିଲେ ୬ଜଣ କୁଖ୍ୟାତ ଡକାୟତ । ସେମାନେ ଜାତୀୟ ରାଜପଥ-୧୬ରେ ଆସୁଥିବା ପଥଚାରୀଙ୍କ ଠାରୁ ନିୟମିତ ଲୁଟ୍ କରୁଥିବା ବେଳେ ସିଡିଏରେ ଡକାୟତି କରିବା ପାଇଁ ମାଷ୍ଟରପ୍ଲାନ୍ କରିଥିଲେ । ଏଠାରେ ହାଇପ୍ରୋଫାଇଲ୍ ଲୋକ ଓ ବଡ଼ ବ୍ୟବସାୟୀକ ପ୍ରତିଷ୍ଠାନ ରହିଥିବା ହେତୁ ସେମାନଙ୍କ ପାଇଁ ସିଡିଏ ଅଞ୍ଚଳକୁ ରେକି କରିଥିଲେ । ଏ ବିଷୟରେ ଫେଜ୍-୨ଥାନା ପୁଲିସ ଜାଣିପାରି ଡକାୟତି ଗ୍ୟାଙ୍ଗକୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା । ଶେଷରେ ମଧୁସୂଦନ ସେତୁ ତଳେ ଏହି ଗ୍ୟାଙ୍ଗ ଲୁଚିଥିବା ବେଳେ ଫେଜ୍ ୨ ଥାନା ପୁଲିସ ଚଢ଼ଉ କରି ୪ ଜଣ ଅପରାଧୀଙ୍କୁ ଗିରଫ କରିଛି । ସେମାନେ ହେଲେ ଢେଙ୍କାନାଳ ଟାଉନର ପ୍ରତ୍ୟୁଷ ପରିଡ଼ା(୨୦), ଆଶୁତୋଷ ସିଂହ(୨୦), ସନ୍ତୋଷ କୁମାର ସେଠୀ(୨୪), ଶୁଭଙ୍କର ସାହୁ(୧୮) । ସନ୍ତୋଷ ବ୍ୟବସାୟ କରୁଥିବା ବେଳେ ଅନ୍ୟମାନେ କଲେଜରେ ପଢୁଛନ୍ତି । ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମାଷ୍ଟର୍‌ମାଇଣ୍ଡ ସମେତ ଆଉ ଜଣେ ଡକାୟତ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି । ଏମାନଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ଢେଙ୍କାନାଳର ଏହି ଡକାୟତି ଗ୍ୟାଙ୍ଗ ଗତ ୩ ମାସ ହେବ ଢେଙ୍କାନା-ଅନୁଗୁଳ ରାଜପଥରେ ଡକାୟତି ପାଇଁ ନିୟମିତ ଭାବେ ଛକି ରହୁଥିଲେ । ଚୌଦ୍ୱାର, ଜଗତପୁର, ମଙ୍ଗୁଳି ଭଳି ଛକରେ ଏମାନେ ରାତି ୧୧ରୁ ଭୋର ୬ଟା ଯାଏଁ ପଇଁତରା ମାରୁଥିଲେ । ପୁଲିସ ଏ ସମ୍ପର୍କରେ ପୂର୍ବରୁ ସୂଚନା ପାଇଥିଲା । ଆଜି ଭୋର୍ ପ୍ରାୟ ୪ଟା ବେଳେ ସେତୁ ତଳେ ପୁଲିସ ଚଢ଼ଉ କରି ୪ ଜଣ ଡକାୟତି ଗ୍ୟାଙ୍ଗକୁ କାବୁ କରିଥିଲା । ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ଖଣ୍ଡା, ଲମ୍ବା କତା, ଟାୟାର କିଲର୍, ରଡ, ମୋବାଇଲ ୫ଟି, ୧୬ ଶହ ୫୦ ଟଙ୍କା, କାର୍ ଇତ୍ୟାଦି ଜବତ କରିଛି । ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ନିରୋଧ ଆଇନର ଧାରା ୨୫(୧)(ଏ) ଏବଂ ବିଏନ୍ଏସର ଧାରା ୩୧୦(୪), ୩୧୦(୫)ରେ ଏକ ମାମଲା(କେସ୍ ନଂ ୧୦୨) ରୁଜୁ କରିଥିବା ତଦନ୍ତ ଚଳାଇଛି ।

ଅନ୍ୟପଟେ ନରାଜ, ନ୍ୟାସନାଲ୍ ଲ'ୟୁନିଭର୍ସସିଟି, ଉର୍ଦ୍ଧ୍ୱ ପ୍ରତିଷ୍ଠାନ, ରେଭେନ୍ସା ମହାନଦୀ କ୍ୟାମ୍ପସ୍ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଅଞ୍ଚଳ ପ୍ରାୟତଃ ସନ୍ଧ୍ୟା ପରେ ଶୂନଶାନ୍ ହୋଇପଡ଼େ । ଏହି ଅଞ୍ଚଳରେ ଏହି ଗ୍ୟାଙ୍ଗର ସଦସ୍ୟମାନେ ରାସ୍ତା କଡ଼ରେ ଛକି ରୁହନ୍ତି । ବାଇକ୍‌ରେ ଆସୁଥିବା ଲୋକଙ୍କୁ ଟାର୍ଗେଟ କରି ଟଙ୍କା, ମୋବାଇଲ୍ ଓ ବିଭିନ୍ନ ଜିନିଷପତ୍ର ଲୁଟ୍ କରି ନିଅନ୍ତି । ସେହିପରି ଏନଏଚ୍-୧୬ର ବିଭିନ୍ନ ସ୍ଥାନରେ ଅଭିଯୁକ୍ତମାନେ ଲୁଚି ରହି ଲୁଟପାଟ୍ କରନ୍ତି । ଦୀର୍ଘ ଦିନ ଧରି ଏମାନେ ଲୁଟ୍ କରୁଥିବା ବେଳେ କମିଶନରେଟ୍ ପୁଲିସ ଟାର୍ଗେଟରେ ରହିଥିଲେ । ପୂର୍ବରୁ ଏମାନଙ୍କୁ ଢେଙ୍କାନାଳ ପୁଲିସ ପିଛା କରି ବିଫଳ ହୋଇଥିଲା । ଏହାପରେ ଟାଙ୍ଗୀ ଓ ଚୌଦ୍ୱାର ଥାନା ପୁଲିସ କାବୁ କରି ପାରିନଥିଲା । ଗୋଡି ସାହି ଫାଣ୍ଡି ପୁଲିସ ମଧ୍ୟ ଏମାନଙ୍କ ଧରିବାରେ ସକ୍ଷମ ହୋଇନଥିଲା । ମର୍କତନଗର ଥାନା ପୁଲିସ ଓ ଫେଜ୍-୨ ଥାନା ପୁଲିସ ପୂର୍ବରୁ ଯୋଜନା କରିଥିବା ବେଳେ ଫେଜ୍-୨ ଥାନା ପୁଲିସ ୪ଜଣ ଡକାୟତକୁ ଗିରଫ କରିଛି । ଫେରାର୍ ୨ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବା ଜଣାପଡ଼ିଛି ।

## ଢେଙ୍କାନାଳ ପୌରପାଳିକା ଟେଣ୍ଡରରେ ଅନିୟମିତତା ଅଭିଯୋଗ ମାମଲା

# ରାଜ୍ୟ ସରକାରଙ୍କ ସମେତ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ

କଟକ, (ସବ୍ୟୁ ): ଢେଙ୍କାନାଳ ପୌରପାଳିକାରେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ପୌରପାଳିକାର ଉପାଧ୍ୟକ୍ଷ ଓ ଅନ୍ୟ ୧୦ ଜଣ ନିର୍ବାଚିତ କାଉନସିଲର ଏହି ପିଟିସନ ଦାଖଲ କରିଛନ୍ତି। ଏହି ମାମଲାର ଶୁଣାଣି କରି ଅଦାଲତ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାଦେଶ ବା ୱାର୍କ ଅର୍ଡର ପୂର୍ବରୁ ଜାରି ହୋଇସାରିଥିବାରୁ ଅଦାଲତ କାର୍ଯ୍ୟ ଉପରେ ରୋକ ଲଗାଇବାକୁ ମନା କରିଦେଇଛନ୍ତି। ଜଷ୍ଟିସ ଭି. ନରସିଂହ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୨୯କୁ ଧାର୍ଯ୍ୟ ହୋଇଛି।

ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୬ ଫେବୃଆରୀ ୧୭ରେ ଢେଙ୍କାନାଳ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ଟେଣ୍ଡର କଲ୍ ନୋଟିସରେ ବହୁ ଅନିୟମିତତା ହୋଇଛି ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛତାର ସହ କରାଯାଇ ନାହିଁ। ଟେଣ୍ଡର ପ୍ରକ୍ରିୟାରେ ପକ୍ଷପାତ ହୋଇଥିବାରୁ ସରକାରୀ ଅର୍ଥର କ୍ଷତି ହୋଇଛି। ଆବେଦନକାରୀମାନେ ଟେଣ୍ଡର କଲ୍ ନୋଟିସକୁ ରଦ୍ଦ କରିବା, ଓପିଡବ୍ଲୁଡି ନିୟମ ଅନୁଯାୟୀ ପୁନର୍ବାର ଇ-ପ୍ରକ୍ୟୁରମେଣ୍ଟ ପୋର୍ଟାଲ ମାଧ୍ୟମରେ ଟେଣ୍ଡର ଜାରି କରିବା ସହ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କିମ୍ବା ଭିଜିଲାନ୍ସ ତଦନ୍ତ କରିବାକୁ ପ୍ରାର୍ଥନା କରିଛନ୍ତି। ଏ ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା ଯେ ମାମଲା ଦାଖଲରେ ବିଳମ୍ବ ହୋଇଛି ଏବଂ ଏହି ମଧ୍ୟରେ କାର୍ଯ୍ୟାଦେଶ ଜାରି ହୋଇସାରିଛି। ଅଦାଲତ ଉଭୟପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାଦେଶ ଓ କାମକୁ ସ୍ଥଗିତ ରଖିବା ପାଇଁ ପ୍ରାର୍ଥନା କରାଯାଇଥିଲେ ମଧ୍ୟ କାର୍ଯ୍ୟାଦେଶ ପୂର୍ବରୁ ଜାରି ହୋଇସାରିଥିବାରୁ ରୋକ ଲଗାଇବାକୁ ମନା କରିଦେଇଛନ୍ତି।

# ଏସି ଫାଟି ଦୁଇ ଗୁରୁତର

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦ୍ରଶେଖରପୁର ମୈତ୍ରୀବିହାର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ଏସି ଫାଟିଯିବାରୁ ଦୁଇଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଗୁରୁତର ଆହତ ଦୁଇଜଣ ହେଲେ ହୋଟେଲ କର୍ମଚାରୀ ଶ୍ରୀକାନ୍ତ ନାୟକ ଓ ଏସି ମେକାନିକ୍ । ଦୁହେଁ କାମ କରିବା ବେଳେ ଏସି କମ୍ପ୍ରେସର ଫାଟିଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏସି ଫାଟିଯିବାରୁ ଅଗ୍ନିକାଣ୍ଡ ମଧ୍ୟ ଘଟିଥିଲା । ମୈତ୍ରୀବିହାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇବାରେ ସହାୟତା କରିଥିଲା । ଦୁଇ ଗୁରୁତର ଆହତ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ମୈତ୍ରୀବିହାର ଥାନା ପୋଲିସ କହିଛି ।

# ଶାଶୂଙ୍କୁ ମାଡ଼ ମାରି ବୋହୂ କୋର୍ଟ ଚାଲାଣ

ବାଲିପାଟଣା ,(ସବ୍ୟୁ): ଘରେ କେହି ନଥିବାର ସୁଯୋଗ ନେଇ ଶାଶୂଙ୍କୁ ମାଡମାରି ଘରୁ ଗହଣା ଲୁଟିନେଲା ବୋହୂ ।ଅଭିଯୋଗ ପରେ ବୋହୂକୁ କୋର୍ଟ ଚାଲାଣ କରିଛି ବାଲିପାଟଣା ପୋଲିସ । ଅଭିଯୋଗ ଅନୁସାରେ ବାଲିପାଟଣା ଥାନା ଙଅରାଗଡ ଗ୍ରାମର ଟୁକୁସେନ ପାତ୍ରଙ୍କ ପୁଅଙ୍କୁ ଶିଶୁପାଳଗଡ଼ ଗ୍ରାମର ପରୀକ୍ଷିତ ଜେନାଙ୍କ ଝିଅ ଅନ୍ନପୂର୍ଣ୍ଣା ଜେନା(୩୨) ଓରଫ ବେବିନାଙ୍କୁ ବିବାହ କରିଥିଲା ।ହେଲେ ବିବାହ ପରଠାରୁ ବେବିନା ଲଗାତାର ଭାବେ ଶାଶୂ ଶଶୁରଙ୍କୁ ମାଡ ମାରିବା ସହିତ ଗ୍ରାମ ଲୋକଙ୍କ ସହିତ ଗଣ୍ଡଗୋଳ କରେ । ତାର ଭୟରେ ଶାଶୂ ଶଶୁର ଦୀର୍ଘଦିନ ଧରି ଘର ଛାଡ଼ି ବାହାରେ ରହି ଆସୁଥିଲେ । ଗଣ୍ଡଗୋଳ ମାମଲାରେ ବେବିନା ଜେଲ ଯାଇ ସାରିଛି ଓ ଏକାଧିକ କେସ ମଧ୍ୟ ତା ନାମରେ ରହିଛି । ଏହା ମଧ୍ୟରେ ଦୁହିଁଙ୍କର ବିବାହ ବିଚ୍ଛେଦ ହୋଇସାରିଥିବ ବେଳେ କୋର୍ଟ ନିର୍ଦ୍ଦେଶ ଅନୁସାରେ ଶାଶୂ ଶଶୁର ନିଜର ଘରେ ରହୁଛନ୍ତି ।

# ୪ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ, (ସବ୍ୟୁ) : ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ୪ ବିଚାର ବିଭାଗୀୟ ଅଧିକାରୀଙ୍କୁ ବଦଳି କରାଯାଇଛି। ମେ ୧୩ ତାରିଖରେ ହାଇକୋର୍ଟଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି। ଦୀପକ କୁମାରଙ୍କୁ କେନ୍ଦ୍ରାପଡ଼ା ଜିଲା ଓ ଦୌରାଜଜ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଗିରିଜା ପ୍ରସାଦ ମହାପାତ୍ରଙ୍କୁ ସୋନପୁର ଜିଲା ଓ ଦୌରାଜଜ ଭାବେ ବଦଳି କରାଯାଇଛି। ସେହିପରି ହର ପ୍ରସାଦ ପଟ୍ଟନାୟକଙ୍କୁ ପାରଳାଖେମୁଣ୍ଡିରେ ଅତିରିକ୍ତ ଜିଲା ଜଜ ଭାବେ ଓ ବିଭୁ ପ୍ରସାଦ ପଣ୍ଡାଙ୍କୁ ଜଗତସିଂହପୁରରେ ଅତିରିକ୍ତ ଜିଲା ଜଜ ଭାବେ ଅବସ୍ଥାପିତ କରାଯାଇଛି।

## ଜଳ ସମ୍ପଦ ବିଭାଗ ୱାର୍କ ଚାର୍ଜଡ୍ କର୍ମଚାରୀଙ୍କ ପେନ୍‌ସନ୍ ପ୍ରଦାନ ମାମଲା

# ମାସକ ମଧ୍ୟରେ ସମାଧାନ ହେବ : ସଚିବ

କଟକ,(ସବ୍ୟୁ): ଜଳ ସମ୍ପଦ ବିଭାଗର ୱାର୍କ ଚାର୍ଜଡ୍ କର୍ମଚାରୀଙ୍କ ପେନ୍‌ସନ୍ ପ୍ରଦାନ ସମ୍ପର୍କିତ ଅଦାଲତ ଅବମାନ ମାମଲାରେ ହାଇକୋର୍ଟରେ ବ୍ୟକ୍ତିଗତ ପରିବର୍ତ୍ତେ ଭର୍ଚୁଆଲ ରେ ହାଜର ହୋଇଥିଲେ ଜଳସମ୍ପଦ ବିଭାଗ ସଚିବ ଶୁଭ ଶର୍ମା। ଇପିଏଫ୍ ସମସ୍ୟା ଯୋଗୁଁ ଏହି କର୍ମଚାରୀମାନଙ୍କ ପେନ୍‌ସନ୍ ପ୍ରଦାନରେ ବିଳମ୍ବ ଘଟୁଛି । ତେବେ ଆସନ୍ତା ମାସକ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ମୋଟ ୨୩ ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୧ ଜଣଙ୍କୁ ପ୍ରୋଭିଜିନାଲ ପେନ୍‌ସନ୍ ମଞ୍ଜୁର କରାଯାଇଥିବା ନେଇ ସେ ଅଦାଲତଙ୍କୁ କହିଥିଲେ। ଏହି ଜବାବ ପରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି ରାଉତରାୟ ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ଆସନ୍ତା ଜୁଲାଇ ୨୩ ତାରିଖ ଅପରାହ୍ନ ୨ଟାକୁ ଧାର୍ଯ୍ୟ କରିଛନ୍ତି । ଜଳସମ୍ପଦ ବିଭାଗରେ ୱାର୍କ ଚାର୍ଜଡ୍ ପଦରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଶଶିଭୂଷଣ ପ୍ରଧାନ, ଘନଶ୍ୟାମ ଦେହୁରୀ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ପେନ୍‌ସନ୍ ନମିଳିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ ଲାଗି ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

## ବକେୟା ଦରମା ଦାବିରେ ମେଡିକାଲ ସୁରକ୍ଷା କର୍ମୀଙ୍କ ଧାରଣା

# ଧାରଣାସ୍ଥଳରେ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ଗୁରୁବାର ଦିନ ତମାମ କାର୍ଯ୍ୟରେ ଯୋଗନଦେଇ ବକେୟା ଦରମା ଦାବିରେ ଧାରଣା ଦେଇଥିଲେ। ତେବେ ଦିନ ୩ଟା ବେଳକୁ ଠିକା ସଂସ୍ଥା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଁଚି ବକେୟା ଥିବା ୧ମାସ ର ଦରମା ଦେବାକୁ ପ୍ରତିଶୃତି ଦେବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥା ଜରିଆରେ ୭୦ସୁରକ୍ଷା କର୍ମୀମାନେ ନିୟୋଜିତ ରହିଛନ୍ତି। ସେମାନଙ୍କ କାର୍ଯ୍ୟ ତଦାରଖ ଲାଗି ୩ଜଣ ସୁପରଭାଇଜର୍ ରହିଛନ୍ତି। ଗତ ଅପ୍ରେଲ ମାସର ଦରମା ସେମାନଙ୍କୁ ସଂସ୍ଥା ପ୍ରଦାନ କରିନଥିବାବେଳେ ଚଳିତ ମାସ ଆସି ୧୫ଦିନ ହେଲାଣି। ଦରମା କଥା କହିଲେ ସଂସ୍ଥା କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିବାରୁ କାର୍ଯ୍ୟରତ ସମସ୍ତ ସୁରକ୍ଷା କର୍ମୀ କାର୍ଯ୍ୟଛାଡି ଧାରଣା ଦେଇଥିଲେ। ଖବର ପାଇ ଧାରଣାସ୍ଥଳକୁ ମେଡିକାଲ କର୍ତ୍ତୃପକ୍ଷ ତଥା ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ଶ୍ୟାମାପ୍ରସନ୍ନ ମିତ୍ର ପହଞ୍ଚି ବିନା ସୂଚନାରେ ଧାରଣା ଦେଇଥିବା ସୁରକ୍ଷା କର୍ମୀଙ୍କୁ ବୁଝାସୁଝା କରିବା ସମୟରେ କିଛି ବାହାର ବ୍ୟକ୍ତି ଏହାର ଭିଡିଓ ଉତୋଳନ କରୁଥିଲେ।ମାତ୍ର ଡ. ମିତ୍ର ଏଥିରେ ପ୍ରତିବାଦ କରିବାରେ ତାଙ୍କୁ ଉକ୍ତ ଯୁବକମାନେ ଧକ୍କା ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରିଥିଲେ। ଏନେଇ ସେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ସିଡିଏମ୍‌ଓ ଓ ଉଚ୍ଚ ପଦସ୍ଥ ଅଧିକାରୀ ମେଡିକାଲ ରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଡାକ୍ତରଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଆଦର୍ଶ ଥାନା ଅଧିକାରୀଙ୍କୁ କହିଥିଲେ।

ଅନ୍ୟପକ୍ଷରେ ଆଦର୍ଶ ଥାନା ଅଧିକାରୀ, ଠିକାସଂସ୍ଥାର ପରିଚାଳକ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଧାରଣାରତ ସୁରକ୍ଷା କର୍ମୀଙ୍କୁ ବୁଝାଇଥିଲେ। ବକେୟା ୧ମାସ ର ଦରମା କୁ ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରେ ଦିନ ୩ଟା ବେଳକୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପାଶ୍ୱର୍ରେ ବିନା ସୂଚନା ରେ କାର୍ଯ୍ୟରେ ଯୋଗନଦେଇ ଧାରଣା ଦେବା, ଏଥିରେ ବାହାର ଲୋକଙ୍କୁ ସାମିଲ କରି କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ କରିବା ଭଳି ଅଭାବନୀୟ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗହଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।





ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ନବ ଘୋଷିତ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିବା ସହିତ ବାଲେଶ୍ୱର ଜିଲ୍ଲାରେ ସାଂଗଠନିକ ସୁଦୃଢ଼ତା ନେଇ ଆଲୋଚନା କରୁଛନ୍ତି ।

# ଅଚ୍ୟୁତ ସାମନ୍ତ ଆମେରିକାରେ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): କିସ୍ ଜରିଆରେ ଜନଜାତି ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ନେଟିଭ୍ ଆମେରିକାନ ଷ୍ଟଡିଜ୍ ବିଭାଗ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ବିଶେଷ ସ୍ୱୀକୃତି ସହ ସମ୍ମାନୀତ କରାଯାଇଛି। ମାନବିକତା ଏବଂ ଶିକ୍ଷା ବିକାଶ କ୍ଷେତ୍ରରେ ମୋଣ୍ଟାନାରେ ଏପରି ସମ୍ମାନ ପାଇବାରେ ଅଚ୍ୟୁତ ସାମନ୍ତ ହେଉଛନ୍ତି ପ୍ରଥମ ଭାରତୀୟ ଓ ଅଣ-ଆମେରିକୀୟ। ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟି ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏ ଲିଗାସି ଅଫ୍ କମ୍ପାସନ୍: ହନରିଂ ଅଚ୍ୟୁତ ସାମନ୍ତ ଆଣ୍ଡ ଦି ଆର୍ଟ ଅଫ୍ ଗିଭିଂ'ରେ ଶ୍ରୀ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା। ମୋଣ୍ଟାନା ଗଭର୍ଣ୍ଣର ଗ୍ରେଗ୍ ଜିଆନଫର୍ଟ, ଭାରତର କନସଲ ଜେନେରାଲ ପ୍ରକାଶ ଗୁପ୍ତା, ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍ସିଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ନିକି ଗାଇସଲର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର



ସଭାପତି ଡ ବ୍ରକ୍ ଟେସମ୍ୟାନ୍ ତାଙ୍କୁ ସମ୍ମାନୀତ କରିଥିଲେ। ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ନେଟିଭ ଆମେରିକାନ୍ ଷ୍ଟଡିଜ୍ ବିଭାଗକୁ ଯୁକ୍ତରାଷ୍ଟ୍ରର ମୂଳ ଆମେରିକୀୟଙ୍କ ବିଷୟରେ ଅଧ୍ୟୟନ ପାଇଁ ଉତ୍ସର୍ଗୀକୃତ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ ।

ସେହିପରି ମୋଣ୍ଟାନା ଆମେରିକାର ଏକ ଜନଜାତି ବହୁଳ ରାଜ୍ୟ ହୋଇଥିବା ବେଳେ ସେଠାକାର ପାରମ୍ପରିକ ଜନଜାତି ଢ଼ଙ୍ଗରେ ଶ୍ରୀ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା। ମୂଳ ଆମେରିକୀୟ ଜନଜାତି ସଂପ୍ରଦାୟ ଦ୍ୱାରା ଶ୍ରୀ ସାମନ୍ତଙ୍କୁ ସେମାନଙ୍କର ପବିତ୍ର ଜନଜାତି କମ୍ବଳ ସହିତ ଆଧ୍ୟାତ୍ମିକ ଢ଼ଙ୍ଗରେ ସମ୍ମାନିତ କରାଯାଇଥିଲା। ଏହା ସେମାନଙ୍କ ପରମ୍ପରାରେ ଏକ ବିଶେଷ ସମ୍ମାନର ଚିହ୍ନ। ସୂଚନାଯୋଗ୍ୟ ମୋଣ୍ଟାନାରୁ ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ କିଟ୍ କିସ୍ ପରିଦର୍ଶନରେ ଆସି ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ସେମାନେ ଫେରିବା ପରେ ଶ୍ରୀ ସାମନ୍ତଙ୍କୁ ରାଜ୍ୟର ସର୍ବୋଚ୍ଚ ସମ୍ମାନ ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ।

ସେହିପରି ଶିକ୍ଷା ଓ ସଶକ୍ତିକରଣ ମାଧ୍ୟମରେ ଜନଜାତି ଯୁବପିଢ଼ିଙ୍କ ବିକାଶ, 'ବସୁଧୈବ କୁଟୁମ୍ବକମ୍'- ଅର୍ଥାତ୍"ସମଗ୍ର ବିଶ୍ୱ ଗୋଟିଏ ପରିବାର ଏହି ଭାରତୀୟ ଦର୍ଶନର ପ୍ରଚାର, ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା (ମୋଣ୍ଟାନା) ମଧ୍ୟରେ ସାଂସ୍କୃତିକ ଓ ଶିକ୍ଷାଗତ ସଂପର୍କକୁ ସୁଦୃଢ଼ କରିବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସର ସ୍ୱୀକୃତି ସ୍ୱରୂପ ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍ସିଲ୍ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଗ୍ଲୋବାଲ୍ ଭିଜନାରୀ ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ଏବଂ ସଶକ୍ତିକରଣ ଜରିଆରେ ହଜାର ହଜାର ଜନଜାତି ଯୁବପିଢ଼ିଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଶ୍ରୀ ସାମନ୍ତଙ୍କ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରାଯାଇଥିଲା । ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟି ଓ ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍ସିଲ୍ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏଭଳି ସମ୍ମାନ ଭାରତର ଜନଜାତିଙ୍କ ବିକାଶ ଦିଗରେ ଅଧିକ କାମ କରିବା ପାଇଁ ପ୍ରେରଣା ଦେବ ବୋଲି କହିଛନ୍ତି ।

### ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

## ବିଭିନ୍ନ ବିଭାଗର ବ୍ୟୟ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।



ବୈଠକରେ ଅର୍ଥ ବିଭାଗ ପକ୍ଷରୁ ଗତ ଅପ୍ରେଲ ମାସ ଶେଷ ସୁଦ୍ଧା ବିଭିନ୍ନ ବିଭାଗର ବ୍ୟୟ ସମେତ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ବୈଠକରେ ବିଭିନ୍ନ ଭିତ୍ତିଭୂମି କ୍ଷେତ୍ର, ସାମାଜିକ, କୃଷି ଓ ଉଦୀୟମାନ କ୍ଷେତ୍ରରେ ବ୍ୟୟ ସ୍ଥିତି ଅନୁଧ୍ୟାନ କରାଯାଇ କାର୍ଯ୍ୟ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟ୍‌ରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି, ତାହାକୁ ଅଗ୍ରାଧିକାର ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ମଖ୍ୟମନ୍ତ୍ରୀ ଦେଇଥିବା ବିଭିନ୍ନ ବିଭାଗ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପର୍ଯ୍ୟବେକ୍ଷଣ ସଂପର୍କିତ ପତ୍ର (ୟୁଓଆଇ ନୋଟ)ର କାର୍ଯ୍ୟାନୁଷ୍ଠାନ ସଂପର୍କରେ ସମୀକ୍ଷା କରାଯାଇ ଉତ୍ତର

**ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବାକୁ ଗୁରୁତ୍ୱ**

ଅପେକ୍ଷାରେ ଥିବା ବିଭାଗମାନଙ୍କୁ ଶୀଘ୍ର ଅନୁପାଳନ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜଳଜୀବନ ମିଶନ-୨.୦ ମାଧ୍ୟମରେ ନିରନ୍ତର ଗ୍ରାମୀଣ ପାନୀୟ ଜଳ ଯୋଗାଣ ଏବଂ ଏଥିରେ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗ ଓ ସମନ୍ୱୟ ସଂପର୍କରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଉପସ୍ଥାପନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ । ବୈଠକର ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି. ଯୋଗଦେଇ "ଓଡ଼ିଶା ଭିଜନ" ଲକ୍ଷ୍ୟ ନେଇ ଜିଲ୍ଲାର ୨୫ ଟି ପ୍ରମୁଖ ପଦକ୍ଷେପ ସଂପର୍କରେ ଏକ ଉତ୍ସାହଜନକ ଓ ଦୂରଦର୍ଶୀ ରୋଡମ୍ୟାପ ଉପସ୍ଥାପନ କରିଥିଲେ, ଯାହାକି ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ଗୋପାଳପୁରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ବିକଶିତ କରିବା, 'ବାହୁଦା' ଗଭୀର ସମୁଦ୍ର ବନ୍ଦରର ବିକାଶ, ବୃହତ୍ ବ୍ରହ୍ମପୁର ମହାନଗର ନିଗମର ସାମଗ୍ରିକ ଉନ୍ନତି, ପିପଲପଙ୍କା ଜଳସେଚନ ପ୍ରକଳ୍ପ, ଆର୍ଯ୍ୟପଲ୍ଲୀ ମାଛଧରା ବନ୍ଦର, ଜାତୀୟ ରାଜପଥ-୧୬ ର ସଂପ୍ରସାରଣ ଓ ଏହାକୁ ୬ ଲେନ୍ ବିଶିଷ୍ଟ କରାଯିବ।

### ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ

## ନୂଆବଜାର ସେଣ୍ଟ ଜାଭିୟର ସ୍କୁଲରେ ଶ୍ୱେତପଦ୍ମା ପ୍ରଥମ



କଟକ, (ସବ୍ୟୁ): କଟକ ନୂଆବଜାରସ୍ଥିତ ସେଣ୍ଟ ଜାଭିୟର ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ସିବିଏସଇ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତ ବର୍ଷ ବିଦ୍ୟାଳୟର ସର୍ବମୋଟ ୬୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୩୫ ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ଶ୍ୱେତପଦ୍ମା ଷଡ଼ଙ୍ଗୀ ୯୦.୬ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆୟୁଷ ପାତ୍ର (୮୮ ପ୍ରତିଶତ) ଦ୍ୱିତୀୟ ଏବଂ ଅମୃତାଂଶୁ ଦାସ (୮୫ ପ୍ରତିଶତ) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କୃତି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବାଘମଙ୍ଗଳା ମଣ୍ଡଳର ମହିଳା ଜନ ଆକ୍ରୋଶ ପଦଯାତ୍ରା

କଟକ, (ସବ୍ୟୁ):ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ତରଫରୁ ବାଘମଙ୍ଗଳା ମଣ୍ଡଳ ର ମହିଳା ଜନ ଆକ୍ରୋଶ ପଦଯାତ୍ରା କଲେଜ ଛକ ସ୍ଥିତ ସୁଭାଷ ବୋଷ ପ୍ରତିମୂର୍ତ୍ତିରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଚୌଦ୍ୱାର କଟକ ନେତା ନୟନ କିଶୋର ମହାନ୍ତି ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଅଛି। ଲୋକସଭାରେ ବିଜେପି ଆଣିଥିବା ମହିଳା ସରକ୍ଷଣ ବିଲକୁ ବିରୋଧ କରିଥିବା କଂଗ୍ରେସ, ଟି ଏମ ସି, ବିଜେଡି ଦଳକୁ ଧିକାର କରି ଲୋକଙ୍କୁ ଜଣାଇବା ପାଇଁ ବିଶାଳ ମହିଳା ପଦଯାତ୍ରା ବିଭିନ୍ନ ନାରା ଦେଇ ମାଛୁଆ ବଜାରରେ ପହଞ୍ଚିଥିଲା। ଏହି ଯାତ୍ରାରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପ୍ରଧାନ, ମମତା ବେହେରା, ସିତା ସାହୁ, ହରିପ୍ରିୟା ଧଳ, ସରିତା ଶୁକ୍ଳ, ରଶ୍ମିତା ବାଲି, ତନୁଶ୍ରୀ ମହାନ୍ତି, ସରସ୍ୱତୀ ମହାରଣା,ଚିନ୍ମୟୀ ବେହେରା, ସ୍ୱର୍ଣ୍ଣ ଲତା ସେଠି, ଗିତା ଦାସ, ସ୍ୱବର୍ଣ୍ଣଲତା ବେହେରା ଙ୍କ ସହିତ ହଜାର ହଜାର ସଂଖ୍ୟା ରେ ମହିଳା ଙ୍କ ସହିତ କର୍ପୋରେଟର ଦୀପକ ଦାସ, ଗୋପାଳ ବେହେରା, ମୁନୀନ୍ଦ୍ର ଭୋଳ, ଜିଲ୍ଲା ଉପ ସଭାପତି ଭାଗିରଥି ଦଳାଇ,ବିଶ୍ୱରଥୀ ସ୍ୱାଇଁ, ଧିର ସେଠି, ଚିରଞ୍ଜିବି ଖଣ୍ଡାୟତ ରାୟ, ବ୍ରଜ କିଶୋର ବେହେରା, ସଞ୍ଜୟ ସାହୁ, ଧର୍ମେନ ଗୁପ୍ତା, ଗଙ୍ଗାଧର ସାହୁ, ମଣ୍ଡଳ ସଭାପତି ଅନୀଲ ଦଳାଇ, ସୁରଥ ରାଉତ,ଜିଲ୍ଲା ସଂଖ୍ୟା ଲଘୁ ମୋର୍ଚ୍ଚାସଭାପତି ଶ୍ରୀ ସବୀର, ପ୍ରମୁଖ ବିପୁଳ ସଂଖ୍ୟା ରେ ମହିଳା ମାନେ ମାଛୁଆ ବଜାର ସହିଦ ପଡିଆରେ ଶେଷ କରିଥିଲେ। ବାଘ ମଙ୍ଗଳା ମଣ୍ଡଳ ସଭାପତି ତ୍ରିଲୋଚନ ସାହୁ ପଦଯାତ୍ରା ପରିଚାଳନା କରିଥିଲେ।

## ଟ୍ରଲର ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଖୋର୍ଦ୍ଧା, (ସବ୍ୟୁ) ଖୋର୍ଦ୍ଧା ନୂଆବସଷ୍ଟାଣ୍ଡ ଟ୍ରାଫିକ୍ ନିକଟରେ ଆଜି ଅପରାହ୍ନରେ ଏକ ଟ୍ରଲ ର ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଗାନ୍ଧୀପଡିଆରେ ରହୁଥିବା କୈଳାଶ ଚନ୍ଦ୍ର ବଳିୟାରସିଂହ (୮୨) । ପ୍ରକାଶ ଥାଉକି, ଶ୍ରୀ ବଳିୟାରସିଂହ ଆଜି ଘରୁ କୌଣସି କାମରେ ବଜାର ଆସିଥିଲେ। ଏହି ସମୟରେ ଚଣ୍ଡିଚୁଆ ଅଭିମୁଖେ ଆସୁଥିବା ଓଡି.୦୨ଡିଜେ-୫୩୨୫ନଂ ବିଶିଷ୍ଟ ବଡ ଡ୍ରିଲିଂ ମେସିନ୍ ବୋଝେଇ ଟ୍ରଲର ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଁଚି ଉକ୍ତ ଟ୍ରଲର ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଚାକିରି ଦେବା ନାଁରେ ୧୦ ଲକ୍ଷରୁ ଅଧିକ ଠକେଇ : ଆସାମୀଙ୍କୁ ବର୍ଷେ ଜେଲ୍

ଜଟଣୀ, (ସବ୍ୟୁ) : ଜଟଣୀ ଥାନା ଅଞ୍ଚଳରେ ୨୦୨୫ ମସିହାରେ ଘଟିଥିବା ଏକ ଠକେଇ ମାମଲାର ବିଚାର କରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଦେବେନ୍ଦ୍ର ନାଥ ବାଗ୍ ଆସାମୀ ଦିଲ୍ଲୀପ କୁମାର ସାହୁଙ୍କୁ ୧ ବର୍ଷର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଅଭିଯୋଗକାରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ (୬୭) ତାରାତାରିଣୀ ମନ୍ଦିରକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ସମୟରେ ସେହି ସମୟରେ ଅଭିଯୁକ୍ତ ଦିଲ୍ଲୀପ କୁମାର ସାହୁଙ୍କ ସହ ପରିଚିତ ହୋଇଥିଲେ। ଅଭିଯୁକ୍ତ ଅଭିଯୋଗକାରୀଙ୍କ ପୁଅ ଓ ଝିଅଙ୍କୁ ସରକାରୀ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତଙ୍କ ଆଶ୍ୱାସନରେ ବିଶ୍ୱାସ କରି ଅଭିଯୋଗକାରୀ ତାଙ୍କୁ ବିଭିନ୍ନ ତାରିଖରେ ଚେକ, ନଗଦ ଟଙ୍କା ଏବଂ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ମୋଟ ୧୦ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ଗ୍ରହଣ କରିବା ପରେ ମଧ୍ୟ ଅଭିଯୁକ୍ତ ଅଭିଯୋଗକାରୀଙ୍କ ପୁଅ ଓ ଝିଅଙ୍କୁ କୌଣସି ସରକାରୀ ଚାକିରି ଦେଇନଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ। ଅଭିଯୋଗକାରୀ ଟଙ୍କା ଫେରସ୍ତ ଦାବି କରିବାରୁ ଅଭିଯୁକ୍ତ ଏକ ଚେକ ପ୍ରଦାନ କରିଥିଲେ। କିନ୍ତୁ ଉକ୍ତ ଚେକଟି ବ୍ୟାଙ୍କରେ ଜମା କରାଯିବା ପରେ ଅଭିଯୁକ୍ତଙ୍କ ଖାତାରେ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ଚେକଟି ବାଉନ୍ସ ହୋଇଥିଲା।

### ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ଛାତ୍ରୀ

## ଆଦ୍ୟାଶା ସାହୁ ରାଜ୍ୟ ଟପ୍ପର

ଭୁବନେଶ୍ୱର (ସବ୍ୟୁ): ସଦ୍ୟ ପ୍ରକାଶିତ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ଫଳାଫଳରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ୯୦%ରୁ ଉଦ୍ଧର୍ ମାର୍କ୍ ରଖିଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ସ୍କୁଲ୍ ତରଫରୁ କ୍ରୀଷ୍ଣା ବିକାଶ ଅଡିଟୋରିୟମ୍‌ଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏକ ପ୍ରେସ୍‌ମିଟ୍‌ରେ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ପିତାମାତା ଏବଂ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ କ୍ରୀଷ୍ଣା ବିକାଶର ଚେୟାରମେନ୍ ଦାଶରୀ ମୂରଲୀ କ୍ରୀଷ୍ଣା ସମସ୍ତ ଅଧ୍ୟକ୍ଷ-ଉପାଧ୍ୟକ୍ଷଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୂରଲୀ କ୍ରୀଷ୍ଣା ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ସାହୁ ରାଜ୍ୟ ଟପ୍ପର ହେବାର ଖୁସି ବ୍ୟକ୍ତକରିବା ପାଇଁ ସମ୍ପୂର୍ଣ୍ଣ ଫଳାଫଳକୁ ସାମ୍ବାଦିକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବୁଧବାର ପ୍ରକାଶ ପାଇଥିବା ସିବିଏସ୍‌ସି ଦ୍ୱାଦଶ ଶ୍ରେଣୀ ପରିକ୍ଷା ଫଳରେ ବିକାଶ ଆବାସିକ




ବିଦ୍ୟାଳୟର ୩୩ ଜଣ ଛାତ୍ରଛାତ୍ରୀଙ୍କ ୯୫% ରୁ ଉର୍ଦ୍ଧ୍ୱ ମାର୍କ ୧୦୨ ଜଣ ଛାତ୍ରଛାତ୍ରୀଙ୍କ ୯୦% ରୁ ଉର୍ଦ୍ଧ୍ୱ ମାର୍କ ଏବଂ ୩୧୮ ଜଣ ଛାତ୍ରଛାତ୍ରୀ ୮୦ ରୁ ଉର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖି ସ୍କୁଲ୍‌କୁ ଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିଛନ୍ତି। ମୂରଲୀ କ୍ରୀଷ୍ଣା ସମସ୍ତ କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉଚ୍ଚମାନର ଫଳାଫଳ ପାଇଁ ତାଙ୍କର କଠିନ ପରିଶ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟ ସିନିୟର ସେକାଣ୍ଡାରୀର ଅଧ୍ୟକ୍ଷ ଚିତ ରଞ୍ଜନ ପତି ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରେସ୍‌ମିଟ୍‌ରେ ସ୍ୱାଗତ ଭାଷଣ ଦେଇଥିଲେ।

## ସମ୍ ନର୍ସିଂ କଲେଜ ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ସମ ନର୍ସିଂ କଲେଜ ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ଆନ୍ତର୍ଜାତିକ ନର୍ସେସ୍ ଦିବସ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଛି। ନର୍ସମାନେ ଦିବାରାତ୍ରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ରଖୁଥିବା ବେଳେ ସେମାନଙ୍କୁ ସଶକ୍ତ କରିବାର ପ୍ରଚେଷ୍ଟା ସମ୍ପର୍କରେ ଏହି ଦିବସ ପାଳନ ଅବସରରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନ୍ୟାସ୍‌ନାଲ ଆଲାଏନ୍ସ ଅଫ୍ ୱିମେନ୍ ଇନ୍ ଇଣ୍ଡିଆ, ଓଡ଼ିଶା ଶାଖାର ସମ୍ପାଦିକା ଶ୍ରୀମତି ପ୍ରମିଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ପ୍ରତ୍ୟେକ ମା' ନର୍ସଙ୍କ ଭୂମିକା ତୁଲାଇଥାନ୍ତି। ଏହି ବୃତିକୁ ଆପଣାଉଥିବା ଛାତ୍ରଛାତ୍ରୀମାନେ ସମ୍ମାନର ସହ କାର୍ଯ୍ୟ କରନ୍ତୁ। ତେବେ ସେମାନଙ୍କୁ ସଶକ୍ତ ହେବାର ଆବଶ୍ୟକତା ଥିବା ସେ କହିଥିଲେ।

କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲ୍, ଭୁବନେଶ୍ୱରର ନିର୍ଦ୍ଦେଶିକା ନର୍ସିଂ ସର୍ଭିସେସ୍ ଶ୍ରୀମତି ଲେଖା ଅମିନିକୁଟୀ ପ୍ରଫେସ୍‌ନାଲ୍ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସମାନେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରିବେ। ତେବେ ସେମାନଙ୍କୁ ଅଧିକ ଦକ୍ଷ ହେବାକୁ ପଡ଼ିବ ଏବଂ ଆନାଟୋମୀ ଏବଂ ଫିଜିଓଲୋଜି ଭଳି ବିଷୟକୁ ଅଧିକ ବୁଝିବାକୁ ପଡ଼ିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଟ୍ରେନ୍‌ଡ ନର୍ସେସ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଟିଏନ୍‌ଏଆଇ) ଓଡ଼ିଶା ଶାଖାର ଉପଦେଷ୍ଟା ପ୍ରଫେସର ସରୋଜ ନଳିନୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ସହଯୋଗ ନେଇ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେଇଥିଲେ। ସେ କହିଥିଲେ ଯେ ବର୍ତ୍ତମାନ ଅଧିକରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ନର୍ସିଂ ବୃତିରେ ପ୍ରବେଶ କରୁଛନ୍ତି। ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଖୁବ ଭଲ ସଙ୍କେତ ବୋଲି ସେ କହିଥିଲେ। ଏହି ଅବସରରେ ସମ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠୀ ଯୋଗ ଦେଇ କିଭଳି ଭାବରେ ଜଣେ ଭଲ ନର୍ସ ହେବା ସହ ସମ୍ମାନର ସହ ଦକ୍ଷ ରୋଗୀ ସେବା ତୁଲାଇ ପାରିବ ସେ ସମ୍ପର୍କରେ ମତ ରଖିଥିଲେ।

## ରାଜ୍ୟପାଳଙ୍କୁ ପୁରୀ ଲୋକଭବନ ଜମି ପଟ୍ଟା ପ୍ରଦାନ



ପୁରୀ (ସବ୍ୟୁ): ଗୁରୁବାର ଦିନ ଭୁବନେଶ୍ୱର ଲୋକଭବନ ପରିସରରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି ଙ୍କୁ ପୁରୀ ଲୋକ ଭବନର ପଟ୍ଟା ପ୍ରଦାନ କରାଯାଇଛି ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ପୁରୀର ଲୋକଭବନର ଅଧିକାର ରେକର୍ଡ (ଜକ୍ଟଜ) ରାଜ୍ୟପାଳ ଙ୍କୁ ପ୍ରଦାନ କରିଛନ୍ତି । ଯାହା ମୌଜା-ଗାନ୍ଧୀ ଘାଟ, ୟୁନିଟ୍-୨୫, ଖାତା ନଂ ୯୦/୧ ମାପ ୦.୫୪୬ ଏକର ଏବଂ ଖାତା ନଂ ୯୨, ପ୍ଲଟ୍ ନଂ ୨୧୫ ମାପ ଆକାର ୧୦.୬୯ ଏକର ଅଟେ। ଅତିରିକ୍ତ ଜିଲ୍ଲାପାଳ ଙ୍କ ସହ ପୁରୀ ସଦର ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇ ଉପସ୍ଥିତ ଥିଲେ।

## ବାଉରୀବନ୍ଧୁ ସ୍ମୃତି ପରିଷଦର ମାସିକ ସାହିତ୍ୟ ସଭା

ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର ଦିନ ବାଉରୀବନ୍ଧୁ ସ୍ମୃତି ପରିଷଦର ମାସିକ ସାହିତ୍ୟ ଆଲୋଚନା ଲକ୍ଷ୍ମୀସାଗର ସ୍ଥିତ ଏମେରାଲ୍ଡ



ଆପାର୍ଟମେଣ୍ଟର କମ୍ୟୁନିଟି ହଲରେ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଉରୀବନ୍ଧୁ ସ୍ମୃତି ପରିଷଦର ବହୁ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ପରିଷଦର ଟ୍ରଷ୍ଟି ଡକ୍ଟର ବାସନ୍ତୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ଭାବରେ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଡକ୍ଟର ଲୋପାମୁଦ୍ରା ମହାନ୍ତି। ମୁଖ୍ୟବକ୍ତା ଭାବେ ଇଂଜିନିୟର ବିପିନ ବିହାରୀ ପଣ୍ଡା ମାନବବାଦର ବିଶେଷତ୍ୱ ଉପରେ ଚର୍ଚ୍ଚା କରିଥିବାବେଳେ ସମ୍ମାନିତ ବକ୍ତା ଭାବେ ଡକ୍ଟର ପ୍ରଦ୍ୟୁମ୍ନ ପଟ୍ଟନାୟକ, ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ସବିତା ମହାନ୍ତି, ଡକ୍ଟର ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ସାଂପ୍ରତିକ ସମୟରେ ମାନବବାଦ ଓ ସମ୍ବେଦନଶୀଳତା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମଣିଷ ପାଖରୁ ମରିଯାଉଥିବା ମଣିଷପଣିଆ ଓ ସେବା ମନୋଭାବ ନେଇ ତତ୍ପରତା ପ୍ରକାଶ ପାଇଥିଲା। ସାହିତ୍ୟିକ, ଚିନ୍ତକମାନେ ନିଜ ଲେଖନୀ ମାଧ୍ୟମରେ ପୁଣିଥରେ ପୂର୍ବର ସେହି ସହଯୋଗ ଓ ସହାନୁଭୂତି ଭାବ ଫେରାଇ ଆଣିବାକୁ ଚେଷ୍ଟା କରିବେ ବୋଲି ସ୍ୱୀକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ରଞ୍ଜନ ସାହୁ, ରମେଶ ଚନ୍ଦ୍ର ମହାନ୍ତି, କବି ନିରାକାର ଦାସ,ଡକ୍ଟର ସଂଘମିତ୍ରା ମହାପାତ୍ର ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ରହି ସ୍ୱଅଭିମତ ପ୍ରକାଶ କରିଥିଲେ। ପରିଶେଷରେ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଇଲଟ ଗାଡ଼ି ଓ ଏସ୍କର୍ଟ ଗାଡ଼ିକୁ ହଟାଇଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ସ୍ୱୀକାର କରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ପାଇଲଟ ଓ ଏସକର୍ଟ ଗାଡି ଗୁଡିକୁ ହଟେଇ ଦେଇଛନ୍ତି। ଗୁରୁବାର ଠାରୁ ସଚିବାଳୟ ଯିବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେବଳ ଏକମାତ୍ର ଗାଡ଼ିର ବ୍ୟବହାର କରିବେ। ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ ଖର୍ଚ୍ଚକାଟ, ବିଶେଷକରି ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ ଦେଇଛନ୍ତି। ଏହା ସହିତ, ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ, ବ୍ୟକ୍ତିଗତ ଗାଡିରେ ଯିବାଆସିବା କମ୍ କରିବା ସହିତ, ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ଓ ରଠ ଗାଡ଼ିର ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

## ଏସ୍‌ସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

କଟକ, (ସ୍ୱପ୍ର): ଗୁରୁବାର ଏସ୍‌ସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ଆଲୋଚନା ଚକ୍ର ରାଜ୍ୟ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ଡ଼ଃ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ଏଥିରେ ସମ୍ମାନିତ ଅତିଥିଭାବେ ସଂଘର ସାଧାରଣ ସମ୍ପାଦକ ପ୍ରଶନ୍ନ କୁମାର ସାମଲ ଯୋଗଦେଇ ଥିଲେ । ସଂଘର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ସଂଘର କାର୍ଯ୍ୟକାଳ ଶେଷ ହୋଇଥିବା ନେଇ ସୂଚନା ଦେଇଥିଲେ । ସଭାରେ ଉପସ୍ଥିତ ସମସ୍ତ କର୍ମଚାରୀ ମାନଙ୍କ ସମ୍ମତି କ୍ରମେ କମିଟି କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା । ପୂର୍ଣ୍ଣ ଚନ୍ଦ୍ର ରାଉତଙ୍କୁ ସଭାପତି, ରାମଚନ୍ଦ୍ର



ପ୍ରଧାନ ସମ୍ପାଦକ, ରବୀନ୍ଦ୍ର ଦେହୁରୀ ଯୁଗ୍ମ ସମ୍ପାଦକ, ଯଜ୍ଞ ଦେଇ ଯୁଗ୍ମ ସମ୍ପାଦିକା, ଚନ୍ଦନ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା । ଏଥିରେ କମିଟି ସଭ୍ୟଭାବେ ହୃଷିକେଶ ସାହୁ, ଯଯାତି କିଶୋର ସ୍ୱାଇଁ, ସୁବାଷ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ପଟ୍ଟନାୟକ, ଜୟଦେବ ଦାସ, ଧନେଶ୍ୱର ବାରିକ, ବସନ୍ତ ବାରିକ, ମାଧବ ଚନ୍ଦ୍ର ସାହୁ, ରଞ୍ଜନ ନାଏକ, ନୃସିଂହ ମହାରଣା, ଅନୁପମା ସାହୁ, ଶକୁନ୍ତଳା ଭୋଇଙ୍କୁ ଆଗାମୀ ୨ ବର୍ଷ ପାଇଁ ମନୋନୀତ କରାଯାଇଥିଲା ।

## ନିଘୋଡ଼ ନିଦ୍ରାରେ ପୋଲିସ ପ୍ରଶାସନ

# ପାଞ୍ଚ ରାତିରେ କୋଟିଏ ଟଙ୍କାର ଗହଣା ଲୁଟ୍

ଚିକିଟି, (ସବ୍ୟୁ): କେ ନୂଆଗାଁ ଥାନା ଇଲାକା ରେ ଗତକାଲି ବିଳମ୍ବିତ ରାତିରେ ଚୋରୀ ପୁଣି ଚୋରି ହୋଇଛି । ଗତକାଲିର ଚୋରି ଘଟଣାକୁ ମିଶାଇଲେ ଲଗାତାର ୫ରାତି ଧାରାବାହିକ ଭାବେ ୫୦ ଭରି ସୁନା, ୧୦ ଭରି ରୁପା ଅଳଙ୍କାର ସାଙ୍ଗକୁ ନଗଦ ୨ ଲକ୍ଷ ଟଙ୍କାକୁ ମିଶାଇଲେ ପାଖାପାଖି ଏକ କୋଟି ଟଙ୍କାର ସମ୍ପତ୍ତି ଲୁଟିଲେଣି ଚୋର । କିନ୍ତୁ ପୁଲିସକୁ ନିଘା ନଥିଲା ଭଳି ଲାଗୁଚି । କାହାକୁ ପୁଲିସ ଧରି ନପାରି ଆରାମରେ ଶୋଇଛି ପୁଲିସ । ଗତ ବିଳମ୍ବିତ ରାତିରେ ଧାନଘରର ତେନ୍ତୁଳିଆ ଯିବା ରାସ୍ତା ପାଶ୍ୱର୍ରେ ଗିରିଧାରୀ ସାହୁଙ୍କ ପରିବାର ଘରେ ଶୋଇଥିବା ବେଳେ ଘର ବାରି ପଟୁ ଦୁର୍ବୃତ୍ତ ପଶି ତାଲା ଭାଙ୍ଗି ଆଲମାରି ତାଡି କଳା କନା ବୁଲାଇଛନ୍ତି । ଏ ସମ୍ପର୍କରେ ଗିରିଧାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ତଦନ୍ତ କରି ଫେରିଛି । ସୂଚନା ଏହି କି ପ୍ରଥମେ ଗତ ରବିବାର ଦିନ ବିଳମ୍ବିତ ରାତିରେ କେ ନୂଆଗାଁ ଥାନା ପଛ ପଟ ଥିବା ରୁଷିଆ ପ୍ରଧାନ ଘରେ ପଶି ଲକ୍ଷେ ଷାଠିଏ ହଜାର ତିନି ଭରି ସୁନା ଚୋରି କରିଥିଲେ ଚୋର । ପର ଦିନ ପୁଣି ଲିଆଖାଇ ଗାଁ ପପୁନ ପ୍ରଧାନ ଘରୁ ଘରେ ପୁରୁଷ ଲୋକ ନଥିବା ସୁଯୋଗ ନେଇ ୨୫ ଭରି ସୁନା ଗହଣା ଲୁଟି ନେଇଥିଲେ । ତା ପର ଦିନ ଭୋରୁ ସକାଳୁ ସକାଳୁ ବାହୀନିପତି ଗାଁ ପୁଷ୍ପା ବେହେରା ଘର ସମ୍ମୁଖରେ ନଳକୂପ ପାଣୀ ପିଇବା ବାହାନାରେ ଆସି ପୁଷ୍ପାଙ୍କ ବେକରୁ ଝାମ୍ପି ନେଲେ ମଙ୍ଗଳ ସୂତ୍ର । ମଙ୍ଗଳବାର ରାତି ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଚିକିଟି ପେଣ୍ଠ ୬ ନଂ ଓ୍ୱାର୍ଡ ହନୁମାନ ବିହାର ସ୍ଥିତ ଜେଏସ ଚକ୍ଷୁ ପରୀକ୍ଷା କେନ୍ଦ୍ରରୁ କିଛି ନପାଇ ଲାଗିଥିବା ସବୁ ସିସି କେମେରା, ହାର୍ଡ ଡିସ୍କକୁ ଭାଙ୍ଗିଥିଲେ । ଗତକାଲି ଅର୍ଥାତ ବୁଧବାର ରାତିରେ ପୁଣି ଧାନଘର ଗାଁ ଗିରିଧାରି ସାହୁଙ୍କ ଘରେ ପଶି ୧୫ଭରି ସୁନା ଅଳଙ୍କାର ୫ଭରି ରୂପା ନଗଦ କୋଡ଼ିଏ ହଜାର ଟଙ୍କା ନେଇ ଯାଇଛନ୍ତି । ବାରମ୍ବାର ଚୋରିକୁ ନେଇ କେ ନୂଆଗାଁ ପୋଲିସର ମୁଣ୍ଡ ବିନ୍ଧା କାରଣ ପାଲଟିଲାଣି । ଏକ ପ୍ରକାର କହିବାକୁ ଗଲେ ପୋଲିସର ନିଦ ହଜାଇ ଦେଲେଣି ଚୋର ଗ୍ୟାଙ୍ଗ ।

## ଗଞ୍ଜାମ ଜିଲ୍ଲା ମାଇନରିଟି ସଭାପତି ହେଲେ ମାର୍ଜା ମୁତେଜିମ

ବ୍ରହ୍ମପୁର, (ସବ୍ୟୁ) : ଭାରତୀୟ ଜନତା ପାର୍ଟି(ବିଜେପି)ର ଗଞ୍ଜାମ ଜିଲ୍ଲା ମାଇନରିଟି ସଭାପତି ଭାବେ ର୍ମିଜା ମୁତେଜିମ ବେଗ(ମୁନା ଭାଇ) ମନୋନୀତ ହୋଇଛନ୍ତି। ବିଜେପି ଓଡ଼ିଶା ପକ୍ଷରୁ ଗତକାଲି ରାଜ୍ୟର ବିଭିନ୍ନ ଜିଲା ପାଇଁ ସଂଖ୍ୟାଲଘୁ ସଂପ୍ରଦାୟ ତଥା ମାଇନରିଟି କମିଟିର ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ର୍ମିଜା ମୁତେଜିମଙ୍କୁ ଗଞ୍ଜାମ ଜିଲାର ସଭାପତି ଭାବେ ଦାୟିତ୍ୱ ମିଳିବା ପରେ ତାଙ୍କ ସମର୍ଥକଙ୍କ ଗହଣରେ ଖୁସିର ଲହରି ଖେଳିଯାଇଛି। ନୂତନ ଦାୟିତ୍ୱ ମିଳିବା ପରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। ଗଞ୍ଜାମ ଜିଲାର ସଂଖ୍ୟାଲଘୁ



ସଂପ୍ରଦାୟଙ୍କ ଉନ୍ନତି ପାଇଁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି। ଆଗରୁ ମୁତେଜିମ୍ ବ୍ରହ୍ମପୁର ଅଟୋ ଚାଳକ ସଂଘର ସାଧାରଣ ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି ।

## ନିଟ ପ୍ରଶ୍ନପତ୍ର ଲିକ ଘଟଣା

# ଏଆଇଡିଏସଓର ବିକ୍ଷୋଭ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ବ୍ରହ୍ମପୁର, (ସବ୍ୟୁ): ନିଟ-ୟୁଜି ସହ ବିଭିନ୍ନ କେନ୍ଦ୍ରୀୟ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ, ଅନିୟମିତତା ଘଟଣାର ପ୍ରତିବାଦରେ ଆଜି ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ରାଜସ୍ଥାନରେ ପ୍ରଶ୍ନପତ୍ର ଲିକ ଅଭିଯୋଗ ପରେ ନିଟ୍-ୟୁଜି ୨୦୨୬ ପରୀକ୍ଷା ବାତିଲ ଏବଂ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଶର କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା ସ୍ପଷ୍ଟ କରିଛି । ଏନଟିଏ ବାରମ୍ବାର ନିରପେକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷା ପରିଚାଳନାରେ ବିଫଳ ହେଉଥିବାରୁ ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହୋଇଛି । କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥାର ବାରମ୍ବାର ବିଫଳତା କୋଚିଂ ଶିଳ୍ପର ସ୍ୱାର୍ଥକୁ ଆହୁରି ପ୍ରୋତ୍ସାହିତ କରୁଛି । ଛାତ୍ରଛାତ୍ରୀଙ୍କ ଉପରେ ମାନସିକ, ଆର୍ଥିକ ଓ ଶୈକ୍ଷିକ ଚାପ ବଢ଼ାଇ ଦେଉଛି । ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳୁଥିବା ପ୍ରକୃତ ଦୋଷୀ ମାନଙ୍କୁ କଠୋର ଦଣ୍ଡ ଦିଆ ନଗଲେ ଏଭଳି ଘଟଣାର ପୁନରାବୃତ୍ତି ଘଟି ଚାଲିଥିବ ବୋଲି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ପ୍ରଶ୍ନପତ୍ର ଲିକ ଘଟଣାର ବିଚାର ବିଭାଗୀୟ ତଦନ୍ତ, ପଦବୀ ଓ କ୍ଷମତା ସମ୍ପୃକ୍ତ ବ୍ୟକ୍ତିଙ୍କୁ କଠୋର ଦଣ୍ଡ, ତଦନ୍ତର ଫଳାଫଳକୁ ସମ୍ପୂର୍ଣ୍ଣ ଭାବେ ସର୍ବସାଧାରଣରେ ପ୍ରକାଶ କରିବା, ସମସ୍ତ ଜାତୀୟ ସ୍ତରୀୟ ପରୀକ୍ଷାରେ ଉତ୍ତର ଦାୟିତ୍ୱ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ତଥା ନିଟ୍‌ୟୁଜି ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ପରୀକ୍ଷା ପରିଚାଳନା କରୁଥିବା ଏନଟିଏ କୁ ସମ୍ପୂର୍ଣ୍ଣ ବାତିଲ କରିବା, ସମସ୍ତ ପରୀକ୍ଷା ସରକାର ନିଜେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ସହ ପରିଚାଳନା କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଏଆଇଡିଏସ୍‌ଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧ୍ୟକ୍ଷ କିସାନ୍ କୁମାର ସାହୁ ଏବଂ ସୁଭସ୍ମିତା ପାଣିଗ୍ରାହୀ, କାମରାଜ ସାହୁ, ବାମିଆ ଉଗ୍ରସେଣ୍ଡିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ଶିରୋମଣି ସମ୍ମାନ

ବାରିପଦା, (ସବ୍ୟୁ) : ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ, ଭାରତ ପକ୍ଷରୁ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ



ମନ୍ଦିର ସମୂହ ଐକ୍ୟ ସମ୍ମିଳନୀ ଏବଂ ସନଦ ପ୍ରଦାନ ସମାରୋହ-୨୦୨୬ରେ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ମହାପ୍ରଭୁଙ୍କ ପୂଜାପଣ୍ଡା ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ଶ୍ରୀ ମିଶ୍ରଙ୍କୁ ତାଙ୍କର ନିଷ୍ଠାପର ସେବା ଓ ଅବଦାନ ପାଇଁ ସମ୍ମାନଜନକ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ଶିରୋମଣି ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି । ଏହି ସମାରୋହରେ ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କ ସମେତ ବିଶିଷ୍ଟ ବ୍ୟକ୍ତିତ୍ୱ ଯଥା ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର, ଡାକ୍ତର ଚନ୍ଦ୍ରମଣି ଜେନା ଏବଂ ଇଂ ରଶ୍ମିରଞ୍ଜନ ରାୟଙ୍କୁ ମଧ୍ୟ ବିଭିନ୍ନ ବର୍ଗରେ ସମ୍ମାନିତ କରାଯାଇଥିଲା । ଶ୍ରୀ ମିଶ୍ରଙ୍କୁ ମାନପତ୍ର, ସନଦ, ଶ୍ରୀଜଗନ୍ନାଥଙ୍କ ପ୍ରସାଦୀ ଖଣ୍ଡୁଆ ପାଟବସ୍ତ୍ର ଏବଂ ସ୍ମାରକୀ ପ୍ରଦାନ ପୂର୍ବକ ବରେଣ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟିତ ଭାବେ ଯୋଗ ଦେଇଥିବା ବେଳେ ମନୋରଞ୍ଜନ ପାଣିଗ୍ରାହୀ (ଆଇ.ଆର.ଏସ) ମୁଖ୍ୟଅତିଥି ଏବଂ ଦେବେନ୍ଦ୍ର କୁମାର ପ୍ରଧାନ (ଆଇ.ଏ.ଏସ) ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ସମ୍ମାନିତ ପ୍ରତିଭାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

## ମୟୂରଭଞ୍ଜରେ ୩ ଦିନିଆ ଜିଲ୍ଲାସ୍ତରୀୟ

# ଦକ୍ଷତା ନିର୍ମାଣ, ବିପଣନ ଜ୍ଞାନକୌଶଳ ବୃଦ୍ଧି କର୍ମଶାଳା ଉଦଘାଟିତ

ବାରିପଦା, (ସବ୍ୟୁ) : ଓରମାସ, ଜିଲ୍ଲା ପରିଷଦ, ମୟୂରଭଞ୍ଜ ପକ୍ଷରୁ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର, ବାରିପଦା ଠାରେ ତିନିଦିନିଆ ଜିଲ୍ଲାସ୍ତରୀୟ ଦକ୍ଷତା ନିର୍ମାଣ ଓ ବିପଣନ ଜ୍ଞାନ କୌଶଳ ବୃଦ୍ଧି କର୍ମଶାଳା ଉଦଘାଟିତ ହୋଇଯାଇଛି । ଗ୍ରାମୀଣ ଜୀବିକାର ସୁଦୃଢ଼ିକରଣ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଆର୍ଥିକ ସଶକ୍ତିକରଣ, ବିପଣନ କ୍ଷମତା ବୃଦ୍ଧି ଏବଂ ଉତ୍ପାଦିତ ସାମଗ୍ରୀକୁ ବ୍ୟାପକଭାବେ ବଜାରକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହା ଆୟୋଜନ କରାଯାଇଛି । ଉଦଘାଟନୀ ସମାରୋହରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଟଙ୍କଧର କଲୋ, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ଦିନେଶ ହୋତା, ସାମାଜିକ କଲ୍ୟାଣ ଅଧିକାରିଣୀ, ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ହସ୍ତଶିଳ୍ପ ପ୍ରମୋଶନ ଅଧିକାରୀ ଶ୍ରୀକାନ୍ତ ନାୟକ, ପ୍ରୋଗ୍ରାମ ମ୍ୟାନେଜର (ଜୀବିକା) ଜିଲ୍ଲାପରିଷଦ ମଧୁସ୍ମିତା ଭୂୟାଁ ଏବଂ ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ ଉପସ୍ଥିତ ରହି କର୍ମଶାଳାର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକ ଉତ୍ପାଦକ



ସଂଘମାନେ ଗ୍ରାମୀଣ ଅର୍ଥନୀତିର ମୂଳଭିତ୍ତି ଭାବେ କାର୍ଯ୍ୟ କରୁଛନ୍ତି । ସେମାନଙ୍କର ଉତ୍ପାଦିତ ସାମଗ୍ରୀକୁ ଯଥୋଚିତ ବଜାର ସଂଯୋଗ, ଉନ୍ନତ ବିପଣନ ବ୍ୟବସ୍ଥା, ଗୁଣାତ୍ମକ ପ୍ୟାକେଜିଂ ଓ ବ୍ରାଣ୍ଡିଙ୍ଗ ସୁବିଧା ପ୍ରଦାନ କରାଯାଇପାରିଲେ ଗ୍ରାମୀଣ ମହିଳା ଓ କୃଷକମାନଙ୍କ ଆର୍ଥିକ ସ୍ଥିତିରେ ଦୃଶ୍ୟମାନ ପରିବର୍ତ୍ତନ ଆଣିହେବ । ଏହି ପରିପ୍ରେକ୍ଷୀରେ ଏଭଳି କର୍ମଶାଳା ଅଂଶ ଗ୍ରହଣକାରୀ ମାନଙ୍କୁ ବ୍ୟବସାୟିକ ଦକ୍ଷତା ଓ ବଜାରମୁଖୀ ଜ୍ଞାନ ପ୍ରଦାନରେ ସହାୟକ ହେବ ବୋଲି ସେମାନେ ମତପ୍ରକାଶ କରିଥିଲେ । ଏହି କର୍ମଶାଳାରେ ଓରମାସ ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ଉଦ୍ୟୋଗ, ଉତ୍ପାଦକ କମ୍ପାନୀ, କୃଷକ ଉତ୍ପାଦକ ସଂଘର କାର୍ଯ୍ୟକାରୀ ସଦସ୍ୟ ଓ ବିଭିନ୍ନ କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ । କର୍ମଶାଳା ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ବଜାର ଚାହିଦା ଅନୁଯାୟୀ ଉତ୍ପାଦ ପ୍ରସ୍ତୁତି, ବିକ୍ରୟ କୌଶଳ, ଡିଜିଟାଲ ବିପଣନ, ଆର୍ଥିକ ପରିଚାଳନା, ବ୍ରାଣ୍ଡିଙ୍ଗ ଏବଂ ଗ୍ରାହକ ସଂଯୋଗ ଭଳି ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରାଯିବ । କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିପଣନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ବିପଣନ କ୍ଷମତା ବୃଦ୍ଧି କରିବା ଏବଂ ଉଦ୍ୟମ ପରିଚାଳନା ସମ୍ପର୍କିତ ଆବଶ୍ୟକ ଜ୍ଞାନ ପ୍ରଦାନ କରିବା । ଏହା ସହିତ ଉତ୍ତମ ବଜାର ସଂଯୋଗ, ନିରବିଚ୍ଛିନ୍ନ ପ୍ରଚେଷ୍ଟା ଏବଂ ସଂଗଠିତ ପରିଚାଳନା ମାଧ୍ୟମରେ ସ୍ଥାୟୀ ଜୀବିକା ସୃଷ୍ଟିର ସୁପରିକଳ୍ପନା ଉପରେ ମଧ୍ୟ ବିଶେଷ ଆଲୋଚନା କରାଯିବ । ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି କର୍ମଶାଳାରେ ବିପଣନ ସଚେତନତା, ବଜାର ସଂଯୋଗ ସୃଷ୍ଟି, ଉଦ୍ୟମ ପରିଚାଳନା ଏବଂ ଆର୍ଥିକ ସଶକ୍ତିକରଣ ଉପରେ ବିଶେଷ ଧ୍ୟାନ ଦିଆଯିବ । ଗ୍ରାମୀଣ ଅଂଚଳର ଉଦ୍ୟମୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଉତ୍ପାଦକୁ ରାଜ୍ୟ ଓ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଆବଶ୍ୟକ ଦିଗ ଓ ପ୍ରାୟୋଗିକ ଜ୍ଞାନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଓରମାସର ସମସ୍ତ ଜିଲ୍ଲା ଅଧିକାରୀଙ୍କ ଉପସ୍ଥିତିରେ କର୍ମଶାଳାଟି ସୁଚାରୁରୂପେ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ ମାନେ ଏହିପରି ପ୍ରଶିକ୍ଷଣମୂଳକ କର୍ମଶାଳା ଗ୍ରାମୀଣ ଉଦ୍ୟମ ବିକାଶ ଓ ସ୍ଥାୟୀ ଜୀବିକା ସୃଷ୍ଟିରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ । ଏଥିରେ ଓରମାସର ସମସ୍ତ ଅଧିକାରୀ ମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଚାଷୀ ଭୁଲି ଗଲେଣି ଅଫିସ ଠିକଣା

# କ୍ଷୁଦ୍ର ଜଳସେଚନ ବିଭାଗ ଅଫିସରେ ତାଲା ଝୁଲୁଛି

ଧରାକୋଟ, (ସବ୍ୟୁ): ଦିନେ ନୁହେଁ ଦୁଇ ଦିନ ନୁହେଁ ସପ୍ତାହେ ହେଲା ଧରାକୋଟ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ତାଲା ଝୁଲୁଛି । ଆଶ୍ଚର୍ଯ୍ୟର କଥା ଉପରିସ୍ଥ ଅଧିକାରୀଙ୍କ ପାଖରେ ଏ ବିଷୟରେ କୌଣସି ଖବର ନାହିଁ । ଭଞ୍ଜନଗର ମାଇନର ଇରିଗେସନ ବା କ୍ଷୁଦ୍ର ଜଳସେଚନ ବିଭାଗ ଡିଭିଜନ ଅଧୀନରେ ରହିଛି ଧରାକୋଟ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟଳୟ । ଏହି କାର୍ଯ୍ୟଳୟ ଅଧୀନରେ ପ୍ରାୟ ୪୫ ଗୋଟି ଏମଆଇପିଓ ପ୍ରାୟ ୧୩ ଗୋଟି ଚେକଡ୍ୟାମ ରହିଛି । ଏସବୁର ଦେଖାଶୁଣା କରିବା ପାଇଁ ଏଠାରେ ଜଣେ ସହକାରୀ ଯନ୍ତ୍ରୀଙ୍କ ସମେତ କିଛି ଖଲାସୀ ରହିଛନ୍ତି । ବର୍ତ୍ତମାନ ପ୍ରାୟ ଛଅ ଜଣ ଖଲାସୀ ଅବସର ଗ୍ରହଣ କରିସାରିଛନ୍ତି । ଏଠାରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀଙ୍କୁ ଗଜପତି ଜିଲ୍ଲାକୁ ବଦଳି ହେବାପରେ ଆସିକା କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀଙ୍କୁ ଏଠାକାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସେ ସଠିକ ଭାବରେ କାର୍ଯ୍ୟଳୟ ପରିଚାଳନା ନକରିବା ଯୋଗୁଁ ଏବଂ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଅନିଚ୍ଛା ଓ ପୁରାତନ ପ୍ରକଳ୍ପ ଗୁଡିକର ଅଣଦେଖା କରିବା ଯୋଗୁଁ ଏଠାରେ ସମସ୍ୟା ଧୀରେ ଧୀରେ ବିଗିଡିବା ଆରମ୍ଭ ହୋଇଥିଲା । ଏହା ମଧ୍ୟରେ ଜଣେ ନୂତନ ଯନ୍ତ୍ରୀ ଧରାକୋଟ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ ମଧ୍ୟ ସେ ଏଠାକୁ ନଆସି ଆସିକାରେ ରହୁଛନ୍ତି । ଏଣୁ ଧରାକୋଟ କାର୍ଯ୍ୟଳୟରେ ତାଲା ଝୁଲୁଛି । କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଅଧିକାଂଶ ପ୍ରକଳ୍ପର ପୁନରୁଦ୍ଧାର ଆବଶ୍ୟକତା ହେଉଥିବା ବେଳେ ନୂତନ ଚେକଡ୍ୟାମ ନିର୍ମାଣ ପାଇଁ ଚାଷୀ ଦାବୀ କରୁଛନ୍ତି । ନିଜର ସମସ୍ୟା ସମ୍ପର୍କରେ ଚାଷୀ ମାନେ ଅଭିଯୋଗ କରିବା ପାଇଁ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ଏଠାରେ ତାଲା ଝୁଲୁଥିବାରୁ ନିରାଶାରେ ଫେରୁଛନ୍ତି । ନିଜର ବ୍ୟକ୍ତିଗତ ସୁବିଧା ପାଇଁ ଧରାକୋଟରେ କ୍ୱାର୍ଟର ରହିଥିଲେ ମଧ୍ୟ ଯନ୍ତ୍ରୀ ଜଣକ ପ୍ରଭାବ ବିସ୍ତାର କରି କାହାକୁ ଭୃକ୍ଷେପ ନକରି ଆସିକାରେ ରହୁଛନ୍ତି । ଘଟଣା ସମ୍ପର୍କରେ ଭଞ୍ଜନଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ବେଳେ ସେ ଏକଥା ଜାଣି ନଥିବା ଏବଂ ଅଭିଯୋଗ ସମ୍ପର୍କରେ ବୁଝିବେ ବୋଲି ପ୍ରକାଶ କରିଛନ୍ତି । ଆଶ୍ଚର୍ଯ୍ୟର କଥା କୃଷି ଓ କୃଷକ ସଶକ୍ତିକରଣ ସହ ଜଡ଼ିତ କ୍ଷୁଦ୍ର ଜଳସେଚନ ବିଭାଗ । କିନ୍ତୁ ଚାଷୀଙ୍କ ସମସ୍ୟା ବୁଝିବାକୁ କେହି ନାହିଁ । ମୋଟା ଅଙ୍କର ଦରମା ପାଉଛନ୍ତି ଯନ୍ତ୍ରୀ, ରହୁଛନ୍ତି ଅନ୍ୟତ୍ର । ରାଜନୈତିକ ପ୍ରଭାବ ବିସ୍ତାର କରି ଚାଷୀଙ୍କ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି, ଏଣୁ ଚାଷୀ ଆଖିରୁ ଲୁହ ଝରୁଛି । ଏଠାରେ ପ୍ରଶ୍ନ ଉଠୁଛି କେବେ ଖୋଲିବ ଧରାକୋଟ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟର ତାଲା?


TO BE PUBLISHED IN THE GAZETTE OF INDIA, EXTRAORDINARY PART-II, SECTION 3, SUB SECTION (ii)

GOVERNMENT OF INDIA

MINISTRY OF ROAD TRANSPORT AND HIGHWAYS

Notification

24001/100/2627

Now Delhi, the 22 April 2026

S.O 2062(E) In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation of NH157 in the stretch of land from Km. 29.8 to Km. 39 in the village(s) namely Kaladi, Tilakapada Taluk- Khajuripada in the district of KANDHAMAL in the state of ODISHA hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, Deputy Collector Kandhamal in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

SCHEDULE

Brief Description of the land to be acquired with or without structures falling NH157 in the stretch of land from Km. 29.8 to Km. 39 in the village(s) namely Kaladi, Tilakapada Taluk-Khajuripada in the district of KANDHAMAL in the state of ODISHA

2909 G1/2026

File Number: F. No. RO/BBSR/11017/LA/97/2016/3A

Shaikh Amin khan, Director.

District: KANDHAMAL
https://egazette.gov.in
Publication Date:22 April 2026
https://egazette.gov.in
https://bhoomirashi.gov.in
Note: The physical copy of this notification is also available at the office of CALA/PIU/PMU/RO/ED and Land-owners may also see the notification there.

Sd/- Deputy Collector-cum-CALA
Collectorate, Kandhamal

ଭାରତ ଗେଜେଟରେ ପ୍ରକାଶିତ ହେବ, ଅସାଧାରଣ ଭାଗ-II,
ଧାରା ୩, ଉପଧାରା (ii)
ଭାରତ ସରକାର
ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ
ଅଧିସୂଚନା
ନୂଆଦିଲ୍ଲୀ ୨୨ ଏପ୍ରିଲ ୨୦୨୬

ଏସ୍.ଓ. ୨୦୬୨ (ଇ)-କେନ୍ଦ୍ର ସରକାର, ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ ର ଧାରା ୪୮) (ଯାହାକୁ ଏଥିରେ ଏହାର ପରବର୍ତ୍ତୀ ଅଧିନିୟମ ବିଷୟରେ କୁହାଯାଇଛି)ର ଧାରା-୩(କ) ଉପଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଏହା ସ୍ଥିର ହୋଇଛି ଯେ ଓଡ଼ିଶା ରାଜ୍ୟର କନ୍ଧମାଳ ଜିଲ୍ଲାରେ ଫୁଲବାଣୀ ସହରକୁ ଜାତୀୟ ରାଜପଥ ସଂଖ୍ୟା -୧୫୭ ରେ କି:ମି: ୨୯/୮୦୦ (ଡିଜାଇନ୍ କି.ମି: ୦/୦) ଠାରୁ ୩୯/୦୦ କି:ମି: (ଡିଜାଇନ୍ କି.ମି: ୭/୨୫୦) ପର୍ଯ୍ୟନ୍ତ ବାଇପାସ୍ ରୋଡ୍ ନିର୍ମାଣ ଉଦ୍ଦେଶ୍ୟରେ ନିମ୍ନ ଅନୁସୂଚିରେ ଦିଆଯାଇଥିବା ଭୂମି ଅଧିଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରଯାଉଛି ।

ଉକ୍ତ ଭୂମି ସହିତ ଜଡିତ ଯେକୌଣସି ବ୍ୟକ୍ତି, ଏହି ଅଧିନିୟମର ଧାରା ୩ "ଗ"ର ଉପଧାରା (୧) ଅନୁଯାୟୀ ପୂର୍ବୋକ୍ତ ପ୍ରୟୋଜନ ପାଇଁ ଏହି ଭୂମିର ଉପଯୋଗ ଉପରେ ରାଜପତ୍ରର ଏହି ଅଧିସୂଚନା ପ୍ରକାଶ ପାଇବା ଦିନଠାରୁ ୨୧ (ଏକୋଇଶ) ଦିନ ମଧ୍ୟରେ ନିଜର ଆପତ୍ତି ଜଣାଇବେ ।

ଏଭଳି ପ୍ରତ୍ୟେକ ଆପତ୍ତି କ୍ଷମତାପ୍ରାପ୍ତ ଅଧିକାରୀ ଅର୍ଥାତ୍ ଡେପୁଟି କଲେକ୍ଟର, କନ୍ଧମାଳଙ୍କ ନିକଟରେ ଲିଖିତ ଆକାରରେ ଦାଖଲ କରିବେ ଓ ଏହି ଆଧାରରେ ଅଧିଗ୍ରହଣ ହେବାକୁଥିବା ଜମି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଆପତ୍ତିକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ରହିବେ ଏବଂ କୌଣସି ଆପତ୍ତି ଶୁଣାଇବା ଓ ଯାଞ୍ଚ କରିବା (ଯଦି କିଛି ଥାଏ), ଯାହାକି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ହେବେ, ସମସ୍ତ ଆପତ୍ତି ଶୁଣାଣି ପରେ, ଆବଶ୍ୟକ ସ୍ଥଳେ କ୍ଷମତାପ୍ରାପ୍ତ ଅଧିକାରୀ ପୁନଃ ତଦନ୍ତ କରି ତାଙ୍କର ଆଦେଶ ବଳରେ ନିଜର ନିଷ୍ପତ୍ତି ଦ୍ୱାରା ସମ୍ପୃକ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରିପାରନ୍ତି କିମ୍ବା ଖାରଜ କରିପାରନ୍ତି ।

ଉକ୍ତ ଅଧିନିୟମ ଧାରା ୩ "ଗ"ର ଉପଧାରା (୨) ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ନିଷ୍ପତ୍ତି ଓ ଆଦେଶ ଚୂଡ଼ାନ୍ତ ହେବ ।

ଏହି ଅଧିସୂଚନା ଅନ୍ତର୍ଗତ ଆସୁଥିବା ଭୂମିର ପ୍ରକାର, ଭୂମିର ପ୍ରକୃତି (କିସମ) ଏବଂ ଅନ୍ୟାନ୍ୟ ତଥ୍ୟଗତ ତ୍ରୁଟି ଥିଲେ ଅଭିଯୋଗକାରୀ ଜଣାଇବେ, ପ୍ରକାଶିତ ତଥ୍ୟ କ୍ଷମତାପ୍ରାପ୍ତ ଅଧିକାରୀ ଅର୍ଥାତ୍ ଡେପୁଟି କଲେକ୍ଟର, କନ୍ଧମାଳଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ ଏବଂ ତାଙ୍କର ଇଚ୍ଛୁକ ବ୍ୟକ୍ତିଙ୍କ ଦ୍ୱାରା ଯାଞ୍ଚ କରାଯାଇ ପାରିବ ।

ଭୂମି ଅନୁସୂଚୀ

ଓଡ଼ିଶା ରାଜ୍ୟ ଅନ୍ତର୍ଗତ କନ୍ଧମାଳ ଜିଲ୍ଲାରେ ଫୁଲବାଣୀ ସହରକୁ ଜାତୀୟ ରାଜପଥ ସଂଖ୍ୟା-୧୫୭ ରେ କି.ମି. ୨୯/୮୦୦ (ଡିଜାଇନ୍ କି:ମି ୦/୦) ଠାରୁ ୩୯/୦୦ କି:ମି ଡିଜାଇନ କି.ମି ୭/୨୫୦) ପର୍ଯ୍ୟନ୍ତ ବାଇପାସ୍ ରୋଡ୍ ନିର୍ମାଣ ଅନ୍ତର୍ଗତ ଭୂ-ଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ, ଘର କିମ୍ବା ଘରବାରି ଓ ଅନ୍ୟାନ୍ୟ କିସମର ତୁଳପାର୍ଶ୍ୱର ବିବରଣୀ ।

File Number: F. No. RO/BBSR/11017/LA/97/2016/3A

Shaikh Amin khan, Director.

District: KANDHAMAL
https://egazette.gov.in
Publication Date:22 April 2026
https://egazette.gov.in
https://bhoomirashi.gov.in
Note: The physical copy of this notification is also available at the office of CALA/PIU/PMU/RO/ED and Land-owners may also see the notification there.

Sd/- Deputy Collector-cum-CALA
Collectorate, Kandhamal

OIPR : 24001/24411/3/26-27/0001


# ମିଲେଟ୍ ଚାଷ ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ଭାରତର ଗ୍ରାମାଞ୍ଚଳରେ ମିଲେଟ୍ ଦୀର୍ଘ ଦିନ ଧରି ପୋଷଣ ଓ ଜୀବିକାର ପ୍ରତୀକ ହୋଇ ରହିଆସିଛି । ଏଣୁ ଜନଜାତି ବର୍ଗଙ୍କର ଏହି ଶସ୍ୟ ପରମ୍ପରାକୁ ପ୍ରେରଣା ଯୋଗାଇବା ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମିଲେଟ୍ ଚାଷ ନିମନ୍ତେ ଜନଜାତି ମହିଳାମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଯାହା ଧିରେଧିରେ ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରୁଥିବା ଦେଖାଯାଉଛି । କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ୧୩ଟି ଗ୍ରାମ ଯେପରି, ଦାଦିଆପଦର, ଘୁମାରବେଡ଼ା, ବନଗୁଡ଼ା, ଉଦୁଲୁଗୁଡ଼ା, କାଙ୍ଗରପାର, ରଙ୍ଗାନିଗୁଡ଼ା, ମିନାରବାଲି, ସାପଗୁଡ଼ା, କେନ୍ଦୁଗୁଡ଼ା, ଗତଗୁଡ଼ା, ଗୁମ୍ମା, ଭେଜାଗୁଡ଼ା ଓ ମାଝିଗୁଡ଼ାରେ କମ୍ପାନୀ ମିଲେଟ୍ ଚାଷକୁ ପ୍ରୋତ୍ସାହିତ କରିପାରିଛି । ମହିଳା ଚାଷୀମାନଙ୍କୁ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରି କମ୍ପାନୀ ଗ୍ରାମୀଣ ଅର୍ଥନୀତିକୁ ପୁନର୍ଜୀବିତ କରୁଛି । ଜୈବିକ ପଦ୍ଧତି, ପ୍ରଶିକ୍ଷଣ ଓ ବଜାର ସହାୟତାରେ ପାରମ୍ପରିକ ଫସଲକୁ ଅଗ୍ରାଧିକାର ଦିଆଯାଉଛି । ଦାଦିଆପଦରର ଜଣେ ମହିଳା ଚାଷୀ, ନୀଳବତୀ ପରଜା ଟିପିଏସ୍‌ଓଡିଏଲର ପ୍ରଶଂସା



କରି କହିଛନ୍ତି ଯେ, ଆମେ ମାଣ୍ଡିଆ ଚାଷ ବହୁ ବର୍ଷରୁ କରିଆସୁଛୁ । ହେଲେ ଏହା ଏତେ ଲାଭଦାୟକ ହୋଇପାରିବ ତାହା ବିଶ୍ୱାସ ନଥିଲା । ଜୈବିକ ପଦ୍ଧତିରେ ଚାଷ, ପ୍ରଶିକ୍ଷଣ ଓ ବଜାର ସହାୟତା କାରଣରୁ ଆମେ ଅଧିକ ଅର୍ଥ ଉପାର୍ଜନ କରିପାରୁଛୁ ଟିପିଏସ୍‌ଓଡିଏଲ୍ ଓ ଏହାର ତୃଣମୂଳ ସ୍ତରର ସହଯୋଗୀ "ପ୍ରଗତି'ର ସହାୟତାରେ ପ୍ରାୟ ୫୦୦ ମହିଳା ଚାଷୀ ଜୈବିକ ଓ ଉନ୍ନତ କୃଷି ପ୍ରଣାଳୀ ବ୍ୟବହାର କରି ପ୍ରାୟ ୨୫୦ ଏକର ଜମିରେ ମିଲେଟ୍ ଚାଷ କରିଥିଲେ । ମାଣ୍ଡିଆ ମଞ୍ଜି, ପ୍ରାକୃତିକ ସାର, ଯନ୍ତ୍ରପାତି ଓ ସ୍ଥାନୀୟ ଭାବେ ଉପଲବ୍ଧ ସମ୍ବଳକୁ ବ୍ୟବହାର କରି କମ୍ପୋଷ୍ଟ ପ୍ରସ୍ତୁତ କରିବା ପାଇଁ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଫଳରେ କମ୍ପାନୀକୁ ଉଲ୍ଲେଖନୀୟ ସଫଳତା ମିଳିଛି । କ୍ୱିଣ୍ଟାଲ ପିଛା ଅମଳ ପୂର୍ବରୁ ୪ କ୍ୱିଣ୍ଟାଲ୍ ରହିଥିବା ବେଳେ ତାହା ୯ କ୍ୱିଣ୍ଟାଲ୍ ଅତିକ୍ରମ କରିଛି । ସମୁଦାୟ ୩ ହଜାର ୬୭ କ୍ୱିଣ୍ଟାଲ ଶସ୍ୟ ଅମଳ ହୋଇଛି ୫୦୦ ମହିଳାଙ୍କ ମଧ୍ୟରୁ ୧୩୧ ଜଣ ମହିଳା ସର୍ବନିମ୍ନ ସହାୟକ ମୂଲ୍ୟରେ ସରକାରୀ ମଣ୍ଡିରେ ମାଣ୍ଡିଆ ବିକ୍ରି କରି ୮୯ ଲକ୍ଷରୁ ଅଧିକ ଟଙ୍କା ଆୟ କରିଛନ୍ତି । କମ୍ପାନୀ ସେମାନଙ୍କୁ ଏକ୍ଷେତ୍ରରେ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରିଥିଲା ଯାହାଫଳରେ ବିନା ମଧ୍ୟସ୍ଥିରେ ସିଧାସଳଖ ଲାଭ ମହିଳା ଚାଷୀମାନଙ୍କ ନିକଟରେ ପହଞ୍ଚିପାରିଛି । ଧିରେ ଧିରେ ଅଧିକ ସଂଖ୍ୟକ ମହିଳାମାନେ ଟିପିଏସ୍‌ଓଡିଏଲର ଏହି ଉଦ୍ୟମ ସହ ଯୋଡ଼ି ହେବାକୁ ଆଗ୍ରହ ଦେଖାଉଛନ୍ତି ସ୍ଥାୟୀ ଅଭିବୃଦ୍ଧି ଓ ବଜାର ଶକ୍ତି ସୁନିଶ୍ଚିତ କରିବା ନିମନ୍ତେ ୨୫୨ ଜଣ ମହିଳାଙ୍କୁ ଜୈବିକ ଶ୍ରୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ଅଂଶୀଦାର କରାଯାଇଛି । ଫଳରେ ଚାଷୀମାନେ ଶସ୍ୟକୁ ଉଚିତ ମୂଲ୍ୟରେ ବିକ୍ରି କରିପାରୁଛନ୍ତି । ଏହାସହ ମିଲେଟ୍ ପ୍ରକ୍ରିୟାକରଣୟୁନିଟ ମଧ୍ୟ ସ୍ଥାପନ କରାଯାଇଛି । ଶସ୍ୟକୁ ପାଉଡରରେ ପରିଣତ କରି ପ୍ୟାକେଜିଂ କରି ବିକ୍ରି କରାଯାଉଛି । ଏଥିନିମନ୍ତେ କମ୍ପାନୀ ଡସ୍କିଂ, ଗ୍ରାଇଣ୍ଡିଂ ଓ ପ୍ୟାକେଜିଂ ମେସିନର ବ୍ୟବସ୍ଥା କରିଛି ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଆମର ଭୂମିକା କେବଳ ବିଦ୍ୟୁତ ଯୋଗାଣରେ ସୀମିତ ନୁହେଁ । ଉପଭୋକ୍ତା ସଂପ୍ରଦାୟକୁ ସଶକ୍ତ କରିବା ଦିଗରେ ଆମେ ସଦା ପ୍ରଚେଷ୍ଟାରତ । ମହିଳା ଚାଷୀମାନଙ୍କୁ ସଠିକ ଉପକରଣ ଓ ସୁଯୋଗ ପ୍ରଦାନ କରାଯିବା ଦ୍ୱାରା ସେମାନଙ୍କ ପରିବାରର ଆର୍ଥିକ ଓ ସାମାଜିକ ସ୍ଥିତିରେ ସୁଧାର ଆସିବା ସହ ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ବଳ ମିଳୁଛି ଜାତୀୟ ସ୍ତରରେ ମିଲେଟ୍ ତଥା ଶ୍ରୀଅନ୍ନକୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଟିପିଏସ୍‌ଓଡିଏଲ୍ ନିଜ କାର୍ଯ୍ୟକ୍ଷେତ୍ର ମଧ୍ୟରେ ମହିଳାମାନଙ୍କୁ ସହାୟତା ପ୍ରଦାନ ପୂର୍ବରୁ ମିଲେଟ୍ ଚାଷକୁ ଆଗକୁ ବଢ଼ାଉଛି ।

# ଦୁର୍ଘଟଣା ପରେ ଝିଅ ଦେଖୁଛି ବାପର ମୃତ୍ୟୁ

ବଆଁରପାଳ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ଜରପଡା ଥାନା ଅନ୍ତର୍ଗତ କଟକ - ସମ୍ବଲପୁର ୫୫ ନମ୍ବର ଜାତୀୟରାଜପଥ ସାନ୍ତରାପୁର ଛକ ନିକଟରେ ଆଜି ସାଢ଼େ ଦଶଟା ସମୟରେ ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି । ସୂଚନା ଅନୁଯାୟୀ ମୁଣ୍ଡା ସାହିର ଅନିଲ ପ୍ରଧାନ ନିଜର ଛୋଟ ଝିଅ କୁ ବାଇକ ରେ ବସାଇ ଅନୁଗୋଳ କୁମଣ୍ଡ ସ୍ଥିତ ନିଜ ଭଉଣୀ ଘରକୁ ସାବିତ୍ରୀ ବ୍ରତ ପାଇଁ ଭାର ନେଇ ଯାଉଥିବା ସମୟରେ ପଛରୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଦ୍ରୁତ ଗତିରେ ପଳେଇ ଯାଇଥିଲା । ଘଟଣା ସ୍ଥଳରେ ଅନିଲ ମୃତ୍ୟୁବରଣ କରିଥିବାବେଳେ ଝିଅଟିର କୌଣସି କ୍ଷତି ହୋଇ ନଥିଲା । କିନ୍ତୁ ଝିଅଟି ଏକ ହୃଦୟ ତରଳି ଜିବା ଭଳି ଦୃଶ୍ୟ ଦେଖୁଥିଲା । ଦୁର୍ଘଟଣାରେ ବାପା ଛଟପଟ ହୋଇ ମୃତ୍ୟୁବରଣ କରୁଥିବା ବେଳେ ଛୋଟ ଝିଅଟି ବାପାଙ୍କୁ ବଞ୍ଚାଇବା ପାଇଁ ସାହାଯ୍ୟ ମାଗୁ ଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରିଥିଲେ । ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ପହଂଚି ଲୋକଙ୍କୁ ବୁଝାସୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ପୁଲିସ ଅନିଲଙ୍କ ମୃତ ଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଅ ଘଟଣାର ତଦନ୍ତ କରୁଛନ୍ତି । ଜାତୀୟ ରାଜପଥରେ ମାଳ ମାଳ କ୍ୟାମେରା ଲଗିଥିଲେ ସୁଧା ଏହାକୁ ଖାତିରି ନକରି ଗାଡ଼ି ଚାଳକ ମାନେ ବେପରୁଆ ଭାବେ ଗାଡ଼ି ଚଳାଉଛନ୍ତି ଫଳରେ ନିରିହ ଜନସାଧାରଣ ମୃତ୍ୟୁବରଣ କରୁଛନ୍ତି ।

# ଘରୁ ନାଗ ସାପ ଉଦ୍ଧାର

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ଭଜମନ ବାରିକ ଙ୍କ ଘରୁ ଗୁରୁବାର ଦିନ ଏକ ବିଷାକ୍ତ ନାଗ ସାପ କୁ ଉଦ୍ଧାର କରାଯାଇଛି । ବାହାର ଅଞ୍ଚଳ ରୁ ଏକ ନାଗ ଭଜମନ ଙ୍କ ଘର ଭିତର କୁ ପଶିଆସିଥିଲା । ଉକ୍ତ ନାଗ ସାପକୁ ଭଜମନଙ୍କ ପରିବାର ଲୋକେ ଦେଖି ଭୟ ରେ ବାହାରକୁ ପଳାଇ ଆସିଥିଲେ । ପରେ ଉକ୍ତ ବିଷାକ୍ତ ନାଗ ସାପକୁ ଉଦ୍ଧାର କରିବା ପାଇ ଭଜମନ ମାଧପୁର ଅଞ୍ଚଳ ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ ।ଖବର ପାଇ ସିଦ୍ଧଶର ଭଜମନଙ୍କ ଘରେ ପହଁଚି ସୁରକ୍ଷିତ ଅବସ୍ଥାରେ ଉକ୍ତ ନାଗ ସାପ କୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲ ରେ ଛାଡି ଥିଲେ ।

# ନଳକୂଅ ନାହିଁ , ନାଳ ପାଣି ପିଉଛନ୍ତି ଗ୍ରାମବାସୀ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ର ୯ ନମ୍ବର ୱାର୍ଡରେ ଥିବା ରୁଗୁଡିସାହରେ ନଳକୂଅ ଖୋଳାଯାଉନାହି । ଫଳରେ ପିଇବା ପାଣି ପାଇଁ ଲୋକେ ନାହି ନଥିବା ହନ୍ତସନ୍ତ ହେଉଛନ୍ତି । ଫଳରେ ନିକଟରେ ଥିବା ନାଳ ରୁ ଲୋକେ ପାଣି ଆଣି ପିଉଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ବାରମ୍ବାର ନଳକୂଅ ଖୋଲିବା ପାଇଁ ଅଞ୍ଚଳବାସୀ ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି



। ଫଳରେ ଗୁରୁବାର ଦିନ ପାଣି ସମସ୍ୟା କୁ ନେଇ ଅଞ୍ଚଳବାସୀ ଏକ ଅଭିଯୋଗ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଠାରେ କରିଛନ୍ତି । ଅଞ୍ଚଳବାସୀ ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ପାଇକସାହି ପଞ୍ଚାୟତର ୯ ନମ୍ବର ୱାର୍ଡରେ ଏହି ସାହି ଥିବା ବେଳେ ୨୫ ଘର ବସବାସ କରୁଛନ୍ତି । ସମସ୍ତେ ପ୍ରାୟ ଗରିବ ଶ୍ରେଣୀର ହୋଇଥିବା ବେଳେ ସେମାନ ଙ୍କୁ ପିଇବା ପାଣି ପାଇଁ ସରକାରଙ୍କ ପକ୍ଷରୁ ନଳକୂଅ ଟିଏ ମଧ୍ୟ ନାହି । ମାତ୍ର ଗୋଟିଆ ଖୋଲାକୂଅ ଥିବା ବେଳେ ସେଇ ଖୋଲା କୂଅରୁ ସାହିବାସୀ ପାଣି ନେଇ ପିଉଛନ୍ତି । ଉକ୍ତ ଖୋଲା କୂଅଟି ପ୍ରତ୍ୟେକ ବର୍ଷ ଖରା ସମୟରେ ଶୁଖିଯାଉଥିବା ଯୋଗୁଁ ପାଣି ପାଇ ସାହିବାସୀ ଡହଳବିକଳ ହେଉଛନ୍ତି । ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ଶେଷ ସପ୍ତାହ ରେ ଖୋଲା କୂଅ ଶୁଖିଯାଉଥିବା ଯୋଗୁଁ ଏକ କିମି ଦୂର ରେ ଥିବା ଏକ ନାଳ ରୁ ପାଣି ଆଣି ପିଉଛନ୍ତି । ଏ ପରିକି ଶୌଚ କରିବା ପାଇଁ ମଧ ଉକ୍ତ ନାଳ ଉପରେ ନିର୍ଭର କରୁଛନ୍ତି । ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗିରହିଥିବା ବେଳେ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ କରାଯାଉ ନାହି । ତୁରନ୍ତ ଉକ୍ତ ଗ୍ରାମରେ ଲାଗିରହିଥିବା ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ କୁହନ୍ତି ଉକ୍ତ ଗ୍ରାମକୁ ମନରେଗା ଜରିଆରେ ରାସ୍ତା ନିର୍ମାଣ କରାଯାଇଛି । ନଳକୂଅ ଖୋଲିବା ପାଇଁ ବ୍ଲକ ପ୍ରଶାସନ ଠାରେ ଅଭିଯୋଗ କରାଯାଇଛି । ହେଲେ କୌଣସି ସୁଫଳ ମିଳୁନାହି । ଏ ନେଇ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ କୁହନ୍ତି ଦୁଇ ଦିନ ମଧ୍ୟରେ ଉକ୍ତ ଗ୍ରାମରେ ମଧ୍ୟରେ ନଳକୂଅ ଖୋଲିବା ପାଇଁ ଜଳ ଯୋଗାଣ ବିଭାଗ କୁ ନିର୍ଦେଶ ଦିଆଯିବ ।

# ତାଳଚେର ପୌରାଞ୍ଚଳ ୧୭ ନଂ ୱାର୍ଡ଼ରେ କୁଢ଼କୁଢ଼ ଅଳିଆ

ତାଳଚେରା,(ସବ୍ୟୁ) : ତାଳଚେର ପୌରପରିଷଦ ନିଜର ସୁପରିଚାଳନା ତଥା ସ୍ୱଚ୍ଛ ପରିମଳ ବ୍ୟବସ୍ଥା ପାଇ ପୂର୍ବରୁ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କାର ଲାଭ କରିଛି । ତେବେ ବର୍ତମାନ ଏହା ପୂର୍ବରୁ କାର୍ଯ୍ୟଧାରାରୁ ସମ୍ପୂର୍ଣ୍ଣ ବିଚ୍ୟୁତ ହୋଇଯାଇଥିବା ଦେଖିବାକୁ ମିଳିଛି । ପୌରାଚଂଳର୨୧ଟି ୱାର୍ଡ଼ ଠାରୁ ଆରମ୍ଭ କରି ତାଳଚେର ଟାଉନ୍ ବିଭିନ୍ନ ୱାର୍ଡ଼ରେ ଥିବା ନାଳନର୍ଦ୍ଦମା ଗୁଡ଼ିକ ସଫାସୁତରା ହେଉ ନଥିବାରୁ ଅଳିଆ ଆବର୍ଜନା ଏଗୁଡ଼ିକ କିଛି କିଛି ଜାଗାରେ ଡ୍ରେନ ଜାମହେବା ସହ ଗୁଡ଼ାଏ ପୋତା ପୁରିଗଲାଣି । ତାଳଚେର ପୌରପରିଷଦ ୧୭ନମ୍ବର ୱାର୍ଡ଼ରେ ଏବେ ସାଜିଛି ନର୍କକୁଣ୍ଡ! ନିୟମିତ ସଫା କରାଯାଉଥିଲେ



ହେଁ ପରମଳ ବ୍ୟବସ୍ଥା ଶୂନ ବୋଲି ପ୍ରାୟ ସମୟରେ ୱାର୍ଡ଼ବାସୀମାନେ ଅଭିଯୋଗ କରୁଛନ୍ତି । ୧୭ନମ୍ବର ୱାର୍ଡ଼ରେ ଏତେଶୟ ଆବର୍ଜନା ଏଣେତେଣେ ପଡ଼ିରହି ଆବର୍ଜନା ଗୁଡ଼ିକ ପଚିଷଢ଼ି ଦୁର୍ଗନ୍ଧ ମୟ ପରିସ୍ଥିତ ସୃଷ୍ଟି ହେବା ସହିତ ସତେ ଯେପରି ଡ଼େଙ୍ଗୁକୁ ହାତଠାରି ଡ଼ାକଦେଲା ଭଳି ଅବସ୍ଥା ଉପୁଜୁଛି ବୋଲି ବିଭିନ୍ନ ୱାର୍ଡ଼ବାସୀଙ୍କ ମହଲରୁ ଶୁଣିବାକୁ ମିଳେ । ସରକାର ଡ଼େଙ୍ଗୁ ସଚେତନତାର ବାର୍ତା ବିଜ୍ଞାପନ ମାଧ୍ୟମରେ ପ୍ରକାଶ କରୁଥିବା ବେଳେ ଏଠି ଅଳିଆ ଆବର୍ଜନା ସଠିକ୍ ଭାବେ ସଫାସୁତରା ରହୁନଥିବା କୌଣସି ତତ୍ପରତା ପ୍ରକାଶ ପାଉଥିବା ମନେ ହେଉନାହିଁ । ଗଳିକନ୍ଦିରେ ଏପରି ଅଳିଆ ଆବର୍ଜନା ଏତେତେଣ ପଡ଼ିବା ପୌରପରିଷଦର ନିଜ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କିଛି ୱାର୍ଡ଼ବାସୀ ମଧ୍ୟ ଏବାବଦରେ ଅଭିଯୋଗ କରିଥାନ୍ତି । ତେଣୁ ତୁରନ୍ତ ସହରର ପରିମଳ ବ୍ୟବସ୍ଥା ଉପରେ ପ୍ରଶାସନ ଗୁରୁତ୍ୱଦେଇ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପ୍ରାୟ ସମୟ ପଡୁଛି ରେଳଫାଟକ, ପଥଚାରୀ ଓ ବିଭିନ୍ନ ମହଲରେ ଅସନ୍ତୋଷ

ତାଳଚେରା,(ସବ୍ୟୁ) : ତାଳଚରେ ବାଇପାସ୍ ଛକ ଠାରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଲୱେ ଫାଟକ ରହିଛି । ପ୍ରାୟ ସମୟରେ ଏହି ଫାଟକ ପଡୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହି ମୁଖ୍ୟରାସ୍ତାରେ କୋର୍ଟ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ୍, ଫୋରେଷ୍ଟ ଅଫିସ୍, ପଶୁଚିକିତ୍ସାଳୟ, ମହିଳା ମହାବିଦ୍ୟାଳ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ାୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ଏବଂ ଛୋଟବଡ଼ ସରକାରୀ ବେସରାକରୀ କାର୍ଯ୍ୟାଳୟର କର୍ମଚାରୀମାନେ ଅଫିସ୍ କାର୍ଯ୍ୟରେ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଦେଶର ଭବିଷ୍ୟତ, ଛାତ୍ରଛାତ୍ରୀ ଓ କୁନିକୁନି ପ୍ରତିଭାମାନେ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି, ଗୁରୁତ୍ୱପୂର୍ଣ୍ଣ ଯାନ ଗୁଡ଼ିକ ଯଥା- ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ଜନନୀ ଏକ୍ସପ୍ରେସ୍ ଇତ୍ୟାଦି ଗାଡ଼ି ଗୁଡ଼ିକ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଥିବା ବି ଲକ୍ଷ୍ୟ କରାଯାଇଛି । ତେବେ ଏପରି ସମସ୍ୟା ଉପୁଜୁଛି ଯେ, ରାସ୍ତାର ଉଭୟ ପାଶ୍ୱର୍ରେ ଶହଶହ ଯାନବାହାନ ଠିଆ ହେବାରୁ ଯାତାୟତରେ ବାଧାପ୍ରାପ୍ତ ହେଉଛି । ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ଦେଖାଦେଉଛି । ତେବେ ଏଠାରେ ପ୍ରଶ୍ନ ଉଠେ କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟିଟଙ୍କା ରାଜସ୍ୱ ନେଉଥିବା ବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ ନା ଏମସିଏଲ ନା ସ୍ଥାନୀୟ ପ୍ରଶାସନ କେହି ହେଲେ ସାମାନ୍ୟତମ କର୍ଣ୍ଣପାତ ଓ ଦୃଷ୍ଟି ଦେଉନଥିବା ଏକ ଦୁର୍ଭାଗ୍ୟଜନକ ବିଷୟ ହୋଇଛି । ତେଣୁ ଏସମସ୍ୟାର ସମାଧାନକୁ ନେଇ ବିଭିନ୍ନ ମହଲରେ ଦାବି ହେଉଛି ।

# ସାଇକେଲରେ ଅଫିସ ଆସିଲେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ଼ଃ ଶ୍ୱେତ କୁମାର ଦାଶ

ବ୍ରହ୍ମପୁର ( ସବ୍ୟୁ) ବିଶ୍ୱରେ ବର୍ତ୍ତମାନ ତୈଳ ସଙ୍କଟ ମୟ ପରିସ୍ଥିତି ସୃଷ୍ଟି ହୋଇ ଥିବା ବେଳେ ତୈଳ ବ୍ୟବହାର ଉପରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସାଇକେଲରେ ଅଫିସ ଆସିଲେ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ତଥା ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ଡ଼ଃ ଶ୍ୱେତ କୁମାର ଦାଶ ଛ ସେ କ୍ୟାମ୍ପସ ଭିତରେ ଥିବା ସବୁ ବିଭାଗକୁ ଯିବା ସମୟରେ ବି ସାଇକେଲରେ ଯାଉଛନ୍ତି ଛ ବରିଷ୍ଠ ଅଧିକାରୀଙ୍କ ଏଭଳି ଉଦ୍ୟମକୁ ସହରବାସୀ ବେଶ୍ ପ୍ରଶଂସା କରିଛନ୍ତି

# ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ

ଓଡାପଡା,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ କୁରୁଣ୍ଟି ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ସଂସ୍ଥା ଆନୁକୂଲ୍ୟରେ ଗ୍ରାମସ୍ତରୀୟ ଶିଶୁ କଲଯାଣ ଓ ସୁରକ୍ଷା କମିଟିରଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଅଛି ।ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସହାୟିକା ବିଦୁଲତା ଭଞ୍ଜଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜରୁ ବାଲ୍ୟ ବିବାହ ଭଳି କୁପ୍ରଥାକୁ ସମୂଳେ ନିରାକରଣ କରିବା ଏବଂ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଲୋଚନା ହୋଇଥିଲା । କୁରୁଣ୍ଟି ଗ୍ରାମର ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟ, ଗ୍ରାମର ବରିଷ୍ଠ ବୟକ୍ତି ଓ ଗ୍ରାମବାସୀ ମାନେ ଉପସ୍ଥିତ ରହି ସମାଜ ଦାୟିତ୍ୱବୋଧର ପରିଚୟ ପ୍ରଦାନ କରିଥିଲେ । ବାଲ୍ୟ ବିବାହର ଭୟାବହ କୁପରିଣାମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅପରିପକ୍ୱ ବୟସରେ ବିବାହ ହେବା ଫଳରେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା, ଶିକ୍ଷାରୁ ବଞ୍ଚିତ ହେବା, ମାତୃମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ଦେଖା ଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହିତ ବାଲ୍ୟ ବିବାହ ନିଷେଧ ଆଇନ ଓ ଏହା ସହ ସମ୍ପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସମସ୍ତଙ୍କୁ ସଚେତନ କରାଯାଇଥିଲା । ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟବିବାହ ସମ୍ପର୍କିତ ସୂଚନା ତୁରନ୍ତ ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗକୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା । ବୈଠକରେ ସମସ୍ତ ଉପସ୍ଥିତ ବ୍ୟକ୍ତି ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକତ୍ରିତ ଭାବେ ଶପଥ ଗ୍ରହଣ କରିଥିଲେ ।

# ଓବିସି ଜନଗଣନା ଦାବିରେ ଦାବୀପତ୍ର ପ୍ରଦାନ

କଣିହାଁ,(ସବ୍ୟୁ) : ଏବେ ଚାଲିଥିବା ଜାତିଗତ ଜନଗଣନାରେ ଓବିସି ଜନଗଣନା କରାଯିବା ଦାବିରେ ଓବିସି ମଞ୍ଚ ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣିହାଁ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ରାଜ୍ୟ ଓବିସି ମଞ୍ଚ କାର୍ଯ୍ୟକାରୀ ସଭାପତି ରଞ୍ଜିତା ରାଣୀ ପ୍ରଧାନଙ୍କ ନେତୃତ୍ୱରେ ମଞ୍ଚର କର୍ମକର୍ତ୍ତା ମାନେ କଣିହାଁ ତହସିଲ ସମ୍ମୁଖରେ ପହଞ୍ଚି ଓବିସି ଜନ ଗଣନା ଦାବି ନେଇ ନାରାବାଜି କରିଥିଲେ । ସେଠାରେ କାର୍ଯ୍ୟକାରୀ ସଭାପତି ରଞ୍ଜିତାରାଣୀ ପ୍ରଧାନ ଭାରତର ସର୍ବବୃହତ ବର୍ଗ ଓବିସିଙ୍କ ଜାତି ଜନଗଣନା କରାଯାଉନଥିବାରୁ ତାଙ୍କର ବିକାଶ ଓ ସମୃଦ୍ଧି ହୋଇ ନପାରି ଜାତୀୟ ବିକାଶର ମୂଳ ସ୍ରୋତରେ ସାମିଲ ହୋଇ ପାରି ନାହାନ୍ତି । ସମ୍ବିଧାନର ୩୪୦ଧାରା ଅନୁଯାୟୀ ଓବିସି ଙ୍କୁ ଜନଗଣନା କରାଯାଉ ନଚେତ ମହାନ ଜନନାୟକ ପବିତ୍ର ମୋହନ ପ୍ରଧାନଙ୍କ ନୀତିକୁ ପାଥେୟ କରି ପଲ୍ଲୀ ଠାରୁ ଦିଲ୍ଲୀ ଯାଏ ଆନ୍ଦୋଳନ ହେବ ବୋଲି ଶ୍ରୀମତୀ ପ୍ରଧାନ ଚେତାବନୀ ଦେବାସହ ଓବିସି ଜନଗଣନା ନାହିଁ ତ ଭୋଟ ନାହିଁ କହିଥିଲେ । ପରେ ଓବିସି ମଞ୍ଚ ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣିହାଁ ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ଦାବୀପତ୍ର ପ୍ରଦାନ ସମୟରେ ,କଣିହାଁ ବ୍ଲକ ଓବିସି ମଞ୍ଚର ସଂଯୋଜକ ଦୁଃଖବନ୍ଧୁ ବିଶ୍ୱାଳ, ଉପଦେଷ୍ଟା କାଳନ୍ଦୀ ପ୍ରଧାନ, ଜିଲ୍ଲା ସହ ସଂଯୋଜକ ସନ୍ତୋଷ ପ୍ରଧାନ, ବ୍ଲକ ଉପଦେଷ୍ଟା ଅରୁଣ ପ୍ରଧାନ, ପ୍ରତାପ ପ୍ରଧାନ, କୀର୍ତ୍ତନ ଦେହୁରୀ, ଗୋବର୍ଦ୍ଧନ ସାହୁ, ବାଗୁଲୀ ଦେହୁରୀ, ଅମୃତୀ କବି, ଉପସଭାପତି ମିଟୁ ସାହୁ, ଉପସଭାପତି କେଶବ ସାହୁ, ସଂପାଦକ ଅବନୀ ସାହୁ, ସହସମ୍ପାଦକ ରାମଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଅଶୋକ ପ୍ରଧାନ,



ପ୍ରଭାକର ପ୍ରଧାନ, ପ୍ରମୋଦ ପ୍ରଧାନ, ମହିଳା ସଭାପତି ଶାନ୍ତିଲତା ବିଶ୍ୱାଳ, ସଂପାଦିକା ଅନିମା ପ୍ରଧାନ, ପେଚୀ କବି, ଯୁବ ସଭାପତି କୁନା ସାହୁ, ସମ୍ପାଦକ ମାଧବ ବେହେରା , ଯୁବ ଛାତ୍ର ସଭାପତି ଚନ୍ଦନ ସାହୁ, ମାଧବ ବାବୁ ପ୍ରମୁଖ ସମସ୍ତ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

# ବିଜେଡିର ଯୁବନେତା ଧରଣୀଧରଙ୍କ ବିଜେପିରେ ଯୋଗଦାନ

ଅନୁଗୋଳ ,(ସବ୍ୟୁ) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନ ଠାରେ ଅନୁଗୋଳ ବିଜେଡିର ଜିଲ୍ଲା ଉପସଭାପତି, ଅନୁଗୁଳ ୨୫ ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ୩ ନଂ ଜୋନର ପର୍ଯ୍ୟବେକ୍ଷକ ଧରଣୀଧର ସାହୁ ( ଧନୀ ଭାଇ) ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶାର



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବିଜେଡି ଛାଡି ଭାରତୀୟ ଜନତା ପାର୍ଟୀ(ବିଜେପି)ରେ ଯୋଗଦାନ କରିଛନ୍ତି । ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଉପସ୍ଥିତ ରହି ଧରଣୀଧର ସାହୁଙ୍କୁ ସ୍ୱାଗତ କରିଥିଲେ । ଶ୍ରୀ ସାହୁଙ୍କ ଯୋଗଦାନ ଫଳରେ ଦଳ ଅନୁଗୋଳ, ଛେଣ୍ଡିପଦା ଓ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଦଳର ସଂଗଠନ ଆହୁରି ସୁଦୃଢ ହେବା ସଙ୍ଗେ ସଙ୍ଗେ ଜିଲ୍ଲାର ବିକାଶ ମୂଳକ କାର୍ଯ୍ୟ ଆହୁରି ଆଗେଇଯିବ ବୋଲି ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଆଶା ପ୍ରକଟ କରିଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଦିଲୀପ ପ୍ରଧାନ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକପ୍ରଭାତ ପ୍ରଧାନ, ବିଜେପି ନେତା ପ୍ରଶାନ୍ତ ପୃଷ୍ଟି, ବିଜେପି ଯୁବନେତା କମଳାକାନ୍ତ ସାହୁ ମଧ୍ୟ ଉପସ୍ଥିତ ଥିଲେ ।

# ପାଣି କାଦୁଅରେ ଜାତୀୟ ରାଜପଥ ସର୍ଭିସ ରୋଡ

ଓଡାପଡ଼ା,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ ବଜାର ମଧ୍ୟରେ ଥିବା ୫୫ ନଂ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡଟି ଅଧାପନ୍ତରିଆ ହୋଇ ପଡି ଥିବା ବେଳେ ସେହି ରାସ୍ତାଟି ପାଣି କାଦୁଅରେ ଭର୍ତ୍ତି ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି ।ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ସହିତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ । ଓଡ଼ାପଡ଼ା ପ୍ରଶାସନ ଓ ରାଜପଥ ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁଁ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି ।ବର୍ଷା ହେଲେଏହି ରାସ୍ତା ଉପରକୁ ୨ରୁ ୩ ଫୁଟ ପାଣି ସହିତ ମାଟି ଆସି ବନ୍ୟା ପରି ଦେଖିବାକୁ ମିଳିଥାଏ । ରାସ୍ତା କଡ଼ରେ ଥିବା ଡ୍ରେନ୍ ଗୁଡିକ ଅଧାପନ୍ତରିଆ ହୋଇ ପଡି ରହିଛି । ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ନଥିବା ସହିତ ଡ୍ରେନ୍ ଉପରେ ଅନେକ ଫାଙ୍କ ସ୍ଥାନରେ ଘୋଡଣି ଦିଆ ନଯାଇ ଖୋଲାମେଲା ହେଇ ପଡ଼ିଛି । ସେହି ଖାଲରେ ମନୁଷ୍ୟ ଓ ଗୋରୁଗାଈ ପଡି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଉଛି । ବଳରାମପ୍ରସାଦ ଉଚ୍ଚବିଦ୍ୟାଳୟ ଠାରୁ ହିନ୍ଦୋଳ ରୋଡ ବଜାର ପର୍ଯ୍ୟନ୍ତ ପ୍ରାୟ ୨ କି ମି ରାସ୍ତା ତୃଟିପୂର୍ଣ୍ଣ ହୋଇ ମରଣଯନ୍ତା ପାଲଟିଛି । ରାସ୍ତାର ଉପର



ପଟର କିଛି ଅଂଶ ଦବିଯାଇ ଡେଉ ପରି ରହିଛି ।ବିଶେଷ କରି ଦୁଇ ଚକିଆ ଯାନ ଯିବା ଆସିବା କରିବା ବେଳେ ଗୋଟିଏ ପଟକୁ ହାଣ୍ଡେଲ ମୋଡିଲେ ଆପେ ଆପେ ଗୋଟିଏ ପଟକୁ ଚାଲି ଯାଇ ଦୁର୍ଘଟଣା ଘଟୁଥିବାଅଭିଯୋଗ ହୋଇଛି । ଜାତୀୟ ରାଜପଥ ଠିକାଦାର ଦିର୍ଘ ଦିନରୁ ଏହି ସମସ୍ୟା ରହିଛି । ଅଭିଯୋଗ ହେଉଥିଲେ ମଧ୍ୟ ଠିକାଦାର ମରାମତିର ନା ଗନ୍ଧ ଧରୁନାହାନ୍ତି ଯାହା ଫଳରେ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡିଛି । ଜାତୀୟ ରାଜପଥ ମରାମତି କରିବା ସମୟରେ ଯେଉଁ ମାଟି ବ୍ୟବହାର କରାଯାଉଛି ପର ମୁହୂର୍ତ୍ତରେ ସେହି ମାଟିକୁ ଠିକାଦାର ସଫା କରୁନଥିବା ଦେଖିବାକୁ ମିଳିଛି । ଫଳରେ ସେହି ମାଟି ଉପରେ ଗାଡି ମଟର ଚଳାଚଳ କରିବା ସମୟରେ ପ୍ରଚୁର ଧୁଳି ଉଡି ପରିବେଶ ଦୂଷିତ ହେଉଛି ।ଏହି ସବୁ ପ୍ରଶାସନିକ ଅଧିକାରୀ ମାନେ ଦେଖୁଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ରୁ ଠିକାଦାର ବେପରୁଆ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ।ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀଙ୍କ ଦାବିପତ୍ର

ଆଠମଲ୍ଲିକ ,(ସବ୍ୟୁ) :ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୩ ନଂ ୱାର୍ଡ ପଦ୍ମପୋଖରୀ ଗ୍ରାମବାସୀଙ୍କ ତରଫରୁ ପାନୀୟ ଜଳ ସମସ୍ୟା ର ସମାଧାନ କରିବାକୁ ଦାବୀ କରି ସ୍ଥାନୀୟ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କ ନିକଟରେ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଲିଖିତ ଦାବୀ ଅନୁଯାୟୀ ଗ୍ରାମବାସୀ ନଳକୂପ ପାଣି ବ୍ୟବହାର କରି କିଡ଼ନୀ ରୋଗରେ ଆକ୍ରାନ୍ତ ହେଉଥିବା ଓ ବନ୍ଧ , ପୋଖରୀ ଶୁଖି ଯାଇଥିବାରୁ ଗୃହ ପାଳିତ ପଶୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ତରଫରୁ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା ସହିତ ସ୍ଥାୟୀ ଭାବେ ପାଇପ ଯୋଗେ ମହାନଦୀ ରୁ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଦାବିପତ୍ର ଦେବା ସମୟରେ ଗ୍ରାମବାସୀ ଙ୍କ ତରଫରୁ ଶୈଳବାଳା ଅମାନ୍ତ , ନିରଞ୍ଜନ ପାତ୍ର , ସୁନିଲ ପ୍ରଧାନ , ଦିଲ୍ଲୀପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନ କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ବୈଠକ

ଅନୁଗୋଳ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନର ମିଳିତ ଆହ୍ୱାନ କ୍ରମେ ଏକ ସତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ସଂଘର ସଭାପତି ମନୋରଞ୍ଜନ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ବୈଠକରେ ଆଠଟି ବ୍ଲକର ସମସ୍ତ ସ୍ୱୀକୃତିପ୍ରାପ୍ତ ଘରୋଇ ବିଦ୍ୟାଳୟ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷାବିଭାଗ ନିର୍ଦ୍ଦେଶ ଅନୁଯାଇ ଚଳିତବର୍ଷ ସମସ୍ତ ସ୍ୱୀକୃତିପ୍ରାପ୍ତ ଘରୋଇ ବିଦ୍ୟାଳୟର ବକେୟା ଥିବା ଆର୍ଟିଇ ରିଅମ୍ବରସମେଣ୍ଟ ନିମନ୍ତେ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡିକ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଠିକ ସମୟ ସୀମା ମଧ୍ୟରେ ପଇଠ କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଓ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ପହଞ୍ଚି ପାରିନି । କିଛି ବ୍ଲକ କର୍ମଚାରୀ ବିଦ୍ୟାଳୟ ମାନଙ୍କର ଡକ୍ୟୁମେଣ୍ଟ ଗୁଡିକ ନ ପଠାଇବାର ଉଦ୍ଦେଶ୍ୟ କ'ଣ? ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ସଂଘ ପକ୍ଷରୁ ଆପତ୍ତି ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକଙ୍କୁ ମଧ୍ୟ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ବେଖାତିର ମନୋଭାବ । ବିଭିନ୍ନ ବିଦ୍ୟାଳୟରୟୁଡାଇସ ଅପଡେଟ ଓ ସିଓଆର ମିଳିବା ନେଇ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟ ଓ ବିଦ୍ୟାଳୟ ମାନଙ୍କର ଡକ୍ୟୁମେଣ୍ଟ ଗୁଡିକ ଠିକ ଭାବେ ଅପଲୋଡ଼ ନ କରିବା ଓ ଠିକ ସମୟରେ ଚିଠି ଗୁଡିକ ଉପସ୍ଥାପନ ନ କରିବା ଦ୍ୱାରା ବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଅଭିଭାବକ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ଅପ୍ରିତିକର ପରିସ୍ଥିତିର ସମ୍ମୁଖୀନ ହେବା ପଛର କାରଣ କଣ ? ସରକାରଙ୍କ ଶିକ୍ଷାବିଭାଗ ନିର୍ଦ୍ଦେଶ ଅନୁଯାଇ ସିଓଆର ପ୍ରଦାନ, ଆରଟିଇ ରିଅମ୍ବରସମେଣ୍ଟ ପ୍ରଦାନ ଓ ନାମଲେଖା ନିମନ୍ତେ ର୍ନିଧାରିତ ସମୟସୀମା ଧାର୍ଯ୍ୟ ଥିଲେ ମଧ୍ୟ ବ୍ଲକ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅହେତୁକ ବିଳମ୍ବ ଯୋଗୁଁ ଅଭିଭାବକ ଓ ବିଦ୍ୟାଳୟର କର୍ତ୍ତୃପକ୍ଷ ମାନେ ମାନସିକ ଚାପଗ୍ରସ୍ତ ହେଉଛନ୍ତି । ଆରଟିଇ ରିଅମ୍ବରସମେଣ୍ଟ ପ୍ରଦାନ ନିମିତ୍ତ ଆବଶ୍ୟକ ଡକ୍ୟୁମେଣ୍ଟ ନିମନ୍ତେ ବିଭିନ୍ନ ବ୍ଲକରେ ଭିନ୍ନ-ଭିନ୍ନ ନିୟମ ଲାଗୁ କରାଯିବା ଉଦ୍ଦେଶ୍ୟ କ'ଣ । ଜିଲ୍ଲା ଶିକ୍ଷାବିଭାଗର ବିଭିନ୍ନ ଅପ୍ରିତିକର ପରିସ୍ଥିତିର ସମ୍ମୁଖୀନ ହୋଇ ସମସ୍ତ ଘରୋଇ ବିଦ୍ୟାଳୟର କର୍ତ୍ତୃପକ୍ଷ ମାନେ ବିଭିନ୍ନ ଦାବି ନେଇ ସଂଘ ସଭାପତିଙ୍କ ନେତୃତ୍ୱରେ ତା୧୪/୦୫/୨୦୨୬ ରିଖ ଦିନ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଅନଶନ ଓ ଗଣଧାରଣା ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କିନ୍ତୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଲିଖିତ ଅନୁରୋଧ କ୍ରମେ ସଂଘ ସଭାପତି ଅନଶନକୁ ସାତଦିନ ପାଇଁ ଅବଧି ସମୟ ଦେଇ କାର୍ଯ୍ୟ ଶେଷ କରିବା ନିମନ୍ତେ ସଂଘ ଲିଖିତ ଅନୁରୋଧ କରିଛି । ସମସ୍ତ କାର୍ଯ୍ୟ ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ ନ ହେଲେ, ପୁନର୍ବାର ଶାନ୍ତିପୂର୍ଣ୍ଣ ଅନଶନ ଓ ଗଣଧାରଣା ଆହୁର ଜୋରଦାର ହେବା ସହିତ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଅନଶନ ଓ ଗଣଧାରଣା ଅନୁଷ୍ଠିତ ହେବ ବୋଲି ଆଜି ସଂଘ ସଭାପତି ଶ୍ରୀ ଗଡ଼ନାୟକ ବୈଠକରେ ସୂଚନା ପ୍ରଦାନ କହିଛନ୍ତି । ଏହି ବୈଠକରେ ସଂଘର ଆଇନ ପରାମର୍ଶଦାତା ଦ୍ୱାରିକା ପ୍ରସାଦ ନନ୍ଦ,ସଂଘର ଉପସଭାପତି ସୁମନ୍ତ କୁମାର ବିଶ୍ୱାଳ ,ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ,ଅଜିତ ମିଶ୍ର, କ୍ଷମାନିଧି ସାହୁ, ସମସ୍ତ କର୍ମକର୍ତ୍ତା,ବହୁ ଘରୋଇ ବିଦ୍ୟାଳୟର ସତ୍ତ୍ୱାଧିକାରୀ, ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ ।

# ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ରାସୋଳ /ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମି ଓ ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼କରିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ , ମେରାମଣ୍ଡଳୀ ପକ୍ଷରୁ ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ହିନ୍ଦୋଳ ବିଧାୟିକା ସିମାରାଣୀ ନାଏକ ରାସୋଳଠାରେ ପ୍ରସ୍ତାବିତ ଡିଗ୍ରୀ ମହିଳା କଲେଜ ପାଇଁ ୪ଟି ଶ୍ରେଣୀଗୃହ ବିଶିଷ୍ଟ ବିଲ୍ଡିଂ ଏବଂ ଓଡାପଡା ବ୍ଲକ୍ର ଶିବପୁର ଗ୍ରାମରେ ସିମେଣ୍ଟ କଂକ୍ରିଟ ରାସ୍ତାର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ହିନ୍ଦୋଳ ତହସିଲଦାର ଦିଲ୍ଲୀପ କୁମାର ସେଠୀ, ହିନ୍ଦୋଳ ଉପାଧ୍ୟକ୍ଷ ବରୁଣ ସର ଶିବପୁର ସରପଞ୍ଚ ମାନସ ନାୟକ, ଟାଟା ଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ ସର୍ଭିସେସ ଚିଫ ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ ଫାଉଣ୍ଡେସନ ମେରାମଣ୍ଡଳୀରୟୁନିଟ ଲିଡ କୁମାର ସୌରଭଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଓ ମହିଳାମାନେ ଉପସ୍ଥିତ ଥିଲେ ।

ମହିଳା ମହାବିଦ୍ୟାଳୟ ବିଲ୍ଡିଂ ନିର୍ମାଣଫଳରେ ସ୍ଥାନୀୟ ଅଞ୍ଚଳର ଝିଅମାନଙ୍କ ପାଇଁ ଉଚ୍ଚ



ଶିକ୍ଷା ଲାଭ କରିବା ଆହୁରି ସହଜ ଓ ସୁବିଧା ହେବ । ପ୍ରସ୍ତାବିତ ଏହି ମହାବିଦ୍ୟାଳୟ ଦ୍ୱାରା ଆଖପାଖ ପ୍ରାୟ ୧୪ଟି ପଞ୍ଚାୟତ ର ୧୬୦ ଜଣ ଛାତ୍ରୀ ଉପକୃତ ହେବେ ।ସେହିପରି, ଓଡାପଡା ବ୍ଲକ୍ର ଶିବପୁର ଗ୍ରାମ ପଞ୍ଚାୟତ ଅଧୀନ ଶିବପୁର ଗ୍ରାମରେ ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୫,୦୦୦ ସ୍ଥାନୀୟ ଜନସାଧାରଣ ଉପକୃତ ହେବେ । ଶିକ୍ଷା ବ୍ୟବସ୍ଥା ଓ ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି ସହ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଗତିଶୀଳ କରିବ ।ଟାଟା ଷ୍ଟିଲ ମେରାମଣ୍ଡଳୀର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳର ଶିକ୍ଷା, ଯୋଗାଯୋଗ ଏବଂ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ନିରନ୍ତର ପ୍ରୟାସ ଜାରି ରଖିଛି । କମ୍ପାନୀର ଏହି ସାଧୁ ଉଦ୍ୟମ କୁ ଅଞ୍ଚଳ ବାସୀ ପ୍ରଶଂସା କରିଛନ୍ତି ।

## ବିଦ୍ୟୁତ ଆଘାତରେ ଠିକା କର୍ମଚାରୀ ଗୁରୁତର
# ଡହଡହ ଖରାରେ ମହିଳାଙ୍କ ଧାରଣା



ବାସୁଦେବପୁର ,(ସବ୍ୟୁ): ବିଦ୍ୟୁତ ଆଘାତରେ ଜଣେ ଠିକା କର୍ମଚାରୀ ଗୁରୁତର ହୋଇ ଚିକିତ୍ସିତ ହେଉ ଥିବା ବେଳେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିଦେଇପୁର ବିଦ୍ୟୁତ ଷ୍ଟେସନ ଆଗରେ ଡହଡହ ଖରାରେ ନ୍ୟାୟ ଦାବୀରେ ମହିଳାଙ୍କ ଧାରଣା ଦେଉଥିଲେ । ଅଭିଯୋଗ ଅନୁଯାୟୀ ଗତଏପ୍ରିଲ ୨୦ ତାରିଖ ୧୧ଟାରେ ବିଦ୍ୟୁତ ଠିକା କର୍ମଚାରୀ କରଞ୍ଜଆଡିଆ ଗ୍ରାମର ଜଣେ ଯୁବକ ସହଦେବ ତରାଇଙ୍କୁ ଇଲେଭେନ କେ.ଭି ବିଦ୍ୟୁତ ତ୍ରୁଟି ଥିବାରୁ ବିଦେଇପୁର ସବ ଷ୍ଟେସନର ସୁପର ଭାଇଜର ଅଜୟ କୁମାର ପୁହାଣ ଫୋନ କରି ମରାମତି ପାଇଁ କହିଥିଲେ । ଖୁଣ୍ଟି ଉପରେ ଚଢି ବିଦ୍ୟୁତ ତାର ସଜାଡ଼ିବାକୁ ଯାଇଥିବା ସହଦେବ ତରାଇ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ । ବିଦ୍ୟୁତ୍ ଆଘାତ ଲାଗି ତାଙ୍କର ଦୁଇ ହାତ ସମ୍ପୂର୍ଣ୍ଣ ଜଳିଯିବା ସହ ଶରୀର ବିଭିନ ଅଂଶ ସଂମ୍ପୂର୍ଣ୍ଣ ଜଳିଯାଇଥିଲା । ସେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗୋଟିଏ ହାତ କଟା ଯାଇଛି । ଘଟଣା ଘଟିବାର ଦୀର୍ଘ ଛବିଶ ଦିନ ଘଟିଯାଇଥିଲେ ମଧ ସହାୟତା ଦେବା ତ ଦୂରର କଥା ସାଧାରଣ ସମବେଦନା ଜଣାଇବା ପାଇଁ କୌଣସି କର୍ତ୍ତୃପକ୍ଷ ଯାଇନଥିଲେ ବୋଲି ପରିବାର ଅଭିଯୋଗ କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତିବ୍ର ଉତ୍ତେଜନା ଦେଖା ଦେଇଛି । ସ୍ଥାନୀୟ ଗ୍ରାମବାସୀମାନେ ବିଦେଇପୁର ସବ ଷ୍ଟେସନ ଆଗରେ ଧାରଣା ବସିଛନ୍ତି ।ଭଲ ହେବାକୁ ପାଖପାଖି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହୁଛନ୍ତି । ସହାୟତା ଦାବୀରେ ଗ୍ରାମବାସୀ ଧାରଣା ଦେଇଛନ୍ତି । ଘଟଣସ୍ଥଳରେ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, କଶିଆ ସାମୁଦ୍ରିକ ଥାନାର ଇନ୍ସପେକ୍ଟର ସୁକାନ୍ତି ଖମାରୀ, ନାୟକାଣିଡିହି ପୋଲିସ ପହଁଚି ଲୋକଙ୍କୁ ବୁଝା ସୁଝା କରିଥିଲେ । ଲୋକମାନଙ୍କ ଅଭିଯୋଗକୁ ଖଣ୍ଡନ କରିବିଦ୍ୟୁତ ବିଭାଗର ଯନ୍ତ୍ରୀ ମନୋରଞ୍ଜନ ପାତ୍ର ଆମେ ତାଙ୍କୁ ଠିକା କର୍ମଚାରୀ ଭାବେ ରଖିନଥିଲୁ ବୋଲି କହିଥିଲେ । ସୁପରଭାଇଜରଙ୍କ ତୃଟିପୂର୍ଣ୍ଣ କାମ ଯୋଗୁଁ କାଯ୍ୟରୁ ନିଲମ୍ବନ କରାଯାଇଛି । ଏକ କମିଟି ଗଠନ ହୋଇ ତଦନ୍ତ ହେଉଥିବା କହିଥିବା ବେଳେ ଜିଲ୍ଲାପାଳଙ୍କ ସହ କଥା ହୋଇ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସାହାର୍ଯ୍ୟ କରାଯିବ । ଯେଉଁ ପିଲା ତାଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲା ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି ।

# ମହଙ୍ଗା ପଡ଼ିଲା ମୁଖ୍ୟମନ୍ତ୍ରୀଙ୍କ ନାମରେ ଟଙ୍କା ଆଦାୟ : ଠକ ଗିରଫ

କେନ୍ଦୁଝର, (ଜିପ୍ର):ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ କହି ଟଙ୍କା ଆଦାୟ କରିବା ଯୁବକଙ୍କ ଲାଗି ମହଙ୍ଗା ପଡିଛି । କେନ୍ଦୁଝର ଟାଉନ ପୋଲିସ ଠକେଇ, ଅପରାଧିକ ଧମକ ଏବଂ ଦାଦାବଟି ଆଦାୟ ଅଭିଯୋଗରେ ଟାଉନ ପିଏସ କେସ ନମ୍ବର ୫୩୨ ତାରିଖ ୧୩/୫/୨୦୨୬ ଅନ୍ତର୍ଗତ ୩୧୮(୪)/୩୮(୫)/୩୫୧(୩) ବିଏନଏସ ସହିତ ଜଣେ ଅଭିଯୁକ୍ତ ପିଙ୍କୁ ଓରଫ ପାର୍ଥ ସାରଥୀ ଦ୍ୱିବେଦୀ (୪୧) ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ପବିତ୍ରଡିହା ଗ୍ରାମର ସୋମନାଥ ସାହୁ (୭୩)ଙ୍କ ଦ୍ୱାରା ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଥିଲା।। ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ଅଭିଯୁକ୍ତ ସରକାରୀ ଚାକିରି ପ୍ରଦାନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ଅସାଧୁ ଭାବରେ ୮,୯୩,୦୦୦/- ଟଙ୍କା ନେଇଥିଲେ। ଉକ୍ତ ରାଶି ମଧ୍ୟରୁ ୨,୫୩,୦୦୦/- ଟଙ୍କା ଫୋନ ପେ ମାଧ୍ୟମରେ ପ୍ରଦାନ କରାଯାଇଥିଲା ଏବଂ ବାକି ଟଙ୍କା ବିଭିନ୍ନ ସମୟରେ ନଗଦ ଆକାରରେ ଦିଆଯାଇଥିଲା।ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହେବା ପରେ, ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଧମକାଇ ତାଙ୍କଠାରୁ ଆହୁରି ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି। ତଦନ୍ତ ସମୟରେ, ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଇଥିଲା ଏବଂ ପ୍ରାସଙ୍ଗିକ କାରବାର କାଗଜପତ୍ର ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ତାଙ୍କ ନିକଟରୁ ଗୋଟିଏ ଆଇଫୋନ ୧୨ ପ୍ରୋ ମାକ୍ସ, ଗୋଟିଏ ଆଇଫୋନ ୧୪, ଗୋଟିଏ ସାମସଙ୍ଗ ଗାଲାକ୍ସି ଏ୮୦, ଓଡି୦୨ବିଡି୦୦୪୨ ପଞ୍ଜିକୃତ ନମ୍ବର ଥିବା ଗୋଟିଏ ମହିନ୍ଦ୍ରା ସ୍କର୍ପିଓ ଗାଡି ଜବତ ହୋଇଛି।ଅପରାଧିକ ପୂର୍ବାବଲୋକନ ସାଧୁରୁ ଜଣାପଡିଛି ଯେ ଏହି ମାମଲା ବ୍ୟତୀତ, ଅଭିଯୁକ୍ତ ସମାନ ପ୍ରକାରର ଅନ୍ୟ ଅନେକ ଅପରାଧିକ ମାମଲାରେ ମଧ ଜଡିତ। ଅଧିକ ତଦନ୍ତରୁ ଜଣାପଡିଛି ଯେ ସେ ସରକାରୀ ଚାକିରି ପ୍ରଦାନ କରିବାର ମିଥ୍ୟା ବାହାନାରେ ବହୁ ଲୋକଙ୍କୁ ଠକିଥିଲେ ଏବଂ ପରେ ପାଲଟା ତାଙ୍କଠାରୁ ଧମକ ଦେଇ ଟଙ୍କା ଆଦାୟ କରିଥିଲେ।ସମସ୍ତ ଆଇନଗତ ଔପଚାରିକତା ପାଳନ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ରିମାଣ୍ଡ ପାଇଁ କେନ୍ଦୁଝରର ଏସଡିଜେଏମ କୋର୍ଟକୁ ପଠାଯାଇଥିଲା ବୋଲି କେନ୍ଦୁଝର ଟାଉନ ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ପ୍ରକାଶ କରିଛନ୍ତି

## ସିବିଏସଇ ଦ୍ୱାଦଶ ପରୀକ୍ଷାରେ ଆରୋଶ୍ରୀତ ଟପ୍ପର

ଆଗରପଡ଼ା,(ସବ୍ୟୁ): ବନ୍ତବ୍ଲକ ଅନ୍ତର୍ଗତ ପଳାସଗଡ଼ିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଆରୋଶ୍ରୀତ ପାତ୍ର ସର୍ବାଧିକ ୯୨.୬ପ୍ରତିଶତ ନମ୍ବର ରଖି ସିବିଏସଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ଟପର ହୋଇଛନ୍ତି। ସ୍ମୃତିରେଖା ନାୟକ ୯୦.୨ ଓ ହରେକୃଷ୍ଣ ସ୍ୱାଇଁ ୯୦ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ପେଟ୍ରୋଲ ପମ୍ପରେ ଅସମ୍ଭାଳ ଭିଡ଼

ଆଗରପଡ଼ା,(ସବ୍ୟୁ): ଆଗରପଡ଼ାରେ ୩ଟି ପେଟ୍ରୋଲ ପମ୍ପରେ ତେଲ ପାଇବା ପାଇଁ ବର୍ତ୍ତମାନ ଅସମ୍ଭାଳ ଭିଡ଼ ହେଉଥିବାର ଦେଖିବାକୁ ମିଳିଛି। ବାଇକ ଚାଳକମାନଙ୍କୁ ଗୋଟିଏ ଲିଟରରୁ ଅଧିକ ପେଟ୍ରୋଲ ମିଳୁନାହିଁ। ଚାରିଚକିଆ ଯାନକୁ ୨/୩ ଲିଟର ଡିଜେଲ ମିଳୁଛି। ତେଲ ପାଇବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ତେଲ ସଂକଟ ଦେଶରେ ଦେଖା ହେବାର ସମ୍ଭାବନା ଅଛି ବୋଲି ପ୍ରଚାର ହେବା ପରେ ପମ୍ପ ମାଲିକମାନେ ଜାଣିଶୁଣି ଅଧିକ ତେଲ ଦେଉ ନାହାଁନ୍ତି ବୋଲି ଅଭିଯୋଗ ହେଉଛି। ଏଥିନେଇ ପ୍ରବଳ ଜନ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗାଡ଼ି ମାଲିକମାନେ ମଧ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

# ଛାତ୍ର, ଯୁବ ବିଜେଡିର ବିକ୍ଷୋଭ



ବାଲେଶ୍ୱର,(ସବ୍ୟୁ): ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ବାଲେଶ୍ୱର ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବାରମ୍ବାର ପ୍ରଶ୍ନପତ୍ର ଲିକ ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି । ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଯୁବ ନେତା ଭରତ ଭୂଷଣ ଦାସ ଓ ଯୁବ ନେତା ଉମାଶଙ୍କର ତିଆଡ଼ିଙ୍କ ନେତୃତ୍ୱରେ ତଥା ଟାଉନ ବିଜେଡି ସଭାପତି ମନୋଜ ରାଉତ ଓ ପୌର ଉପାଧକ୍ଷ କୈଳାଶ ସେଠୀଙ୍କ ପରିଚାଳନାରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବିଜେଡି ଜିଲ୍ଲା ସଭାପତି ଜେଯାତିପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବାଲେଶ୍ୱର ବିଜେଡି ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାରର ଛାତ୍ର ମାରଣ ନୀତି ବିରୁଦ୍ଧରେ ବର୍ଷିଥିଲେ ।ଏହି ଅବସରରେ ବାଲେଶ୍ୱର ଟାଉନର ନେତୃତ୍ୱଙ୍କ ମଧ୍ୟରେ ସଞ୍ଜୟ ବେହେରା, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସେକ ଆୟୁବ, ରାତିକ ଜୀ, ଅତୁଲ ଶତପଥୀ, କାଉନସିଲର ସନ୍ଧ୍ୟାରାଣୀ ଜେନା, ନଳିନୀ ରଞ୍ଜନ ଦାସ, ଛାତ୍ରନେତା ବିଭୁଦତ୍ତ ପରିଡ଼ା, ସୁବ୍ରତ ବାଗ, ସୌଭାଗ୍ୟ ଖୁଣ୍ଟିଆ, ରାଜୀବ ନାୟକ, ସୀତାଂଶୁ ସେନାପତି, ଜ୍ୟୋତିପ୍ରକାଶ ଗିରି, ଜେଯାତିପ୍ରକାଶ ବେହେରା, ରାଧାଶ୍ୟାମ କୁଣ୍ଡୁ, ଅଞ୍ଜିତା ଗିରି, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ନିମ୍ସ ପକ୍ଷରୁ ବିଶ୍ୱ ସେବିକା ଦିବସ ପାଳିତ




ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଶେରଗଡ଼ ସ୍ଥିତ ନିତାନନ୍ଦ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ନିମସ)ପକ୍ଷରୁ ବିଶ୍ୱ ସେବିକା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେମୁଣା ମେଡିକାଲ କଲେଜ୍ ଏଣ୍ଡ ହସ୍ପିଟାଲର ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ ଶ୍ରୀମତୀ ଶୈଳବାଳା ବେହେରା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ଶ୍ରୀମତୀ ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ–ଉପସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ ଡାଇରେକ୍ଟର ଡ଼ ବିଜୟ କୁମାର ସାହୁ, ଅଧକ୍ଷ ଶ୍ରୀମତୀ ପଦ୍ମାବତୀ ବେହେରା ଏବଂ ବିସିଇଟିର ଉପାଧକ୍ଷ ଜ୍ୟୋତିରଞ୍ଜନ ରାଉତ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ, ନାଟକ ଓ ସଚେତନତାମୂଳକ କାର୍ଯର୍ଯକ୍ରମ ପ୍ରଦର୍ଶିତ ହୋଇଥିଲା । କ୍ୟାଣ୍ଡେଲ ପ୍ରଜ୍ୱଳନ କରି ନର୍ସିଂ ଶପଥ ପାଠ ସହ ସମସ୍ତେ ମାନବ ସେବାକୁ ସର୍ବୋଚ୍ଚ ଧର୍ମ ଭାବେ ଗ୍ରହଣ କରିବାକୁ ସଙ୍କଳ୍ପ ନେଇଥିଲେ । କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିବାରେ ଶ୍ରୀମତୀ ପୂଜା ପ୍ରିୟଦର୍ଶିନୀ ରାଉତ, ମିସ୍ ରଶ୍ମିତା ବେହେରା ଓ ସତ୍ୟପ୍ରିୟ ଦାସ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଓ ସହଯୋଗ କରିଥିଲେ ।

## ଇଞ୍ଜିନିୟର ବିଜୟ ମହାନ୍ତିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭଦ୍ରକ,(ସବ୍ୟୁ) : ଭଦ୍ରକ କାଡା ଡିଭିଜନର ଇଞ୍ଜିନିୟର ବିଜୟ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ। ଆୟ ବହିର୍ଭୁତ ସମ୍ପତି ଠୁଳ କରିବା ଅଭିଯୋଗରେ ଚଢ଼ାଉ। ଆରଡି ଛକ ସ୍ଥିତି ତିନି ମହଲା ଘରେ ଭିଜିଲାନ୍ସ ଚଢ଼ାଉ.ଭଦ୍ରକ ଭିଜିଲାନ୍ସ ଡିଏସପି ଦୁଷ୍ମନ୍ତ ନାୟକଙ୍କ ନେତୃତ୍ୱରେ ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ ଦ୍ୱାରା ଚଢ଼ାଉ ଜାରି ରହିଛି। ଏକା ସାଙ୍ଗରେ ବିଜୟ ମହାନ୍ତିଙ୍କ ଭୁବନେଶ୍ୱର,କେଉଁଝର ଓ ବାଲେଶ୍ୱର ଜିଲ୍ଲା ବସ୍ତା ଅଂଚଳରେ ଥିବା ପୈତୃକ ଘରେ ମଧ ଚଢ଼ାଉ ଚାଲିଛି। ଭିଜିଲାନ୍ସ ଟିମ ଏବେ ଶ୍ରୀମହାନ୍ତିଙ୍କ ଘର ଭିତରେ ପସି ବ୍ୟାଙ୍କ ଆକାଉଣ୍ଟ,ଜମି କାଗଜପତ୍ର,ସୁନା ଗହଣ,ବ୍ୟାଙ୍କ ଲକର ଚାବି କାଠି ସହିତ ବିଭିନ୍ନ କାଗଜ ପତ୍ର ଯାଞ୍ଚ କରୁଥିବା ଜଣାଯାଇଛି। ସେହିପରି ପୂର୍ତ୍ତ ବିଭାଗ ଯନ୍ତ୍ରୀମାନଙ୍କୁ ନେଇ ତାଙ୍କ ଭଦ୍ରକ ଆରଡି ଛକ ସ୍ଥିତ ୩ମହଲା ଭବନକୁ ମାପ ଚୁପ କରାଯାଇ ମୂଲ୍ୟ ନିର୍ଧାରଣ କରାଯାଉଛି। ଅନ୍ୟ ପକ୍ଷରେ ଭଦ୍ରକ ଭିଜିଲାନ୍ସ ଟିମ ଇଞ୍ଜିନିୟର ବିଜୟ ମହାନ୍ତିଙ୍କୁ ଏବେ ତାଙ୍କ ଘରୁ ଉଠାଇ ନେଇଛି। ଅଧିକ ତଦନ୍ତ ଚାଲିଛି ସବୁ ଯାଞ୍ଚ ପରେ ସବିଶେଷ ତଥ୍ୟ ଦିଆଯିବ ବୋଲି ଭିଜିଲାନ୍ସ ଡିଏସପି ଦୁଷ୍ମନ୍ତ ନାୟକ ସୂଚନା ଦେଇଛନ୍ତି। ତେବେ ଭଦ୍ରକ କାଡା ଡିଭିଜନରେ ଇଞ୍ଜିନିୟର ଶ୍ରୀ ମହାନ୍ତି ପ୍ରାୟ ୬ବର୍ଷ ହେଲା ରହିଥିଲେ। ତାଙ୍କ ନାମରେ ଆୟ ବହିର୍ଭୁତ ସମ୍ପତି ଠୁଳ କରିଥିବାରୁ ଅଭିଯୋଗ ଭିଜିଲାନ୍ସ ବିଭାଗ ପାଖରେ ହୋଇଥିଲା।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ ଉଦଘାଟନ ସମାରୋହ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ର ବିଭିନ୍ନ ସ୍ଥାନରେ ୬ ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ ଟି ପ୍ରକଳ୍ପର ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ସମ୍ମାନିତ ଅତିଥି ଭାବରେ ବଡସାହି ବିଧାୟକ ସନାତନ ବିଜୁଳି, ବେତନଟୀ ପଞ୍ଚାୟତ ସମିତି ଅଧକ୍ଷା କୌଶଲ୍ୟା ମାଝୀ ଓ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ , ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ କୁମାର ପଣ୍ଡା, ସମାଜସେବୀ ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗଦାନ କରି ଶିଳାନ୍ୟାସ ଓ ଉଦଘାଟନ କରିଥିଲେ। ମୋଟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରକଳ୍ପ ଗୁଡ଼ିକୁ ଉନ୍ନତ ମାନର ତିଆରି କରିବା ପାଇଁ ବଡସାହି ବିଧାୟକ ସନାତନ ବିଜୁଳି ସମ୍ପୃକ୍ତ ଠିକାଦାରମାନଙ୍କୁ ଶିଳାନ୍ୟାସ କଲାବେଳେ ତାଗିଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ସାଧାରଣ ସମ୍ପାଦକ ବିକାଶ ଦାସ, ବେତନଟୀ ସାଧାରଣ ସମ୍ପାଦକ କ୍ଷୀତିଶ କୁମାର ମହାନ୍ତ , ରଘୁପୁର ସାଧାରଣ ସମ୍ପାଦକ ଅଜୟ ନାୟକ, ରାକେଶ କୁମାର ମହାନ୍ତ , ସୁମନ୍ତ ପରିଡା, ଲୋକନାଥ ଜେନା, ବିରକିଶୋର ବିଶ୍ୱାଳ, ସଂଜୀବ ଜେନା, ଜଗବନ୍ଧୁ ଦାସ, ଅଶ୍ୱର୍ଗ ବେହେରା, ତପନ ମହାନ୍ତ, ପ୍ରମୋଦ ଦାସ, ହିମାଂଶୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳଚାଳକଙ୍କ ସମୟପୋଯୋଗୀ କାର୍ଯ୍ୟ : ବର୍ତ୍ତିଲେ ଗଜରାଜ

କେନ୍ଦୁଝର।(ସବ୍ୟୁ): କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ସିତାବିଞ୍ଜି ବସନ୍ତପୁର ରେଲଲାଇନରେ ଗୁରୁବାର ସକାଳ ୦୮.୨୧ମିନିଟ ସମୟରେ ଗୋଟିଏ ଦନ୍ତା ହାତୀ ରେଳ ଲାଇନ ଅତିକ୍ରମ କରୁଥିବା ବେଳେ ଏକ ମାଲବାହୀ ଟ୍ରେନ ଜଖପୁରାରୁ କେନ୍ଦୁଝର ଅଭିମିଖେ ଆସୁଥିଲା। କିଲୋମିଟର ନମ୍ବର ୮୦/୧୮-୧୬ ମଧ୍ୟରେ ଡାଉନ ଲାଇନରେ ଏକ ବଡ଼ ପୁରୁଷ ଦନ୍ତା ହାତୀ ଟ୍ରାକ ପାର ହେଉଥିବାର ଦେଖି ଟ୍ରେନ ଚାଳକ ଦୀପକ କୁମାର ବାରିକ ଓ ସତ୍ୟରଞ୍ଜନ ସାହୁ ତୁରନ୍ତ ଟ୍ରେନର ହର୍ଣ୍ଣ ବଜାଇବା ସହିତ ଜରୁରୀ କାଳୀନ ବ୍ରେକ ଲଗାଇ ପ୍ରଥମେ ଟ୍ରେନକୁ ଠିଆ କରାଇଥିଲେ ଏବଂ ହାତୀଟି ନିରାପଦରେ ଜଙ୍ଗଲ ଭିତରକୁ ଯିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ଏହି ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବସନ୍ତପୁର ଷ୍ଟେସନରେ ରେଲଚାଳକ ଦ୍ୱୟ ଲିଖିତ ଜଣାଇଥିଲେ। ରେଲଚାଳକଙ୍କ ଉପସ୍ଥିତ ଜରୁରୀ କାର୍ଯ୍ୟ ପାଇଁ ଦନ୍ତାହାତୀ ସୁରକ୍ଷିତ ଜଙ୍ଗଲକୁ ଯାଇଥିବାରୁ ସ୍ଥାନୀୟ ଜନସାଧାରଣ ରେଲଚାଳକଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ବନ ବିଭାଗ ତରଫରୁ ସେମାନଙ୍କୁ ପୁରସ୍କୃତ କରିବାର ବ୍ୟବସ୍ଥା କଲେ ରେଳକର୍ମୀଙ୍କ ମନରେ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ଆଗ୍ରହ ବୃଦ୍ଧି ପାଆନ୍ତା ବୋଲି ମତ ପୋଷଣ କରିଛି ।

## ୫ ହଜାର ଟଙ୍କା ଲାଞ୍ଚ ନଦେବାରୁ ମହିଳାଙ୍କୁ ମୃତ ଘୋଷଣା

ନୀଳଗିରି ,(ସବ୍ୟୁ): ଜଣେ ପଞ୍ଜୀକୃତ ନିର୍ମାଣ ଶ୍ରମିକ ମହିଳା ଜୀବିତ ଥିବାବେଳେ ଲାଞ୍ଚନ ଦେବାରୁ ମୃତ ଦର୍ଶାଇ ଥିବାର ମହିଳା ଜଣକ ବିଭିନ୍ନ ଅଧିକାରୀଙ୍କୁ ଅଭିଯୋଗ କରିଥିବାର ପ୍ରକାଶ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମର ରବୀନ୍ଦ୍ର ପରିଡ଼ାର ସ୍ତ୍ରୀ ଜୟନ୍ତୀ ବିନ୍ଧାଣୀ ନିର୍ମାଣ ଶ୍ରମିକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଝିଅର ବିବାହ ସହାୟତା ରାଶି ସଂକଳ୍ପ ନିର୍ମାଣ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ବିରଞ୍ଚି ପ୍ରଧାନଙ୍କୁ ଜଣାଇଥିଲେ। ଏଥିପାଇଁ ପନ୍ଦର ହଜାର ଟଙ୍କା ଦେଲେ ଝିଅ ବିବାହ ସହାୟତା ପ୍ରଦାନ କରାଯିବ ବୋଲି କହିବା ପରେ ଜୟନ୍ତୀ ବିନ୍ଧାଣୀ ପ୍ରଥମେ ୧୦ହଜାର ଟଙ୍କା ଦେଇଥିଲେ। କରି ସାରିଲେ ଆଉ ୫ ହଜାର ଟଙ୍କା ଦେଇଦେବି ବୋଲି କହିଥିଲେ। ମାତ୍ର ବିରଞ୍ଚି ପ୍ରଧାନ ୫ ହଜାର ଟଙ୍କା ପାଇଁ ମହିଳା ଜୟନ୍ତୀ ବିନ୍ଧାଣୀ ଜୀବିତ ଥାଇ ମୃତ ଘୋଷଣା କରିଛନ୍ତି ବୋଲି ମହିଳା ଜଣକ ଲିଖିତ ଭାବେ ପଦସ୍ଥ ଅଧିକାରୀ ମାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିପ୍ରତି ଜିଲ୍ଲା ଶ୍ରମ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଅଭିଯୋଗ ଖଣ୍ଡନ କଲେ ପଞ୍ଚାୟତ ମହାସଂଘ ସଭାନେତ୍ରୀ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ବଡରାମପୁର ଜୟବଜରଙ୍ଗ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀ କରାଯାଇ ପଞ୍ଚାୟତ ମହାସଂଘ ସଭାନେତ୍ରୀ ଓ ସ୍ୱାମୀଙ୍କ ବିରୋଧରେ ମାନସିକ ଓ ଆର୍ଥୀକ ନିର୍ଯାତନା ଅଭିଯୋଗ କରାଯାଇଛି। ୨୦୨୪ ମସିହା ନଭେମ୍ବର ମାସରେ ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଷ୍ଣୁପୁର ପଞ୍ଚାୟତ ପାଇଁ ରାସନ ସାମଗ୍ରୀ ବିତରଣ ଦାଇତ୍ୱ ମିଳିଥିଲା। ପଞ୍ଚାୟତବାସୀଙ୍କ ସାମଗ୍ରୀକ ସୁବିଧା ପାଇଁ ଚିଙ୍ଗୁଡିପୁର କେନାଲ ଛକରେ ଥିବା ଏକ ଘରେ ରାସନ ସାମଗ୍ରୀ ବିତରଣ କରାଯାଉଥିଲା। ମାତ୍ର ପଞ୍ଚାୟତ ମହାସଂଘ ସଭାନେତ୍ରୀ ଶକୁନ୍ତଳା ସାମଲ ଓ ତାଙ୍କ ସ୍ୱାମୀ ସୁରେଶ ସାମଲ କୁଆଡେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମାନସିକ ଓ ଆର୍ଥୀକ ନିର୍ଯାତନା ଦେଇ ଚାନ୍ଦା ମାଗୁଥିଲେ ବୋଲି ସାମ୍ବାଦିକ ସମ୍ମଳନୀରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇ ପ୍ରତିକାର ପାଇଁ ଆବେଦନ ହୋଇଛି ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଯମୁନା ରାଉଳ ଓ ମାନସୀ ଦାସ, ସାବିତ୍ରୀ ନାୟକ, ରେବତୀ ଜେନା, ସୁବାସିନୀ ଜେନା, ଆରତୀ ଜେନା, ପ୍ରତିଭା ନାୟକ ପ୍ରମୁଖ ସଦସ୍ୟାମାନଙ୍କ ପକ୍ଷରୁ ସମ୍ମିଳନୀରେ ସ୍ୱଷ୍ଟ କରାଯାଇଛି। ମହାସଂଘ ସଭାନେତ୍ରୀ ଶକୁନ୍ତଳା ସାମଲ ଓ ତାଙ୍କ ସ୍ୱାମୀ ସୁରେଶ ସାମଲ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ଏହା କପୋଳକଳ୍ପିତ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ୨ ଜଣ ବ୍ୟକ୍ତି ରାସନ ସାମଗ୍ରୀ ୧୬ ନଂ ଜାତୀୟ ରାଜପଥ ଜବରଦଖଲ ଘରେ ବିତରଣ କରୁଥିଲେ। ସେହି ଘର ଉଚ୍ଛେଦ ହେବା ଯୋଗୁ ପ୍ରତିକ୍ରିୟାଶୀଳ ହୋଇ ମିଥ୍ୟା ଓ ମନଗଢା ଅଭିଯୋଗ ଆଣୁଛନ୍ତି ବୋଲି ଶ୍ରୀ ସାମଲ ଜବାବ ରଖିଛନ୍ତି।

## ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ପରଲୋକ

ବନ୍ତ,(ସବ୍ୟୁ): ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ୧୩ନଂ. ୱାର୍ଡ ପଶ୍ଚିମା ନଗର ସାହିର ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତଙ୍କ ୩ୟ ବଡ ଭାଇ ଅନ୍ତର୍ଯାମୀ ରାଉତ(୭୨)ଙ୍କର ବୁଧବାର ରାତିରେ ପରଲୋକ ଘଟିଛି । ସେ ଗତ ୨୦୧୯ ମସିହା ଠାରୁ ଲିଭର କର୍କଟ ରୋଗରେ ପିଡିତ ଥାଇ ଚିକିତ୍ସାଧିନ ଥିଲେ । ଗତ କିଛି ଦିନ ପୂର୍ବରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଥିବା ବେଳେ ବୁଧବାର ରାତି ୮ଟାରେ ତାଙ୍କର ପରଲୋକ ଘଟିଛି । ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା । ଏକମାତ୍ର ପୁଅ ଗଣେଶ ମୁଖାଗ୍ନି ଦେଇଥିଲେ ।ତାଙ୍କ ମୃତ୍ୟରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ପତ୍ନୀର ଟାଙ୍ଗିଆ ଚୋଟରେ ସ୍ୱାମୀ ମୃତ

କେନ୍ଦୁଝର,(ଜିପ୍ର) : କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ବେଘୁନାଡିହି ଗାଁରେ ପତ୍ନୀର ଟାଙ୍ଗିଆଚୋଟରେ ସ୍ୱାମୀର ମୃତ୍ୟୁହୋଇଛି । ମୃତ ବ୍ୟକ୍ତିଜଣକ ବେଘୁନା ଡିହି ମୁଣ୍ଡା ସାହିର ବଇଁଶୀ ମୁଣ୍ଡା (୫୫) ଏବଂ ଅଭିଯୁକ୍ତ ପତ୍ନୀକୁ ମୁଣ୍ଡାକୁ ପୋଲିସ ଗିରଫ କରିଛି । ବୁଧବାର ରାତିରୁ ମୃତ ଦେହ ଘରେ ପଡି ରହିଥିଲା। ଗୁରୁବାର ସକାଳୁ ସମ୍ପର୍କୀୟଙ୍କ ଠାରୁ ସୂଚନା ପାଇ ପୁଲିସ ଘଟଣା ସ୍ଥଳ ରେ ପହଂଚି ମୃତ ଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ବେଘୁନାଡିହି ମୁଣ୍ଡା ସାହି ଠାରୁ କିଛି ଦୂରରେ ପେଚାନାଳି ପାହାଡ଼ କଡ଼ରେ ବଇଁଶୀ ମୁଣ୍ଡା ଏକ ଘର କରି ନିଜ ପତ୍ନୀ ସହିତ ରହୁଥିଲେ। ବୁଧବାର ରାତିରେ ଖାଇବା ପରେ ସ୍ତ୍ରୀ ସହିତ ଶୋଇଥିଲେ। ନିଶାଶକ୍ତ ଅବସ୍ଥାରେ ଶୋଇଥିବା ବେଳେ ତାଙ୍କୁ ଟାଙ୍ଗିଆରେ ଦେହ ଓ ମୁଣ୍ଡକୁ ହାଣି ଅତି ବିଭତ୍ସ ଭାବେ ହତ୍ୟା କରିଥିବା ଜଣାପଡିଛି। ଗୁରୁବାର ସକାଳେ ବଇଁଶୀଙ୍କ ପୁତୁରା କୁନୁ ମୁଣ୍ଡା ଘଟଣା ବିଷୟରେ ଥାନାରେ ଜଣାଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଛି।

## ସାଇ ଜଗବନ୍ଧୁ ନିର୍ମଳ ଝର ଲୋକାର୍ପିତ

ତିହିଡି,(ସବ୍ୟୁ):ତିହିଡି ସତ୍ୟ ଫାଉଣ୍ଡେସନ ପକ୍ଷରୁ ପୁରୁଣହାଟ ନିକଟରେ ଥିବା ତିହିଡି ଆଇଟିଆଇ ପରିସରରେ ସାଇ ଜଗବନ୍ଧୁ ନିର୍ମଳ ଝର(ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ) ଲୋକାର୍ପିତ ହୋଇଯାଇଛି। ଏଥିରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ରାଜ୍ୟ ଉପସଭାପତି ପ୍ରତାପଚନ୍ଦ୍ର ମହାନ୍ତି,ତିହିଡି ଥାନାର ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ,ସମିତିର ଭଦ୍ରକ-୧ର ଜିଲ୍ଲା ସଭାପତି ଡ଼ା.ରଞ୍ଜିତ୍ ଖଟୁଆ,ଓଡ଼ିଶା ସତ୍ୟସାଇ ଟ୍ରଷ୍ଟର ସଦସ୍ୟ ଇଂ.ସନାତନ ପାତ୍ର,ତିହିଡି ଆଇଟିଆଇର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବିଶ୍ୱାଳ,ତିହିଡି ସମିତିର ଆବାହକ ସଞ୍ଜୟ ମହାପାତ୍ର,ସରପଂଚ ପ୍ରେମଲତା ବିଶ୍ୱାଳ ଓ ସତ୍ୟସାଇ ସଂଗଠନର ସକ୍ରିୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସତ୍ୟଫାଉଣ୍ଡେସନର ଟ୍ରଷ୍ଟି ପାର୍ଥସାରଥୀ ନାୟକ ଏହି ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ସର୍ବସାଧାରଣଙ୍କ ଲାଗି ଉତ୍ସର୍ଗ ହେଲା ବୋଲି କହିବା ସହିତ ସତ୍ୟ ଫାଉଣ୍ଡେସନର ବିଭିନ୍ନ ସାମାଜିକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସତ୍ୟ ଫାଉଣ୍ଡେସନ ପକ୍ଷରୁ ୩ ଜଣଙ୍କୁ ଚିକିତ୍ସା ନିମନ୍ତେ ୧୦ହଜାର ଲେଖାଏଁ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ତିହିଡି ଆଇଟିଆଇର ଅଧକ୍ଷ ଇଂ.ପ୍ରିତମ ଶଙ୍କର ବିଶ୍ୱାଳ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଜନପୁର ପଞ୍ଚାୟତରେ ବାରହା ଉପଦ୍ରବ

ସୋର,(ସବ୍ୟୁ) :ସୋର ବ୍ଲକ ସାଜନପୁର ପଂଚାୟତରେ ବାରହା ଉପଦ୍ରବଦେଖିବାକୁ ମିଳିଥିବା ବେଳେ ଚାଷୀଙ୍କ ଧାନ ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସାଜନପୁର ପଞ୍ଚାୟତ ଅନ୍ତର୍ଗତ କେଶପୁର ଗ୍ରାମର କାଂଶବାଂଶ ନଦୀ ନିକଟରେ ଥିବା ଗ୍ରାମର ଚିନ୍ମୟାନନ୍ଦ ମହାନ୍ତିଙ୍କ ଧାନ କ୍ଷେତରେ ୭/୮ଟି ବାରହା ପଶି ପାଚିଲା ଧାନ ଫସଲ ନଷ୍ଟ କରୁଛନ୍ତି। କାଂଶବାଂଶ ନଦୀ ର ପାର୍ଶ୍ୱବର୍ତ୍ତୀ ଅଂଚଳ ଗୁଡିକ ଚାଷ ନହେବା ଯୋଗୁଁ ଅନେକ ବଣୁଆ ଜୀବଜନ୍ତୁ ଙ୍କର ଆଶ୍ରୟ ସ୍ଥଳୀ ପାଲଟିଛି।ତେଣୁ ଖାଦ୍ୟ ଅନ୍ୱେଷଣରେ ପାଖ ଗ୍ରାମ ଗୁଡିକରେ ରାତିରେ ଫସଲ ନଷ୍ଟ କରିବା ସହିତ କାମ କରୁଥିବା ଶ୍ରମିକ ମାନଙ୍କୁ ମଧ ଆକ୍ରମଣ କରୁଛନ୍ତି। ତେବେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।ତେବେ ଗ୍ରାମରେ ବାରହା ଦଳକୁ ଦେଖି ଗ୍ରାମବାସୀ ମାନେ ଭୟଭୀତ ଅବସ୍ଥାରେ ଅଛନ୍ତି।

# ବିପର୍ଯ୍ୟୟ ପ୍ରଶମନ ସମ୍ପର୍କିତ ତାଲିମ ଶିବିର




ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଆଶ୍ରୟସ୍ଥଳୀ ବିହୀନ ୧୦ ଟି ଗ୍ରାମର ଟାସ୍କ ଫୋର୍ସ ସ୍ୱେଚ୍ଛାସେବୀଙ୍କୁ ନେଇ ୭ ଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ବିଡ଼ିଓ ସପ୍ନେଶ୍ୱର ବେହେରା ଯୋଗଦେଇ ବିପର୍ଯ୍ୟୟକୁ କିପରି ଆମେ ନିଜେ ମୁକାବିଲା କରିବା ସେ ସମ୍ପର୍କରେ ନିଜ ଦକ୍ଷତା ବୃଦ୍ଧି କରିବା ସହ ଗାଁରେ ସମସ୍ତଙ୍କୁ ସଚେତନ କରିବା ଏବଂ ସହାୟତା କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ । ୭ ଦିନିଆ ତାଲିମ ଶିବିର ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ,ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ଯୋଗଦେଇ ମହାବାତ୍ୟା ଆମକୁ ବିପର୍ଯ୍ୟୟ ପରିଚାଳନା ଶିକ୍ଷା ଦେଇଛି ଏବଂ ଆମେ ସେ ଦିଗରେ ଉନ୍ନତି କରୁଛନ୍ତି ବୋଲି କହିଥିଲେ।ନୋଡାଲ ଏଜେନ୍ସି ଆରଆରଡିଓ ର ସମ୍ପାଦକ ଶରତ ତ୍ରିପାଠୀ ତାଲିମର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହିତ ଉଦଘାଟନୀ ସଭା ପରିଚାଳନା କରିଥିଲେ । ଆରଆରଡିଓ ନିର୍ଦ୍ଦେଶକ ମନୋଜ କୁମାର ଜେନା ୭ ଦିନିଆ ତାଲିମ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନା କରିବା ସହିତ ସମସ୍ତ ଅତିଥିଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ତାଲିମଦାତ୍ରୀ ଭାବେ ମାନସୀ ମିଶ୍ର, କବିତା ଘଡେଇ ଓ ସରୋଜିନୀ ହାଁସଦା ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି । ପ୍ରଥମ ବ୍ୟାଚରେ ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ଗ୍ରହଣ କରୁଛନ୍ତି । ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ଯଜ୍ଞପ୍ରଭା ମିଶ୍ରଙ୍କ ନେତୃତ୍ୱରେ ତାଲିମ ପରିଚାଳିତ ହେଉଛି ।

# ଲାୟନ୍ସ କ୍ଲବରେ ମେଗା ରକ୍ତଦାନ ଶିବିର



ବାଲେଶ୍ୱର,(ସବ୍ୟୁ):ବାଲେଶ୍ୱର ଲାୟନ୍ସ କ୍ଲବ, ମାରୱାଡି ମହିଳା ସମିତି ଓ ଆର୍ଟ ଅଫ ଲିଭିଂ ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଲାୟନ୍ସ କ୍ଲବ ସମ୍ମିଳନୀ କକ୍ଷ ର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ଶିବିରକୁ ଉଦଘାଟନ କରି ତିନୋଟି ସଂଗଠନ ମିଳିତ ଆନୁକୂଲ୍ୟରେ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ । କ୍ଲବ ସଭାପତି ଶିବୁ ପୋଦ୍ଦାର ପ୍ରତିମାସ ତିନି ହଜାର ରକ୍ତ ବାଲେଶ୍ୱର ଜିଲ୍ଲା ଥାଲାସେମିଆ ଓ ଅନ୍ୟାନ୍ୟ ରୋଗୀଙ୍କ ପାଇଁ ଆବଶ୍ୟକ ପଡୁ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବ ପାଇଁ କ୍ଲବ ସମ୍ପାଦକ ବିଷ୍ଣୁ ପ୍ରସାଦ ମାରୁ, ସଞ୍ଜୟ ଦାସ, ଚନ୍ଦ୍ର ପ୍ରକାଶ ଭରତିଆ, ରାଜେଶ ଖଣ୍ଡେଲୱାଲ, ରାଜେନ୍ଦ୍ର ଗୁପ୍ତା, ସୁନୀଲ ମୋଦି, କମଲ ମୋଦି,ରାଜକୁମାର ଖଣ୍ଡେଲ ୱାଲ, ନନ୍ଦ କିଶୋର ଖଣ୍ଡେଲୱାଲ, ରାଜେନ୍ଦ୍ର ମହାୱର, ବାଲେଶ୍ୱର ମାରୱାଡି ମହିଳା ସମିତି ସଭାପତି ରଂଜିତା ଲୋଧା, ଗୀତା ସୋମାଣୀ, ଅନିତା ଖଣ୍ଡେଲୱାଲ, ଆର୍ଟ ଅଫ ଲିଭିଙ୍ଗ ବାଲେଶ୍ୱର ଶାଖା ସଭାପତି ରାଜେନ୍ଦ୍ର ପ୍ରସାଦ ମୋର, ଦେବରାଜ ପାଢ଼ୀ, ଅନୁ ଖଣ୍ଡେଲୱାଲ, ପ୍ରକାଶ ଦାସ, ରିଦ୍ଧି ମୋରଏବଂ ସୁସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ମୋଟ ୫୧ୟୁନିଟ ରକ୍ତ ସଂଗୃହିତ ହୋଇଛି।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

କେନ୍ଦୁଝର, (ଜିପ୍ର): ଆସନ୍ତା ୨୦୨୨ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୌସୁମୀ ସମୟରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବନ୍ୟା ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି।ଏହି ବୈଠକରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମଦନହର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସମ୍ବିତ କୁମାର ନାୟକ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୂନା, ଜିଲ୍ଲା ଆପତକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ ଏବଂ ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ସେବା ସହ ଜଡିତ ଅଧିକାରୀମାନେ ଉପସ୍ଥିତ ଥିଲେ।ବୈଠକରେ ଜିଲ୍ଲାପାଳ ପ୍ରାକ ପ୍ରସ୍ତୁତି, ଆନ୍ତଃ ବିଭାଗୀୟ ସମନ୍ୱୟ ଏବଂ ଠିକ ସମୟରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଜଳସେଚନ ବିଭାଗ ଏବଂ ଡ୍ରେନେଜ ବିଭାଗର ଅଧିକାରୀମାନଙ୍କୁ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।ବନ୍ୟା ଜଳର ସୁଗମ ନିଷ୍କାସନ ପାଇଁ ସମସ୍ତ ବିଡିଓ ଏବଂ ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଡ୍ରେନେଜ ବ୍ୟବସ୍ଥା ସଫା ରଖିବାକୁ କୁହାଯାଇଛି। ଜୁନ ୧ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଦପ୍ତର ଏବଂ ଜରୁରୀକାଳୀନ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ କରିବା ସହ ଦୈନିକ ବୃଷ୍ଟିପାତ ଓ ବନ୍ୟା ସ୍ଥିତି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ଜରୁରୀକାଳୀନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ ଓ ସାମଗ୍ରୀ ଗଚ୍ଛିତ ରଖିବାକୁ ଏବଂ ସିଡିଏମଓ ଓ ଆରଡବ୍ଲ୍ୟୁଏସଏସ ବିଭାଗକୁ ନିରବଚ୍ଛିନ୍ନ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ନିର୍ଦ୍ଦେଶ ହୋଇଛି। ସ୍ୱାସ୍ଥ୍ୟ, ପଶୁସମ୍ପଦ ଏବଂ କୃଷି ବିଭାଗକୁ ରୋଗ ପ୍ରତିରୋଧକ ବ୍ୟବସ୍ଥା ସହ ପ୍ରସ୍ତୁତ ରହିବାକୁ କୁହାଯାଇଛି। ପାନୀୟ ଜଳ ଓ ଶୌଚାଳୟ ସୁବିଧା ଥିବା ବନ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରି ମେ ୧୫ ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଛି। ସେହିପରି ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ସ୍ଥାନାନ୍ତରଣ ଓ ପରିବହନ ଯୋଜନା ପ୍ରସ୍ତୁତ କରାଯାଇଛି। ଜରୁରୀ ସମୟରେ ଓଡ୍ରାଫ, ଏନଡିଆରଏଫ ଏବଂ ସେନା ବାହିନୀର ମୁତୟନ ପାଇଁ ଆରକ୍ଷୀ ଅଧୀକ୍ଷକ ଏବଂ ପୂର୍ତ୍ତ ବିଭାଗକୁ ଆଗୁଆ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ନିଆଯାଇଥିଲା ।

## ଫେଭିକଲ ପକ୍ଷରୁ କୁର୍ସି ପେ' ନଜର୍ କମର୍ସିଆଲ କ୍ୟାମ୍ପେନ୍

ଭଦ୍ରକ(ସବ୍ୟୁ): ପିଡିଲାଇଟ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଏହାର ନୂତନ ଫେଭିକଲ ଟେଲିଭିଜନ କମର୍ସିଆଲ ଫିଲ୍ମ, 'କୁର୍ସି ପେ ନଜର' ଉନ୍ମୋଚନ କରାଯାଇଛି । ଦୈନନ୍ଦିନ ଜୀବନ ସହ ଜଡିତ ଏହି ଫିଲ୍ମ କିଭଳି ଏକ ସାଧାରଣ କୁର୍ସି ଏକ ଫର୍ଣ୍ଣିଚର ଭାବେ ନିଜର ଭୂମିକାକୁ ଅତିକ୍ରମ କରି ଘର, କାର୍ଯ୍ୟାଳୟ ଓ ଅନୁଷ୍ଠାନ ଗୁଡିକରେ ମହତ୍ୱାକାଂକ୍ଷା ଓ ଅଧିକାରର ଏକ ଶକ୍ତିଶାଳୀ ପ୍ରତୀକରେ ପରିଣତ ହୋଇଛି ତାହାକୁ କ୍ୟାପ୍ଚର କରିଛି । 'କୁର୍ସି ପେ ନଜର' ହେଉଛି ଆଡଭରଟାଇଜିଂ ଲିଜେଣ୍ଡ ପିୟୁଷ ପାଣ୍ଡେଙ୍କ ଦ୍ୱାରା ନିର୍ମିତ ଶେଷ ଫେଭିକଲ କ୍ୟାମ୍ପେନ । ଏହି ଶୁଭାରମ୍ଭ ଅବସରରେ ପିଡିଲାଇଟ ଇଣ୍ଡଷ୍ଟ୍ରୀଜ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ, ସୁଧାଂଶୁ ଭଟ୍ଟ କହିଛନ୍ତି, ଫେଭିକଲ ସବୁବେଳେ ଗ୍ରାହକଙ୍କ ସହ ଗଭୀର ଭାବେ ଜଡ଼ିତ ରହିବା ପାଇଁ ଏକ ଆକର୍ଷଣୀୟ ଶୈଳୀରେ ବ୍ୟାଖ୍ୟା କରାଯାଇଥିବା ସରଳ ମାନବିକ ସତ୍ୟକୁ ପ୍ରକାଶ କରିଥାଏ । 'କୁର୍ସି ପେ ନଜର' ଏକ ସ୍ୱତନ୍ତ୍ର ଭାରତୀୟ ଅନ୍ତର୍ଦୃଷ୍ଟିରୁ ପ୍ରେରଣା ହାସଲ କରିଛି ଯାହାକୁ କାର୍ଯ୍ୟକ୍ଷେତ୍ର, ଘର ଓ ଅନୁଷ୍ଠାନଗୁଡିକରେ ପ୍ରସାରଣ କରାଯିବ । ଓଜଲିଭ ଇଣ୍ଡିଆର ଗ୍ରୁପ୍ ସିଓଓ, କାଇନାଜ କର୍ମାକର ଓ ହର୍ଷଦ ରାଜାଧ୍ୟକ୍ଷ କହିଛନ୍ତି, ଏହା କେବେ ବି ଆମ ପାଇଁ କେବଳ ଏକ ଫିଲ୍ମ ହୋଇପାରିବ ନାହିଁ । ଏହା ଏକ ଯାତ୍ରା ଥିଲା । ଏକପ୍ରକାରର ତୀର୍ଥଯାତ୍ରା ସେହି ମାର୍ଗ ଯେଉଁଥିରେ ପିୟୁଷ କେବଳ ଓଜଲିଭି ପାଇଁ ନୁହେଁ ବରଂ ଆମ ସମଗ୍ର ବୃତ୍ତି ପାଇଁ ସୃଷ୍ଟି କରିଥିଲେ ।

## ସମ୍ପାଦକୀୟ

# ସତେଇଶ ବର୍ଷ ତଳର ସେହି ଚାଞ୍ଚଲ୍ୟକର ଘଟଣା

୧୯୯୯ ମସିହା ଜାନୁଆରୀ ୨୨ ତାରିଖର ସେହି ଭୟଙ୍କର ରାତ୍ରି । କେନ୍ଦୁଝର ଜିଲ୍ଲାର ମନୋହରପୁରଠାରେ ସେହି ନିଘଞ୍ଚ ଜଙ୍ଗଲ ମଧ୍ୟରେ ଅଷ୍ଟ୍ରେଲିଆର ଜଣେ ମିଶନାରୀ ଗ୍ରାହମ ଷ୍ଟିୱାର୍ଟ ଷ୍ଟେନସଙ୍କ ସମେତ ତାଙ୍କ ଦୁଇ ଶିଶୁ ପୁତ୍ର ଫିଲିପ (୧୧) ଓ ଟିମୋଥି (୭) ଷ୍ଟେସନ ୱାଗନ ଗାଡ଼ି ଭିତରେ ଶୋଇଥିବା ବେଳେ ସେମାନଙ୍କ ଗାଡ଼ିରେ ଅଗ୍ନି ସଂଯୋଗ କରି ସେମାନଙ୍କୁ ଯେପରି ନୃଶଂସ ଭାବରେ ହତ୍ୟା କରାଗଲା, ତାହା ଥିଲା ଅତ୍ୟନ୍ତ ଚାଞ୍ଚଲ୍ୟକର ଘଟଣା । ତହିଁ ଆର ଦିନ ସକାଳେ ଏହି ଅଭୁତପୂର୍ବ ଘଟଣା ବିଦ୍ୟୁତ ବେଗରେ କେବଳ କେନ୍ଦୁଝର ନୁହେଁ, ସାରା ଓଡ଼ିଶା ଓ ଭାରତରେ ପ୍ରଚାରିତ ହୋଇଥିଲା । ଶେଷରେ ସାରା ବିଶ୍ୱରେ ଏହା ପ୍ରଚାରିତ ହେବା ପରେ କେନ୍ଦ୍ର ଓ ରାଜ୍ୟର କଂଗ୍ରେସ ସରକାର ଏଥିରେ ବିଚଳିତ ହୋଇ ଯାଇଥିଲେ । ମୃତ ଗ୍ରାହମ ଷ୍ଟେନସ ନୀରିହ ଆଦିବାସୀ ଲୋକଙ୍କୁ କୁଆଡ଼େ ପ୍ରଭାବିତ କରି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାକୁ ନିବେଦନ କରୁଥିଲେ ବୋଲି ବଜରଙ୍ଗ ଦଳ ଏଥିରେ ଅସହିଷ୍ଣୁ ହୋଇ ଏପରି ହତ୍ୟାକାଣ୍ଡ ଭିଆଇଥିଲେ ବୋଲି ସେତେବେଳେ କୁହା ଯାଉଥିଲା ।

ହତ୍ୟାକାରୀଙ୍କ ଦଣ୍ଡବିଧାନ ସଂକ୍ରାନ୍ତରେ ଏହି ଘଟଣା ସେତେବେଳେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ମୁଦ୍ରଣ ଓ ତଡିତ ଗଣମାଧ୍ୟମଗୁଡ଼ିକ ଏହି ହତ୍ୟାକାଣ୍ଡ ସଂକ୍ରାନ୍ତରେ ଖବର ବାରମ୍ବାର ପ୍ରସାରଣ କରି ଆସୁଥିଲେ ।

**ସେ ଯାହା ହେଉ, ଏତେ ବଡ଼ ବିପଦରେ ମଧ୍ୟ ଗ୍ରାହମ ଷ୍ଟେନସଙ୍କ ବିଧବା ପତ୍ନୀ ଗ୍ଲାଡିଜ ଷ୍ଟେନସ ଅଦାଲତଙ୍କ ରାୟ ଶୁଣିବା ପରେ ତାଙ୍କ ସ୍ୱାମୀ ଓ ନୀରିହ ଶିଶୁ ପୁତ୍ରଦ୍ୱୟଙ୍କ ହତ୍ୟାକାରୀଙ୍କୁ କ୍ଷମା ଦେବାକୁ ନିବେଦନ କରିଥିଲେ । ସେମାନଙ୍କ ପ୍ରତି ତାଙ୍କର ଘୃଣାଭାବ ନାହିଁ ବୋଲି ମଧ୍ୟ ସେ ପ୍ରକାଶ କରିଥିଲେ । ଗ୍ରାହମ ଷ୍ଟେନସଙ୍କ ବଡ଼ ଭାଇ ଜନ୍ ଷ୍ଟେନସ ଯିଏକି ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ସେତେବେଳେ ରହୁଥିଲେ, ସେ ଅଭିଯୁକ୍ତ ଦାରା ସିଂଙ୍କୁ ମୃତ୍ୟୁ ଦଣ୍ଡ ନ ଦେବାକୁ ଏବଂ ଅନ୍ୟ ସମସ୍ତ ଅପରାଧୀଙ୍କୁ ଦୟା ପ୍ରଦର୍ଶନ ପାଇଁ ନିବେଦନ କରିଥିଲେ । ପ୍ରକୃତରେ ମାନବିକତାର ଏପରି ଦୃଷ୍ଟାନ୍ତ ଖୁବ୍ ବିରଳ ।**

୧୯୬୫ ମସିହାରେ ଗ୍ରାହାମ ଷ୍ଟେନସ ସପରିବାର ମୟୂରଭଞ୍ଜ ଜିଲ୍ଲାରେ ରହି କୁଷ୍ଠରୋଗୀମାନଙ୍କର ସେବା କରି ଆସୁଥିଲେ । ତାଙ୍କୁ ଓ ତାଙ୍କର ଦୁଇ ଶିଶୁ ପୁତ୍ରଙ୍କୁ ଗାଡ଼ି ଭିତରେ ଅଗ୍ନି ସଂଯୋଗ କରି ହତ୍ୟା କରିବା ପରେ ସେହି ଅଭିଯୋଗରେ ବଜରଙ୍ଗ ଦଳର ଦାରା ସିଂଙ୍କୁ ଭୁବନେଶ୍ୱରର ସିବିଆଇ କୋର୍ଟ ସେପ୍ଟେମ୍ବର ୨୨ ତାରିଖରେ ମୃତ୍ୟୁ ଦଣ୍ଡ ପାଇଁ ଏବଂ ଅନ୍ୟ ୧୨ ଜଣଙ୍କୁ ଆଜୀବନ ଜେଲ ଦଣ୍ଡ ପାଇଁ ସୁପାରିଶ କରିଥିଲେ । ଏହା ପୂର୍ବରୁ ତତ୍କାଳୀନ ଖୋର୍ଦ୍ଧାର ଜିଲ୍ଲା ଓ ସେସନସ ଜଜ ମହେନ୍ଦ୍ର ନାଥ ପଟ୍ଟନାୟକ ସେପ୍ଟେମ୍ବର ୧୫ରେ ୧୪ ଜଣ ଅପରାଧୀଙ୍କୁ ବିଭିନ୍ନ ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ ମଧ୍ୟ ଅନିରୁଦ୍ଧ ଦଣ୍ଡପାଟ ଓରଫ ଅନ୍ଧ ନାୟକଙ୍କୁ ପ୍ରମାଣ ଅଭାବରୁ ଅଦାଲତ ଖଲାସ କରି ଦେଇଥିଲେ । ମୁଖ୍ୟ ଅପରାଧୀ ବଜରଙ୍ଗ ଦଳର ଦାରା ସିଂଙ୍କ ପକ୍ଷରୁ ମୋକଦ୍ଦମା ଲଢୁଥିବା ଆଡଭୋକେଟ ବନ ମହାନ୍ତି ଅଦାଲତରେ କହିଥିଲେ ଯେ ଜିଲ୍ଲା ସେସନସ କୋର୍ଟଙ୍କ ରାୟକୁ ଦାରା ସିଂ ହାଇକୋର୍ଟରେ ଚାଲେଞ୍ଜ କରିବାକୁ ଚାହାନ୍ତି ନାହିଁ ।

କେନ୍ଦ୍ର ସରକାର ସୁପ୍ରିମ କୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ ଡି.ପି. ୱାଧାଙ୍କୁ ଏହି ଘଟଣାର ତଦନ୍ତ କମିଶନ ଭାବେ ନିଯୁକ୍ତ କରିଥିଲେ । ଅବଶ୍ୟ ୱାଧା କମିଶନ ତାଙ୍କର ତଦନ୍ତ ରିପୋର୍ଟ ଜୁନ୍ ୧୯୯୯ରେ କେନ୍ଦ୍ର ସରକାରଙ୍କ ନିକଟରେ ପେଶ କରିଥିଲେ । ଏହି କମିଶନ ହତ୍ୟାକାଣ୍ଡରେ କୌଣସି ଦଳ ବା ସଂଘକୁ ଦୋଷାରୋପ କରି ନଥିଲେ ଏବଂ ସିବିଆଇଦ୍ୱାରା ଏହି ହତ୍ୟାକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଲାଗି ମଧ୍ୟ ସୁପାରିଶ କରିଥିଲେ । ଏହି ତଦନ୍ତ କମିଶନ ଭୁବନେଶ୍ୱରର ଷ୍ଟେଟ ଗେଷ୍ଟ ହାଉସରେ ତାଙ୍କର ତଦନ୍ତ ପ୍ରକ୍ରିୟା ଜାରି ରଖିଥିବାବେଳେ ତତ୍କାଳୀନ ଓଡ଼ିଶାର ପୋଲିସ ମହାନିର୍ଦ୍ଦେଶକ ଦୀଲିପ ମହାପାତ୍ରଙ୍କୁ ମଧ୍ୟ ସାକ୍ଷ୍ୟ ପ୍ରଦାନ ସମୟରେ କମିଶନ ଅପଦସ୍ତ କରିଥିବା କଥା ଜଣେ ସାମ୍ବାଦିକ ଭାବେ ଏ ଲେଖକ ଲକ୍ଷ୍ୟ କରିଥିଲା । ଅବଶ୍ୟ ସେ ଏବେ ସ୍ୱର୍ଗରେ ।

ସେ ଯାହା ହେଉ, ଏତେ ବଡ଼ ବିପଦରେ ମଧ୍ୟ ଗ୍ରାହମ ଷ୍ଟେନସଙ୍କ ବିଧବା ପତ୍ନୀ ଗ୍ଲାଡିଜ ଷ୍ଟେନସ ଅଦାଲତଙ୍କ ରାୟ ଶୁଣିବା ପରେ ତାଙ୍କ ସ୍ୱାମୀ ଓ ନୀରିହ ଶିଶୁ ପୁତ୍ରଦ୍ୱୟଙ୍କ ହତ୍ୟାକାରୀଙ୍କୁ କ୍ଷମା ଦେବାକୁ ନିବେଦନ କରିଥିଲେ । ସେମାନଙ୍କ ପ୍ରତି ତାଙ୍କର ଘୃଣାଭାବ ନାହିଁ ବୋଲି ମଧ୍ୟ ସେ ପ୍ରକାଶ କରିଥିଲେ । ଗ୍ରାହମ ଷ୍ଟେନସଙ୍କ ବଡ଼ ଭାଇ ଜନ୍ ଷ୍ଟେନସ ଯିଏକି ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ସେତେବେଳେ ରହୁଥିଲେ, ସେ ଅଭିଯୁକ୍ତ ଦାରା ସିଂଙ୍କୁ ମୃତ୍ୟୁ ଦଣ୍ଡ ନ ଦେବାକୁ ଏବଂ ଅନ୍ୟ ସମସ୍ତ ଅପରାଧୀଙ୍କୁ ଦୟା ପ୍ରଦର୍ଶନ ପାଇଁ ନିବେଦନ କରିଥିଲେ । ପ୍ରକୃତରେ ମାନବିକତାର ଏପରି ଦୃଷ୍ଟାନ୍ତ ଖୁବ୍ ବିରଳ ।

ଇତିମଧ୍ୟରେ ସର୍ବୋଚ୍ଚ ଅଦାଲତ ବା ସୁପ୍ରିମ କୋର୍ଟ ଏବେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂ (ଉତ୍ତର ପ୍ରଦେଶ)ଙ୍କ ଶୁଣାଣିକୁ ଗତ ତା ୧୪/୦୪/୨୦୨୬ରୁ ଆସନ୍ତା ଜୁଲାଇ ୧୪ (୨୦୨୬)କୁ ଘୁଞ୍ଚାଇ ଦେଇଛନ୍ତି । ଦାରା ସିଂ ଓରଫ ରବୀନ୍ଦ୍ର କୁମାର ପାଲଙ୍କୁ ସିବିଆଇ ଗତ ୨୦୦୦ ଜାନୁଆରୀ ୩୧ ତାରିଖରେ ଗିରଫ କରିବା ପରେ ସେ ଦୀର୍ଘ ୨୬ ବର୍ଷ ଧରି କାରାଦଣ୍ଡ ଭୋଗି ଆସୁଛନ୍ତି । ଉଲ୍ଲେଖନୀୟ ଯେ ଓଡ଼ିଶା ହାଇକୋର୍ଟ ଗତ ୨୦୦୫ ମେ' ୧୯ ରେ ଦାରା ସିଂଙ୍କ ମୃତ୍ୟୁ ଦଣ୍ଡକୁ ଲାଘବ କରି ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ । ଗତ ମାର୍ଚ୍ଚ ୧୯ (୨୦୨୬)ରେ ସର୍ବୋଚ୍ଚ ଅଦାଲତ ଆଶା କରୁଥିଲେ ଯେ ରାଜ୍ୟ ସରକାର (ଓଡ଼ିଶା) ଏ ବିଷୟରେ ପଦକ୍ଷେପ ନେବେ । ଦାରା ସିଂଙ୍କ ଓକିଲ ମଧ୍ୟ ୨୦୨୪ ଜୁଲାଇରେ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ ଯେ ରାଜୀବ ଗାନ୍ଧିଙ୍କୁ ହତ୍ୟା କରିଥିବା ଅପରାଧୀମାନଙ୍କ ପରି ଦାରା ସିଂଙ୍କୁ ଖଲାସ କରି ଦିଆଯାଉ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଗୁଣି ଗାରେଡ଼ି ଓ ଡାହାଣୀଙ୍କ କଥା-୨



ସୁଧାଂଶୁ ଶେଖର ଧଡା

ଓଡ଼ିଶାରେ ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ ଆଦିକୁ ନେଇ ଦୀର୍ଘବର୍ଷ ହେଲା ଓଡ଼ିଶା ହେତୁବାଦୀ ସମାଜ ଲୋକଙ୍କ ନିକଟକୁ ଯାଇ ଏସବୁ ବିରୁଦ୍ଧରେ ଜନଚେତନା ଏବଂ ଗୁଣିଗାରେଡି, ଅଲୌକିକତା ଗୁମର ପ୍ରଘଟ କାର୍ଯ୍ୟକ୍ରମ କରି ଆସୁଛି । ଏଥିସହ ବିଭିନ୍ନ ହତ୍ୟା ଓ ଅପରାଧର ଘଟଣାସ୍ଥଳରେ ବିଶ୍ଳେଷଣ କରୁଛି । ଅନେକ ସ୍ଥାନରେ ଗୁଣିଗାରେଡି, ତନ୍ତ୍ରମନ୍ତ୍ର ଆଦି ବିଶ୍ୱାସରୁ ଉପୁଜୁଥିବା ସମସ୍ୟାର ସମାଧାନ ମଧ୍ୟ କରିଛି । ହତ୍ୟା, ଅପମୃତ୍ୟୁ ଓ ଅପରାଧଗୁଡ଼ିକ କେବଳ ଡାହାଣୀ ଶବ୍ଦ ସହ ସବୁବେଳେ ଯୋଡ଼ି ହୋଇନାହିଁ ।

ଏ ସମ୍ପର୍କିତ ଘଟଣାରୁ ସଂଗୃହୀତ ତଥ୍ୟ ଆଧାରରେ ହତ୍ୟା, ଆତ୍ମହତ୍ୟା, ଅପମୃତ୍ୟୁ ବଳି, ଅପରାଧ ଆଦିକୁ ୧୬ଟି ସ୍ୱତନ୍ତ୍ର ବିଭାଗରେ ବିଭକ୍ତ କରାଯାଇଛି ।

ସେଗୁଡ଼ିକ ହେଲା-(୧) ଗୁଣିଗାରେଡ଼ି, ପାଙ୍ଗଣ ଇଲାଜ ଆଦି ନାମରେ କିଛି ବ୍ୟକ୍ତି ଅନ୍ୟର କ୍ଷତି କରିପାରିବା ଓ ମାରିଦେଇ ପାରୁଥିବାର ବିଶ୍ୱାସ, (୨) ହନୁମାନ ପଇସାର ଆଲୌକିକ ଶକ୍ତି ଥିବା କହି ଅସମ୍ଭବ ଭାବରେ ଉଚ୍ଚ ଦରରେ ବିକ୍ରି ଜନିତ ହତ୍ୟାକାଣ୍ଡ, (୩) ଖଟବିଦ୍ୟା ପ୍ରୟୋଗ କରି ଅପରାଧୀଙ୍କୁ ଧରିବା ଏବଂ ଏ ସମ୍ପର୍କିତ ଘଟଣା ନେଇ ହତ୍ୟାକାଣ୍ଡ, (୪) ସାପ କାମୁଡ଼ାର ଡାକ୍ତରୀ ଚିକିତ୍ସା ନକରି ଦେଶୀ ଚିକିତ୍ସା ଓ ଗୁଣିଗାରେଡ଼ି ଚିକିତ୍ସା କରାଯିବା ଜନିତ ଅପମୃତ୍ୟୁ (୫) ଅଭୀଷ୍ଟ ପୂରଣ ଓ ଗୁପ୍ତଧନ ପାଇବା ଲାଗି ଶିଶୁବଳି, ନରବଳି, ପଶୁପକ୍ଷୀ ବଳି ଦିଆଯିବା ଜନିତ ହତ୍ୟା ଓ ଅପରାଧ, (୬) ଲୋକଙ୍କୁ ଭୂତ ଲାଗିଥିବା କହି ଛଡ଼େଇବାକୁ ଗୁଣିଆ ଡକେଇ ଶାରୀରିକ ଉତ୍ପୀଡ଼ନ ଦେବା ଓ ସେହି କାରଣରୁ ମୃତ୍ୟୁ ଘଟିବା, (୭) ତନ୍ତ୍ରମନ୍ତ୍ର-ଗୁଣିଗାରେଡ଼ି, ଡେଉଁରିଆ, ତାବିଜ ଆଦି ଦେଇ ରୋଗ ଚିକିତ୍ସା କରିବା, ଏଥିରେ ସୁଫଳ ନ ମିଳିବାରୁ ଗୁଣିଆଙ୍କୁ ହତ୍ୟା, (୮) ବିଭିନ୍ନ ଧର୍ମଗୁରୁଙ୍କ ଦୀକ୍ଷା ନେଇଥିବା ତଥା ଆଶ୍ରିତ ବୋଲି ନିଜକୁ ଘୋଷଣା କରିଥିବା ବ୍ୟକ୍ତିମାନେ ରୋଗହେଲେ ଗୁରୁଙ୍କ ପାଦୁକ ପାନ ବ୍ୟତୀତ ଔଷଧ ନଖାଇ କିମ୍ବା ଚିକିତ୍ସା ନ କରି ଅକାଳ ମୃତ୍ୟୁ ମୁଖରେ ପଡିବା , (୯) ନବଜାତ ଶିଶୁଙ୍କୁ କଳାଶିରା ବା କଳାଛିର ରୋଗ କହି ଉତ୍ତପ୍ତ ଲୁହା କାଠିରେ ଚେଙ୍କ ଦେବା ଜନିତ ଅନ୍ଧବିଶ୍ୱାସପୂର୍ଣ୍ଣ ଚିକିତ୍ସାରେ ଶିଶୁମୃତ୍ୟୁ, (୧୦) ବିଭିନ୍ନ ରାଶି, ନକ୍ଷତ୍ର ଯୋଗ ଆଦିରେ ଆତ୍ମହତ୍ୟା କରିଲେ ମୋକ୍ଷଲାଭର ଅବଧାରଣାକୁ ନେଇ ଆତ୍ମହତ୍ୟା, (୧୧) କ୍ୟାନସର ଭଳି ରୋଗର ଡାକ୍ତରୀ ଚିକିତ୍ସାକୁ ନକରି ବିଭିନ୍ନ ଧାର୍ମିକସ୍ଥଳ ଓ ଧର୍ମ ପୁରୁଷଙ୍କ ମୂର୍ତ୍ତି ଆଗରେ ଅଖଣ୍ଡ ଦୀପ ଜାଳିବା, ଛାତ ଉପରୁ ବାଇଗଣ ଭଳି କଣ୍ଟାଯୁକ୍ତ ପରିବା ଫଳ ଗଛକୁ ହଟେଇବା, ରୋଷେଇ ଘର ଓ ପ୍ରବେଶ ପଥ ବଦଳାଇବା କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା(ଏହାକୁ ଶୀତଳରକ୍ତ ମୃତ୍ୟୁ ଭାବରେ ନାମିତ କରାଯାଇଛି ), (୧୨) ଗୁଣିଗାରେଡ଼ି ପାଙ୍ଗଣ ଆଦି କରି ଅନ୍ୟର କ୍ଷତି କରିବା ଜନିତ ବିବାଦ ନେଇ ହତ୍ୟାକାଣ୍ଡ, (୧୩) ତନ୍ତ୍ରମନ୍ତ୍ର ମାଧ୍ୟମରେ କିମ୍ବା ବାବାମାତାଙ୍କ ନିର୍ଦ୍ଦେଶରେ ଗୁପ୍ତଧନ ଖୋଜିବାକୁ ଯାଇ ମୃତ୍ୟୁ ଘଟିବା, (୧୪) ବିଭିନ୍ନ ଧର୍ମର ଧର୍ମଗ୍ରନ୍ଥ ବର୍ଣ୍ଣିତ କାହାଣୀ ଆଧାରରେ ରୋଗର ଡାକ୍ତରୀ ଚିକିତ୍ସା ନକରି ଅଲୌକିକ ଶକ୍ତି ପାଇ ରୋଗରୁ ଆରୋଗ୍ୟ ଲାଭ ଉଦ୍ୟମରେ ବିଫଳତା ଜନିତ ଆତ୍ମହତ୍ୟା, (୧୫) ପ୍ରାଚୀନ ପଦାର୍ଥ ଓ ମୂର୍ତ୍ତି ଚୋରି କରିନେଇ ସେ ସବୁର ପୂଜାଦ୍ୱାରା ଅଭୀଷ୍ଟ ସାଧନ ଅବଧାରଣାରେ ହତ୍ୟାକାଣ୍ଡ ଘଟାଇବା । (୧୬) ହାଡ଼ବାଇ ବା ପୋଲଟରଜିଷ୍ଟ ଫେନୋମିନା ଅବଧାରଣାକୁ ନେଇ ବିଭିନ୍ନ ସ୍ଥାନରେ ହଠାତ୍ ରହସ୍ୟଜନକ ନିଆଁ ଲାଗିବା, ଏହା ଦୁଇ ପ୍ରକାରର, ପ୍ରଥମଟି ବ୍ୟକ୍ତିଗତ ଭାବରେ ଘରେ ହଠାତ୍ ନିଆଁ ଲାଗିବା ଓ ଦ୍ୱିତୀୟଟି ଗ୍ରାମର ବିଭିନ୍ନ ଘରେ ଏକକାଳୀନ ନିଆଁ ଲାଗିବା ଘଟଣାରେ ବିବାଦ ଘଟି ହତ୍ୟାକାଣ୍ଡ ।




ଓଡ଼ିଶା ମାନବିକ ଅଧିକାର କମିଶନ କେବଳ ଡାହାଣୀ ଅବଧାରଣା ଓ ଡାହାଣୀ ଶବ୍ଦକୁ ନେଇ ଏହାର ବ୍ୟବହାରକୁ ଅପରାଧ ବୋଲି ମତ ଦେଇଛନ୍ତି । ଏଥିସହିତ ଓଡ଼ିଶା ଗୁଣିଗାରେଡି ନିରାକରଣ ଆଇନ ୨୦୧୩ର ସଂଶୋଧନ ଉପରେ ମତ ଦେଇଛନ୍ତି ।

ଇଂରାଜୀରେ Witch-huntingର ଆକ୍ଷରିକ ଅନୁବାଦରେ ଡାହାଣୀ ଶିକାର ବୋଲି କୁହାଯାଇଛି । କିନ୍ତୁ ଏହି ଧାରଣାଟି ହେଉଛି ସମସ୍ତ ୧୬ ପ୍ରକାରର ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ, ଅଲୌକିକତା, ଅବୈଜ୍ଞାନିକ ଅବଧାରଣା ପ୍ରଭୃତିର ଏକ ସାଙ୍କେତିକ ଶବ୍ଦ । କାରଣ ଏସବୁ ଅବଧାରଣା ୧୬ ପ୍ରକାରର ବୋଲି ଏପର୍ଯ୍ୟନ୍ତ ଜଣାପଡ଼ିଛି । ତେଣୁ ଏହି ଆଇନର ପରିସର ବୃଦ୍ଧି କରି ଗୁଣିଗାରେଡି ନିରୋଧ ଆଇନର ଶିରୋନାମା ସଂଶୋଧନ କରି ଅବୈଜ୍ଞାନିକ ଅବଧାରଣା ନିରାକରଣ ଆଇନ ଭାବରେ ନାମିତ କରାଯିବାର ଆବଶ୍ୟକତା ରହିଛି ।

ବର୍ତ୍ତମାନର ଆଇନରେ କେବଳ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି । Witch-hunting ବଦଳରେ ଅବୈଜ୍ଞାନିକ ଅବଧାରଣା (Unscientific Belief) ଶବ୍ଦର ପ୍ରୟୋଗ କରାଯାଇ ଏହି ଆଇନର ଧାରା ୧୧ ଅନୁଯାୟୀ ରାଜ୍ୟ ସରକାର ଏକ ବା ଏକାଧିକ ଯୋଜନା । ଜନଚେତନା । ଉଦ୍ଦେଶ୍ୟରେ ପ୍ରଣୟନ କରିପାରିବେ ବୋଲି ବ୍ୟବସ୍ଥା ହୋଇଛି । ସାମଗ୍ରୀକ ଭାବରେ ବିଭିନ୍ନ ଅନ୍ଧବିଶ୍ୱାସଜନିତ ମୃତ୍ୟୁ, ହତ୍ୟା, ଆତ୍ମହତ୍ୟା ଓ ଅପମୃତ୍ୟୁକୁ Witch-hunting ଭାବରେ ଗୋଟାଏ ଶବ୍ଦରେ ପ୍ରକାଶ କରାଯାଇଥିଲେ ମଧ୍ୟ ଏହା ଉପର ବର୍ଣ୍ଣିତ ୧୬ଟି ବିଭାଗକୁ ପରିବ୍ୟାପ୍ତ । ତେବେ ଯୋଜନା ସମ୍ପର୍କରେ ଆଲୋଚନା ପୂର୍ବରୁ ଏହାର ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ହେତୁବାଦୀ ସମାଜର ସଦସ୍ୟମାନେ ଅନୁସନ୍ଧାନ କରିଥିବା ଶତାଧିକ ଘଟଣାରୁ କେତୋଟିର ଅବତାରଣା କରାଯିବା ଆବଶ୍ୟକ ମନେହୁଏ ।

ଘଟଣା-୧:କିଛିବର୍ଷ ପୂର୍ବେ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ କେନ୍ଦୁଝର ଜିଲ୍ଲା ଯୋଡା ଅଞ୍ଚଳରେ ଏକ ପରିବାରକୁ ସମୂଳେ ହତ୍ୟା ଉଦ୍ୟମ ହୋଇଥିଲା । ଏହି ଘଟଣାରେ ସ୍ୱାମୀ-ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ସ୍ଥଳେ ଦୁଇଜଣ ଶିଶୁ ମୃତ୍ୟୁମୁଖରୁ ବଞ୍ଚିଯାଇଥିଲେ । ସେମାନଙ୍କ ପେଟ କାଟି ଅନ୍ତବୁଜୁଳା ବାହାର କରି ଦଆ ଯାଇଥିଲା । ସେମାନଙ୍କୁ ଜୀବିତ ଉଦ୍ଧାର କରାଯିବା ବେଳକୁ ଅନ୍ତବୁଜୁଳାରେ ପିମ୍ପୁଡ଼ି ଲାଗି ଯାଇଥିଲେ । ଏ ଘଟଣାରେ ଅଭିଯୁକ୍ତଙ୍କୁ ଯେତେ କଠୋର ଦଣ୍ଡ ଦେଲେ ମଧ୍ୟ ଶିଶୁ ଦୁଇଜଣଙ୍କ କ୍ଷତିର ଭରଣା କରାଯାଇ ପାରିବ କି? ୧୮ ବର୍ଷ ବୟସ ପରେ ସେମାନଙ୍କୁ ଶିଶୁ ସଦନ, ଆନାଥାଶ୍ରମରେ ଥଇଥାନ କରାଯାଇଥିବା ସଂସ୍ଥାଗୁଡ଼ିକରେ ଆଉ ରଖିହେବ କି ?

ଘଟଣା-୨:କିଛିବର୍ଷ ପୂର୍ବେ ବାଣପୁର ବ୍ଲକର ନାଚୁଣୀ ନିକଟସ୍ଥ ଏକ ଗ୍ରାମରେ ବାରମ୍ବାର ବିଭିନ୍ନ ଘରେ ହଠାତ୍ ନିଆଁ ଲାଗି ଯାଇଥିଲା । ପ୍ରାୟ ସାତଦିନ ଧରି ଏଭଳି ଅଗ୍ନିକାଣ୍ଡକୁ ଭୌତିକ ଅଗ୍ନିକାଣ୍ଡ ବା ହାଡ଼ବାଇ ନାମ ଦେଇ ଅନେକ ଗୁଣିଆଙ୍କୁ ବିଭିନ୍ନ ସ୍ଥାନରୁ ଡକାଇ ଏହା ବନ୍ଦ କରିବାକୁ ଚେଷ୍ଟା କରାଗଲା । ହେତୁବାଦୀ ଅନୁସନ୍ଧାନ ପରେ ଗୋଟିଏ ଦିନରେ ଏ ପ୍ରକାର ଘଟଣା ବନ୍ଦ ହୋଇଗଲା । ଏହି ଗ୍ରାମର ପ୍ରାୟ ଦେଢ ହଜାର ଲୋକଙ୍କୁ ସପ୍ତାହେ କାଳ ଯେଉଁଭଳି ମାନସିକ ଓ ଆର୍ଥିକ ଚାପ ଭିତରେ ରଖାଗଲା, ଏହାର ଭରଣା କରାଯାଇ ପାରିବ କି?

ଘଟଣା-୩:ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ଏକ ଘରୋଇ ବାଳିକା ବିଦ୍ୟାଳୟରେ ହଠାତ ଛାତ୍ରୀମାନେ ଅସ୍ୱାଭାବିକ ଆଚରଣ ସହ ପ୍ରାର୍ଥନା କରିବା ସମୟରେ ଚେତାଶୂନ୍ୟ ହୋଇ ପଡ଼ିଲେ । ସେମାନଙ୍କ ଫଟୋ ଖବରକାଗଜରେ ପ୍ରକାଶ ପାଇଲା । ଜଣେ ଛାତ୍ରୀଙ୍କ ବାପା ଖବରକାଗଜରେ ନିଜ ଝିଅର ଫଟୋ ଦେଖି ଉତକ୍ଷିପ୍ତ ହୋଇ ଝିଅର ବହିଖାତା ବିକ୍ରି କରି ପାଠପଢା ବନ୍ଦ କରିଦେଲେ । ହେତୁବାଦୀ ଅନୁସନ୍ଧାନ ପରେ ଏ ଘଟଣାର ଅବସାନ ଘଟିଲା । କିନ୍ତୁ ଝିଅଟିଏର ପାଠପଢା ବନ୍ଦହେବାଜନିତ କ୍ଷତି ଭରଣା ହୋଇପାରିବ କି?

ଘଟଣା-୪:କଟକ ଲିଙ୍କରୋଡ଼ ଛକ ନିକଟରେ କିଛିବର୍ଷ ତଳେ ଜଣେ ବ୍ୟକ୍ତିଙ୍କ ଘରେ ପ୍ରାୟ ବର୍ଷେ ଧରି ହାଡ଼ବାଇ ଉତ୍ପାତ କରି ଚାଲିଲା । ଘର ଭିତରେ ବିଭିନ୍ନ ଜାଗାରେ ନିଆଁ ଲାଗି ଅନେକ କିଛି ନଷ୍ଟ ହେଲା । ଘରର ମହିଳା ଜଣଙ୍କର ପିନ୍ଧିବାକୁ ଲୁଗା ପର୍ଯ୍ୟନ୍ତ ରହିଲା ନାହିଁ । ସବୁ ପୋଡ଼ିଗଲା । ତାଙ୍କର ଦୁଇ ପିଲାଙ୍କର ପାଢପଢା ବନ୍ଦ ହୋଇଗଲା । ହେତୁବାଦୀମାନେ ଘର ଉପରେ ତୀକ୍ଷ୍ଣ ନଜର ରଖିଲେ । ସନ୍ଦିଗ୍ଧ ଅପରାଧୀ ନିଶ୍ଚିତ ଧରାପଡ଼ିବା ଜାଣି ହାଡ଼ବାଇ ଭୟରେ ସ୍ଥାନ ଛାଡ଼ି ଚାଲିଗଲା ଓ ଭୌତିକକାଣ୍ଡ ବନ୍ଦ ହେଲା । ଏହି ପରିବାର ଆର୍ଥିକ ଭାବେ ଦଳିତଳାନ୍ତ ହେଲେ, ଦୁଇ ପିଲାଙ୍କ ପାଠପଢା ବନ୍ଦ ହେଲା । ଏହି ପରିବାରର କ୍ଷତିର ଭରଣା କରାଯାଇ ପାରିବ କି?

କ୍ରମଶଃ...

(ଶେଷ ଭାଗ ଆସନ୍ତାକାଲି)

ମିରାକିଲ୍ ଡେମନଷ୍ଟ୍ରେଟର
ମୋ-୯୩୩୭୦୧୫୮୮୨

# ଗୋମୟେ ବସତେ ଲକ୍ଷ୍ମୀ

ବୈଷ୍ଣବ ଚରଣ ଦାଶ

ବହୁ ପୁରାତନ କାଳରୁ ଆମ ସଂସ୍କୃତି ଆମ ପାଇଁ ମହାନ୍ । ସମାଜରେ ପ୍ରତିଟି ଦ୍ରବ୍ୟର ଯେପରି ଆବଶ୍ୟକତା ରହିଛି, ସେହି ଦ୍ରବ୍ୟର ସେତିକି ଉପକାରିତା ମଧ୍ୟ ରହିଛି । ସେହି ଦ୍ରବ୍ୟର ଗୁଣକୁ ବର୍ତ୍ତମାନ ବିଜ୍ଞାନ ଖୋଜି ବାହାର କରିଛି । କିନ୍ତୁ ବହୁ ପୂର୍ବରୁ ସେହି ଦ୍ରବ୍ୟମାନଙ୍କ ବ୍ୟବହାର ମନୁଷ୍ୟ କରିଆସୁଛି । ଗୋବର ନାମଟି ଶୁଣିଲେ ଅନେକ ବ୍ୟକ୍ତି ଭିନ୍ନ ପ୍ରକାରର ମନୋଭାବ ପୋଷଣ କରିଥାନ୍ତି । କିନ୍ତୁ ଗୋବର ଆମ ସଂସ୍କୃତି ଓ ପରମ୍ପରାର ଏକ ପ୍ରମୁଖ ବସ୍ତୁ । ହିନ୍ଦୁ ଧର୍ମରେ ଗୋବରରେ ଲକ୍ଷ୍ମୀ ବାସ କରନ୍ତି ବୋଲି ବିଶ୍ୱାସ ରହିଛି ।

ଗାଈର ମଳକୁ ଗୋବର କୁହାଯାଏ । ପୂର୍ବେ ସମସ୍ତଙ୍କ ଘରେ ଗାଈ ରଖୁଥିଲେ । ଘର ଆଗରେ ଗୁହାଳଟିଏ କରି ଗୋପାଳନ କରାଯାଉଥିଲା । ବିଶ୍ୱାସ ଥିଲା ଗୋମାତାଙ୍କ ମୁହଁ ଦେଖି ଯାତ୍ରା କଲେ ଶୁଭ ଫଳ ମିଳୁଥିଲା ।

ପ୍ରାଚୀନ କାଳରେ ଯେତେବେଳେ ଚାଳଘର ମାଟି ପିଣ୍ଡା ଥିଲା, ସେତେବେଳେ ଗୃହିଣୀମାନେ ସେହି ଘରର କାନ୍ଥ ଏବଂ ଚଟାଣକୁ ଗୋବରରେ ଲିପୁଥିଲେ, ଯଦ୍ୱାରା ବିଭିନ୍ନ ଅପକାରୀ କୀଟ ବିନାଶ ହେବା ସହ ଘର ସୁଗନ୍ଧ ଯୁକ୍ତ ହେଉଥିଲା ।

ଏତଦ୍ ବ୍ୟତୀତ ବିଭିନ୍ନ ପୂଜା ପର୍ବରେ ମଧ୍ୟ ଗୋବରର ଭୂମିକା ଯଥେଷ୍ଟ । ପଞ୍ଚଗବ୍ୟ ପ୍ରସ୍ତୁତିରେ ଗୋବର ଆବଶ୍ୟକ ହୋଇଥାଏ । ଅଗ୍ନି ସ୍ଥାପନ ବେଳେ ମଧ୍ୟ ଗୋବର ନିଶ୍ଚିତ ଆବଶ୍ୟକ ହୋଇଥାଏ । ମାଣବସା ଗୁରୁବାରରେ ଗୋବରର ଭୂମିକା ସମସ୍ତଙ୍କୁ ଜଣା । ଗୋବରକୁ ପବିତ୍ର ବୋଲି ମନେ କରାଯାଏ । ଘରୁ କୋକେଇ ଉଠିଲେ ସଙ୍ଗେ ସଙ୍ଗେ ସେହି ସ୍ଥାନରେ ଗୋବର ପାଣି ସିଞ୍ଚିବାର ବିଧି ପ୍ରଚଳିତ । ଆହୁରି ମଧ୍ୟ ବର୍ତ୍ତମାନର ରନ୍ଧନ ଗ୍ୟାସ୍ ସମସ୍ୟାର ବିକଳ୍ପ ହେଉଛି ଗୋବର ଗ୍ୟାସ ।

ବୈଜ୍ଞାନିକ ପଦ୍ଧତିରେ ଗୋବର ଗ୍ୟାସ୍ ପ୍ରସ୍ତୁତ କରି ବଡ ବଡ ଅନୁଷ୍ଠାନରେ ରୋଷେଇ କରାଯାଉଛି । ଗୋବରକୁ ଶୁଖାଇ ଘଷି କରି ସେଥିରେ ମଧ୍ୟ ରୋଷେଇ କରାଯାଇପାରେ, ଯଦ୍ୱାରା ବାୟୁମଣ୍ଡଳ ମଧ୍ୟ ଦୂଷିତ ହୁଏ ନାହିଁ । ପରୋକ୍ଷ ଭାବରେ ଶରୀରକୁ ଗୋବର ଶକ୍ତି ପ୍ରଦାନ କରିଥାଏ । ଗୋବରକୁ ବିଲରେ ପକାଇଲେ ତାହା ଉତ୍କୃଷ୍ଟ ସାରର କାମ କରେ । ଜମିରେ ଗୋବର ଖତ ବ୍ୟବାହର ଦ୍ୱାରା ଜମିର ଉର୍ବରତା ନଷ୍ଟ ହୁଏ ନାହିଁ, କୀଟ ବିନାଶ ହୁଅନ୍ତି ଏବଂ ଫସଲର ଗୁଣବତ୍ତା ମଧ୍ୟ ବୃଦ୍ଧି ପାଇଥାଏ ।

ଗୋବର କେବଳ ପବିତ୍ର ନୁହେଁ ବରଂ ଏହା ରୋଜଗାରର ଏକ ମାଧ୍ୟମ । ଗୋବରରୁ କଣ୍ଢେଇ ପ୍ରସ୍ତୁତିର ପରମ୍ପରା ଢେର୍ ପୁରୁଣା । କାହିଁ କେଉଁ କାଳରୁ ଏହି କଳା ରୂପ ନେଇଛି । ମାଟି କଣ୍ଢେଇ ଅପେକ୍ଷା ଗୋବର କଣ୍ଢେଇ ହାଲ୍କା । ଏହା ବହୁଦିନ ପର୍ଯ୍ୟନ୍ତ ଘରେ ସାଇତା ହୋଇ ରହିପାରେ । ଏହା ଉପରେ ପ୍ରାକୃତିକ ରଙ୍ଗର ପ୍ରଲେପ ଦୀର୍ଘସ୍ଥାୟୀ ।

ଏଥିରେ ପୋକ ଲାଗେ ନାହିଁ କି କେଣସି କୀଟ ଏହାକୁ କ୍ଷତି ପହଞ୍ଚାଇ ପାରେନାହିଁ । ଗୋବର ଭଳି ଜୈବିକ ବର୍ଜ୍ୟରୁ ପ୍ରସ୍ତୁତ ଏହି କଣ୍ଢେଇ ନଷ୍ଟ ହେବା ପରେ ସହଜରେ ମାଟିରେ ମିଶିଯାଏ ଏବଂ ଏଥିରୁ କୌଣସି ଆବର୍ଜନା ଉତ୍ପନ୍ନ ହୁଏ ନାହିଁ ।

ଏହା ଛଡ଼ା ଗୋବର କଣ୍ଢେଇ ତିଆରିରେ କୌଣସି ରାସାୟନିକ ପଦାର୍ଥ ମଧ୍ୟ ବ୍ୟବହୃତ ହୁଏ ନାହିଁ । ଗୋବର କଣ୍ଢେଇ କଳାର ଚାହିଦାକୁ ବୃଦ୍ଧି କରିବା ପାଇଁ ସରକାରଙ୍କ ତରଫରୁ ପ୍ରୋତ୍ସାହନର ଆବଶ୍ୟକତା ଅଛି ।

ଉପଯୁକ୍ତ ତାଲିମ ସହ ଆର୍ଥିକ ସହାୟତା ଦିଆଗଲେ ଆହୁରି ଅଧିକ ସଂଖ୍ୟକ ଲୋକ ଏଥିରେ ସାମିଲ ହୋଇ କିଛି ରୋଜଗାର କରିପାରିବେ । ବର୍ତ୍ତମାନ ଗଞ୍ଜାମ, ପୁରୀ ଆଦି ଅନେକ ଜିଲ୍ଲାରେ ଏହି ଗୋବର କଣ୍ଢେଇ ଦେଖିବାକୁ ମିଳେ ।

ଏ ସମସ୍ତ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଗୋବର ସଂପର୍କରେ କୁହାଯାଇଛି 'ଗୋମୟେ ବସତେ ଲକ୍ଷ୍ମୀ', ତାହା ବାସ୍ତବିକ୍ ସତ୍ୟ । ଗୋବରରେ ଲକ୍ଷ୍ମୀ ବାସ କରନ୍ତି । ଅର୍ଥାତ୍ ଏହା ଏକ ପବିତ୍ର ବସ୍ତୁ । ତତ୍ ସହିତ ଗୋବରରୁ ଉତ୍ପାଦିତ ବସ୍ତୁ ଯଥା ଗୋବର କଣ୍ଢେଇ, ଗୋବର ଗ୍ୟାସ୍ ଆଦି ଅନେକ ବ୍ୟକ୍ତିଙ୍କ ଜୀବନକୁ ସ୍ୱଚ୍ଛଳ କରିପାରିଛି ।

ବୀରଧନଞ୍ଜୟ ପୁର
ବୁଗୁଡ଼ା, ଗଞ୍ଜାମ
ମୋ-୯୭୭୬୫୩୪୯୩୦

## ସମ୍ପାଦକଙ୍କୁ ପତ୍ର

### ସରକାରଙ୍କ ଖର୍ଚ୍ଚକାଟ ସପକ୍ଷରେ

ମହାଶୟ ,

ଆପଣଙ୍କ ସମ୍ପାଦକୀୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ତଥା ଆମର ଦେଶର ଅବସ୍ଥା, ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଖର୍ଚ୍ଚକୁ ନିୟନ୍ତ୍ରଣ ରଖି ମୁଦ୍ରାସ୍ଫୀତିକୁ ବଜାୟ ରଖିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଓଡ଼ିଶାର କିଛି ସୁନା ଦୋକାନୀ ସୁନା କିଣିବାରେ କମ୍ କିଣିବା ଉପଦେଶରେ ଅଶାନ୍ତି ଅଛନ୍ତି ବୋଲି ଆପଣ ଦର୍ଶାଇଛନ୍ତି ।

ଦେଶର ହିତ ଦୃଷ୍ଟି ଦେବାକୁ ସେମାନଙ୍କୁ ଅନୁରୋଧ । ଏକ ବର୍ଷ ପାଇଁ ଏହି ଅନୁରୋଧ ପାଳନ କଲେ ଆମେ ଲାଭରେ ରହିବା । ଦେଶର ଅର୍ଥନୈତିକ ଅଭିବୃଦ୍ଧି ଦୁର୍ବଳ ହେବାର ଆଶଙ୍କା ଦୂର ହୋଇପାରେ ।

ବର୍ତ୍ତମାନ ଭାରତ ଚତୁର୍ଥ ସ୍ଥାନରୁ ଛଅ ସ୍ଥାନକୁ ମୁଦ୍ରା ସ୍ଥିତିରେ ତଳକୁ ଆସିଛି । ଏହା ସମୟ ଉପଯୋଗୀ ସମ୍ପାଦକୀୟ । ତେଣୁ କୃତଜ୍ଞତା ଜ୍ଞାପନ କରୁଛି ।

ଗ୍ୟାସ, ପେଟ୍ରୋଲ, ବିଦେଶ ଯାତ୍ରାରେ, ଖାଇବା ତେଲ ଅଳ୍ପ ବ୍ୟବହାର କରିବା ପାଇଁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଏହାକୁ ସ୍ୱାଗତ କରୁଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ ଅନୁଯାୟୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବେ ତାଙ୍କର ସୁରକ୍ଷା ଲାଗି ଥିବା ଗାଡି ସଂଖ୍ୟା ଅଧା କରିଛନ୍ତି । ସାଧାରଣ ଲୋକ ଭାବେ ବସ୍‌ରେ ଯିବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

ଉଲ୍ଲେଖଯୋଗ୍ୟ, ଯେ ମୁଖ୍ୟମନ୍ତ୍ରୀ ହିସାବରେ ସ୍ୱର୍ଗତ ବିଜୁ ପଟ୍ଟନାୟକ, ଓଡ଼ିଶାରେ ନବେ ଦଶକରେ ନିଜେ ବସ୍‌ରେ ଯାଇଛନ୍ତି, ସାଇକେଲ, ରିକ୍ସାରେ ସଚିବାଳୟ ଯାଇ ସେଠାରେ ସମସ୍ତ ସରକାରୀ କାର୍ଯ୍ୟର ସମୀକ୍ଷା କରୁଥିଲେ ବିଭିନ୍ନ ଅଧିକାରୀ ତଥା ମନ୍ତ୍ରିମାନେ ତାଙ୍କୁ ଅନୁସରଣ କରି ବସ୍ ଚଢ଼ି ଅଫିସ ଯାଉଥିଲେ ।

ସପ୍ତାହର ଦିନକ ପାଇଁ କୌଣସି ଅଧିକାରୀ ସରକାରଙ୍କ ଗାଡି ବ୍ୟବହାର କରିପାରିବେ ନାହିଁ ବୋଲି ବିଜୁବାବୁ କଟକଣା ଜାରି କରିଥିଲେ । ଏହା ବିଶେଷ ଫଳପ୍ରଦ ହେବାରୁ ତାଙ୍କୁ ସେ ସମୟରେ ପ୍ରଧାନମନ୍ତ୍ରୀ ତଥା ଭାରତର ଅର୍ଥମନ୍ତ୍ରୀ ବହୁ ଭାବରେ ପ୍ରସଂଶା କରିଥିଲେ । ଦେଶର ବିଭିନ୍ନ ଜାଗାରେ ବିଜୁ ପଟ୍ଟନାୟକଙ୍କୁ ବହୁ ସମ୍ମାନ ମିଳିଥିଲା । ଏହା ଦେଶର ଆର୍ଥିକ ସୁଧାର ଆଣିବାରେ ସହାୟତା ପ୍ରଦାନ କରିଥିଲା । କେନ୍ଦ୍ର ସରକାର ଏହା ପରେ ଓଡ଼ିଶା ସରକାର ମିତବ୍ୟୟିତା ଅବଲମ୍ବନ କରିବା ପାଇଁ ୨୦୨୧ରେ ଏକ ନିର୍ଦ୍ଦେଶ ଦେଇଥିଲେ ।

ବର୍ତ୍ତମାନ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମ ରାଜ୍ୟରେ ଏହାକୁ ଅନୁସରଣ କରି ଓଡ଼ିଶାର ସୁନାମ ଆଣିବେ ବୋଲି ଆମେମାନେ ଆଶା ପ୍ରକାଶ କରୁଛୁ ।

କୃପାନିଧି ବିଶ୍ୱାଳ
ଅବସରପ୍ରାପ୍ତ,ପରିଚାଳକ ଓଡ଼ିଶା ଭବନ
ଦିଲ୍ଲୀ ଏବଂ ମୁମ୍ବାଇ

ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

### ବିସ୍ଥାପନ ଯାତନାକୁ ନେଇ ରାଜ୍ୟପାଳଙ୍କୁ ସାକ୍ଷାତ କଲେ କଂଗ୍ରେସ ପ୍ରତିନିଧି

# କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର, (ସବ୍ୟୁ): ନିକଟ ଅତୀତରେ ରାଜ୍ୟରେ ଶିଳ୍ପାୟନ ନାମରେ ବସ୍ଥାପନ କରାଯାଇ ହଜାର ହଜାର ଆଦିବାସୀ ପରିବାରକୁ ଗୃହଶୂନ୍ୟ କରି ଦିଆଯାଇ ଏକ ଯାତନାପୂର୍ଣ୍ଣ ଜୀବନ ବଞ୍ଚିବାକୁ ବାଧ କରାଯାଉଛି । ଶିଳ୍ପ ସଂସ୍ଥା ଗୁଡିକୁ ଜଳ ଜଙ୍ଗଲ ଜମିର ଅଧିକାର ଦିଆଯାଇଛି । କିନ୍ତୁ ସରକାରଙ୍କ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । କାରଣ ସରକାର ଓ ଶିଳ୍ପ ସଂସ୍ଥାଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଲାଗିରହିଛି । ତେଣୁ ପୁଲିସ ସହାୟତାରେ ସରକାର ବଳପ୍ରୟୋଗ କରି ବିସ୍ଥାପନ କରୁଛି । ଆଇନ ଅନୁସାରେ ଗ୍ରାମ ସଭାର ଅନୁମୋଦନ ବିନା ଏହା ହେବାକଥା ନୁହେଁ । ଆଦିବାସୀ ଏବଂ ସ୍ଥାନୀୟ ସମାଜ ଗୁଡିକ ପାଇଁ ବିଭିନ୍ନ ସମୟରେ ଆଇନ ତିଆରି କରାଯାଇଛି । ସରକାରଙ୍କ ବଳପୂର୍ବକ ବିସ୍ଥାପନ ପେସା ଆଇନ ୧୯୯୬, ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ଏଲଏଆରଆର ଆଇନ ୨୦୧୩ ର ସଂପୂର୍ଣ୍ଣ ଉଲଂଘନ ।

ରାଜ୍ୟରେ ଅହେତୁକ ବୃଦ୍ଧି ପାଉଥିବା ବଳପୂର୍ବକ ବେଆଇନ ବିସ୍ଥାପନ ସମସ୍ୟାକୁ ନେଇ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳ ଡ଼.ହରିବାବୁ କମ୍ଭମପତିଙ୍କୁ ଲୋକ ଭବନରେ ସାକ୍ଷାତ କରିଥିଲେ । ରାଜ୍ୟପାଳ ପ୍ରତିନିଧି ଦଳଙ୍କ ଅଭିଯୋଗ ଗୁଡିକ ଧୈର୍ଯ୍ୟର ସହ ଶୁଣିଥିଲେ ଏବଂ ବିସ୍ଥାପନର ସମସ୍ତ ବିଷୟକୁ ତର୍ଜମା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହି ପ୍ରତିନିଧି ଦଳରେ ପିସିସି ସଭାପତିଙ୍କ ସହ ଓଡିଶା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡମ, କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସହ ପ୍ରଭାରୀ ଜେଟି କୁସୁମ କୁମାର, ବିଧାୟକ ତାରା ପ୍ରସାଦ ବାହିନୀପତି, ଅଶୋକ କୁମାର ଦାସ, ସିଏସ୍ ରାଜନ ଏକ୍କା ,ପିସିସି ସଂଗଠନ ପ୍ରଭାରୀ ସନ୍ତୋଷ ସିଂ ସାଲୁଜା , ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ପିସିସି ଉପସଭାପତି ସସ୍ମିତା ବେହେରା, ମହିଳା କଂଗ୍ରେସ ଅଧକ୍ଷା ମିନାକ୍ଷୀ ବାହିନୀପତି, ପିସିସି ଗଣମାଧ୍ୟମ ବିଭାଗ ଅଧକ୍ଷ ଅରବିନ୍ଦ ଦାସ,ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ସାଧୁ ନେପାକ, କୋଷାଧକ୍ଷ ସିଦ୍ଧାର୍ଥ ଦାସ, ସେବାଦଳ ଅଧକ୍ଷ ଶୁଭେନ୍ଦୁ ମହାନ୍ତି, ଏସ୍ ସି ସେଲ ଅଧକ୍ଷ ମାନସ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପିନାକୀ ଦାସ, ସୁଧାଂଶୁ ଦେଓ, ସିଦ୍ଧାର୍ଥ ରାଉତରାୟଙ୍କ ସହ କିଛି ବିସ୍ଥାପିତଙ୍କ ପ୍ରତିନିଧି ମଧ ଏହି ଦଳରେ ସାମିଲ ଥିଲେ ।



### ଦୋକାନ ନିଆଁ ଲାଗି ସ୍ୱାମୀ ମୃତ

ଭାପୁର (ସବ୍ୟୁ):ଫତେଗଡ ଥାନା ଧାନଚାଙ୍ଗ ପଞ୍ଚାୟତ ଅନ୍ତର୍ଗତ କଳପଙ୍ଗୀ ଗ୍ରାମରେ ଗତ ୨ ତାରିଖ ଶୁକ୍ରବାର ଦିନ ଦୋକାନରେ ନିଆଁ ଲାଗିବା ଘଟଣାରେ ସେହିଦିନ ସ୍ତ୍ରୀ ମୃତ୍ୟୁ ବରଣ କରିଥିବାବେଳେ ଗୁରୁବାର ଦିନ ଗୁରୁତର ହୋଇ ଚିକତ୍ସିତ ହୋଉଥିବା ସ୍ୱାମୀ ଜଣଙ୍କ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ଘଟଣାରୁ ପ୍ରକାଶ,କଳପଙ୍ଗୀ ଗ୍ରାମର ଗୟାଧର ପରିଡ଼ା (୭୦) ଗ୍ରାମରେ ଏକ ଦୋକାନ କରି ନିଜ ପରିବାର ଗୁଜୁରାଣ ମେଣ୍ଟାଉଥିଲେ । ଗତ ୧ତାରିଖ ଅପରାହ୍ନରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ନ ଥିବାରୁ ଶୁକ୍ରବାର ସନ୍ଧ୍ୟାରେ ଦାକାନରେ ଲଣ୍ଠନ ଜାଳି ବିକ୍ରି କରୁଥିଲେ । ଦୋକାନ ମଧ୍ୟରେ ପେଟ୍ରୋଲ ବିକ୍ରି ପାଇଁ ରହିଥିବା ଅବସ୍ଥାରେ ଲଣ୍ଠନ ର ନିଆଁ ପେଟ୍ରୋଲରେ ଅକସ୍ମାତ ଧରି ନିଆଁ ଲାଗି ଯାଇଥିଲା ଫଳରେ ଦୋକାନ ଭିତରେ ରହିଥିବା ସ୍ତ୍ରୀ ସୁବାସି ପରିଡ଼ା (୬୨) ମୃତ୍ୟୁବରଣ କରିଥିଲେ ଏବଂ ଗୁରୁତର ଗୟାଧର ପରିଡା (୬୮) ଭୁବନେଶ୍ୱରରେ ଚିକିତ୍ସା ହେଉଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିବା ପରିବାରସୂତ୍ରରୁ ସୂଚନା ମିଳିଛି ।

### ଆପେକ୍ସ କମିଟି ବୈଠକରେ

# ଓଡ଼ିଶା ଷ୍ଟିଲ ପ୍ରଡ୍ୟୁସର୍ସ ଆସୋସିଏସନର ପ୍ରାଶାସନିକ ରୂପରେଖ ଚୂଡ଼ାନ୍ତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଷ୍ଟିଲ ପ୍ରଡ୍ୟୁସର୍ସ ଆସୋସିଏସନ (ଓଏସ୍‌ପିଏ)ର ପ୍ରଥମ ଆପେକ୍ସ କମିଟି ବୈଠକ ଗତ ୧୩ ତାରିଖରେ ଏହାର ପଞ୍ଜୀକୃତ କାର୍ଯ୍ୟାଳୟରେ, ସଭାପତି ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟରେ ପ୍ରମୁଖ ଇସ୍ପାତ ଶିଳ୍ପ; ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟିଲ, ଆରତୀ ଷ୍ଟିଲ, ରୁଙ୍ଗଟା ମାଇନ୍ସ, ଜେଏସଡବ୍ଲୁ ଷ୍ଟିଲ, ଜିନ୍ଦଲ ଷ୍ଟେନଲେସ, ଏସାର ମିନ୍ ମେଟ, ନର୍ଭେରାମ ପାୱାର ଏଣ୍ଡ ଷ୍ଟିଲ ଓ ଏସ୍ଏନ୍ଏମ୍ ଗ୍ରୁପର ପ୍ରତିନିଧି ଯୋଗଦେଇଥିଲେ । ୨୦୩୦ ସୁଦ୍ଧା ରାଜ୍ୟର ଇସ୍ପାତ ଉତ୍ପାଦନ କ୍ଷମତାକୁ ୧୩୦ ମିଲିୟନ୍ ଟନ୍‌କୁ ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାରଙ୍କ ଦୃଷ୍ଟିକୋଣ ସହିତ ଶିଳ୍ପ ମହଲର ଦୃଢ଼ ସହମତି ଓ ସମନ୍ୱୟ ଏହି ଆଲୋଚନାରେ ପ୍ରତିଫଳିତ ହୋଇଥିଲା ।

ଏହି ବୈଠକରେ ଆନୁଷ୍ଠାନିକ ଭାବରେ ଓଏସ୍‌ପିଏର ବାଇ-ଲକୁ ଗ୍ରହଣ କରାଯାଇ, ଏକ ସେକ୍ସନ୍ ୮ ଲାଭବିହୀନ କମ୍ପାନୀ ଭାବରେ ଏହାର ଶାସନ ଢାଞ୍ଚାକୁ ଆନୁଷ୍ଠାନିକ ରୂପ ଦିଆଯାଇଥିଲା । ଏହା ସହିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ ଏବଂ ପ୍ରତିଷ୍ଠାନ ଯୋଜନାକୁ ଶୀର୍ଷ କମିଟି ଅନୁମୋଦନ କରିଥିଲା । ବିଭିନ୍ନ ନିୟମିତ ଅନୁମତି ଓ ଅନୁମୋଦନ ପ୍ରକ୍ରିୟାର ସବିଶେଷ ସମୀକ୍ଷା କରିବା ସହ, ପରିବର୍ତ୍ତିତ ସମୟର ଆବଶ୍ୟକତା ଅନୁରୂପ ଅନାବଶ୍ୟକ ନିୟମାବଳୀକୁ ଅପସାରଣ କରିବା ପାଇଁ ଏକ ସାମଗ୍ରିକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଓଏସ୍‌ପିଏର ସଭାପତି ଅସିତ କୁମାର ତ୍ରିପାଠୀ ଆହ୍ୱାନ ଦେଇଥିଲେ । "ଓଡ଼ିଶାରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଅନାବଶ୍ୟକ ନିୟମାବଳୀର ଅପସାରଣ ପାଇଁ ଆମେ ଏକ ସାମଗ୍ରିକ ପ୍ରସ୍ତାବ ପ୍ରସ୍ତୁତି ଦିଗରେ କାର୍ଯ୍ୟ କରିବା ଉଚିତ," ବୋଲି ସେ କହିଥିଲେ ।



ନିର୍ଦ୍ଦିଷ୍ଟ ବୈଷୟିକ ପରାମର୍ଶ ଏବଂ ନୀତିଗତ ସମର୍ଥନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ, ଓଏସ୍‌ପିଏର ଶିଳ୍ପ ବିଶେଷଜ୍ଞମାନଙ୍କୁ ନେଇ ସ୍ୱତନ୍ତ୍ର ସବ୍ -କମିଟି ଗଠନ କରିବାକୁ ଘୋଷଣା କରାଯାଇଛି । ଏହି ଉପ-କମିଟିଗୁଡ଼ିକ ଶିଳ୍ପାନୁଷ୍ଠାନ ସହମତି ଏବଂ ପ୍ରଯୁକ୍ତିଗତ ପରାମର୍ଶ ଭିତ୍ତିରେ, କଞ୍ଚାମାଲ ଯୋଗାଣ, ପରିବହନ, ପରିବେଶ ଓ ଜଙ୍ଗଲ, ଏବଂ ଜମି ଓ ପୁନର୍ବାସ ଭଳି ପ୍ରସଙ୍ଗରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବେ । ଓସପାର ମହାସଚିବ ସୁଶୀଲ କୁମାର ପୋପଲି ଆସୋସିଏସନର ମୂଳ ଦର୍ଶନ ପ୍ରତିଷ୍ଠାନଗତ ସହାନୁଭୂତି ଉପରେ ଗୁରୁତ୍ୱାରୋପ କରିଥିଲେ ।

ଓଏସ୍‌ପିଏ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପାଇଁ ଏକ ସକ୍ରିୟ କାର୍ଯ୍ୟସୂଚୀ ମଧ ଉନ୍ମୋଚନ କରାଯାଇଛି, ଯେଉଁଥିରେ "ଗ୍ରୀନ୍ ଷ୍ଟିଲ୍" ପଦକ୍ଷେପକୁ କେନ୍ଦ୍ର କରି କିଛି ପ୍ରମୁଖ କାର୍ଯ୍ୟକ୍ରମ ସମ୍ମିଳିତ ରହିଛି । ଜିଏସଟି ପଞ୍ଜୀକରଣ ଏବଂ ସ୍ଥାୟୀ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ପରେ, ବର୍ତ୍ତମାନ ଓଏସ୍‌ପିଏ ପକ୍ଷରୁ ବ୍ୟାପକ ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ, ଯେଉଁଥିରେ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ସାମିଲ କରାଯିବ । ଏହାଦ୍ୱାରା ଓଡ଼ିଶାର ସମଗ୍ର ଇସ୍ପାତ ଇକୋସିଷ୍ଟମ ପାଇଁ ଏକ ଏକୀକୃତ ଏବଂ ପ୍ରତିନିଧିତ୍ୱପୂର୍ଣ୍ଣ ପ୍ଲାଟଫର୍ମ ସୃଷ୍ଟି ହୋଇପାରିବ ।

## ମଦ ସମେତ ବାଇକ୍ ଜବତ, ୨ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଅବକାରୀ ଅଧିକାରୀ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର ବାଣପୁର ନିକଟ ଶାଳିଆ କେନାଲ ରାସ୍ତାରେ ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ମୋଟ ୧୨୦ ଲିଟର ଦେଶୀ ମଦ ସମେତ ଏକ ବାଇକ ଜବତ କରିଛନ୍ତି । ଏଥିରେ ସମ୍ପୃକ୍ତ ୨ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ବାଣପୁର ଥାନା ଆଦିବାସୀ ଅଧ୍ୟୁଷିତ କୋଷରଡ଼ା ଗ୍ରାମର ପ୍ରକାଶ ଶବର ଏବଂ ବିଜୟ ଶବର । ପ୍ରକାଶ ଯେ, ବାଣପୁର ନିକଟ ଶାଳିଆ କେନାଲ ରାସ୍ତାରେ ଗୁରୁବାର ସକାଳେ ଅବକାରୀ ଟିମ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଏକ ବାଇକ ଯୋଗେ ଦୁଇ ଜଣ ଯୁବକ ମଦ ନେଇ ଆସୁଥିବା ବେଳେ ଅବକାରୀ ଟିମ ସେମାନଙ୍କୁ ଅଟକାଇ ତଲାସିବାରୁ ଦୁଇଟି ଜରି ବସ୍ତାରେ ୧୨୦ ଲିଟର ପାଉଚ ମଦ ଜବତ କରିଥିଲେ । ଜବତ ମଦର ମୂଲ୍ୟ ୧ଲକ୍ଷ ୪ ହଜାର ଟଙ୍କା ହେବ ବୋଲି ବିଭାଗୀୟ ଆକଳନରୁ ଜଣାପଡିଛି । ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ୱାବଧାନରେ ଏହି ଚଢ଼ାଉରେ ଅନ୍ୟ ମାନଙ୍କ ମଧ୍ୟରେ କନେଷ୍ଟବଲ ରଞ୍ଜିତ ପଟେଲ, ସତ୍ୟବନ୍ତ ମାଝୀ ,ସୁନିତା ମହାରଣା, ମନୋଜ କୁମାର ଜୟସିଂହ ପ୍ରମୁଖ ସାମିଲ ହୋଇଥିଲେ ।

### ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ

## ନେଇ ଜିଲ୍ଲା ବିଜେଡ଼ି ପକ୍ଷରୁ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ

ପୁରୀ, (ସବ୍ୟୁ) : ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଗୁରୁବାର ପୁରୀ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଏକ ବିଶାଳ ପଦଯାତ୍ରା ଆୟୋଜନ ହୋଇ ଯାଇଛି । ଦଳୀୟ କର୍ମୀ ମାନେ ହାତରେ ପ୍ଲା କାର୍ଡ ଓ ବ୍ୟାନର ଧରି ସରକାରଙ୍କ ବିରୋଧରେ ନାରାବାଜି କରି ଏକ ପଦ ଯାତ୍ରାରେ ବାହାରି ଥିଲେ । ଏହି ପଦଯାତ୍ରା ସୁବାସ ବୋଷ ଛକ ନିକଟରୁ ଆରମ୍ଭ ହୋଇ ପୁରୀ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଦଳୀୟ କର୍ମୀ , ନେତୃବୃନ୍ଦ ଓ ଶତାଧିକ ଲୋକ ରାଜ୍ୟ ସରକାରଙ୍କ ବିଫଳ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିରୋଧରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ନେତୃତ୍ୱ ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା,, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ନିମାପଡ଼ାର ଯୁବ ନେତା ସୁବ୍ରତ ଛାଟୋଇ, ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ କସ୍ତୁରୀ ବାଲା ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ସତ୍ୟବାଦୀ ବ୍ଲକ୍ ଅଧକ୍ଷ ସୁନୀଲ ପଣ୍ଡା ଏବଂ ପୁରୀ ସଦର ବ୍ଲକ୍ ଅଧକ୍ଷ ଦିବାକର ପାତ୍ର , ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଉଥିବାବେଳେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି । ମହିଳା ନିର୍ଯ୍ୟାତନା, ଚୋରି, ଲୁଟ୍ ଓ ହତ୍ୟା ଭଳି ଘଟଣା ବୃଦ୍ଧି ପାଉଥିବାରୁ ଜନସାଧାରଣ ଭୟଭୀତ ପରିସ୍ଥିତିରେ ଜୀବନଯାପନ କରୁଛନ୍ତି । ତୁରନ୍ତ ଆଇନଶୃଙ୍ଖଳା ସୁଧାର ନେଇ ସରକାର ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଛି ।

# ଧନେଶ୍ୱର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ବାର୍ଷିକ ଉତ୍ସବ

କଟକ, (ସ୍ୱପ୍ର): ସ୍ଥାନୀୟ ବାଲିକୁଦା ଉତ୍ତମାପୁର ସ୍ଥିତ ଓଡ଼ିଶାର ଅନ୍ୟତମ ନର୍ସିଂ ଶିକ୍ଷାନୁଷ୍ଠାନ ସମୂହ ଧନେଶ୍ୱର ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନରେ ଆନ୍ତର୍ଜାତିକ ନର୍ସିଂ ଦିବସ ଓ ୨୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଫ୍ଲୋରେନ୍ସ ନାଇଟାଙ୍ଗଲଙ୍କ ଜନ୍ମ ଦିବସ ଅବସରରେ ଅର୍ବାନ୍ ଓଆସିସ୍ କନ୍‌ଭେନ୍‌ସନ୍ ଠାରେ ଆୟୋଜିତ ଏହି ଉତ୍ସବକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ନର୍ସିଂ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସର୍ଗୀକୃତ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବା ସହ ରୋଗୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଫେସର ଡ଼ା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ଡ଼ା. ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ନର୍ସିଂକୁ ଏକ ମହନୀୟ ବୃତ୍ତି ଭାବରେ ବର୍ଣ୍ଣନା କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାମାନଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ । ଏହି ବୃତ୍ତିରେ ଭବିଷ୍ୟତ ଗଢ଼ିବା ଲାଗି ନିଷ୍ପତ୍ତି ନେଇଥିବାରୁ ଡ଼ା ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଓ ନର୍ସିଂ ସେବାକୁ ଅଧିକ ସହଜ ଓ ଫଳପ୍ରଦ କରିବା ଲାଗି କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ଉଦର ରୋଗ ବିଶେଷଜ୍ଞ ପ୍ରଫେସର ଡା. ଅଜିତ ପ୍ରସାଦ ଜେନା ଓ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡା. ଉମେଶ ରାୟ ନର୍ସିଂ ଦିବସର ଶୁଭେଚ୍ଛା ଜଣାଇବା ସହ ଆଧୁନିକ ନର୍ସିଂର ଜନ୍ମଦାତ୍ରୀ ଫ୍ଲୋରେନ୍ସ ନାଇଟାଙ୍ଗଲଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ବିଦ୍ୟାର୍ଥୀଙ୍କୁ ଦିଗଦର୍ଶନ ଦେଇଥିଲେ । ସମାଜସେବୀ ତଥା ଯୁବ ଶିଳ୍ପପତି ମିଶାଲ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଶ୍ୱ ନର୍ସିଂ ଦିବସର ଆଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ସରକାରୀ ପଲିଟେକନିକ୍ କଲେଜର ଅବସରପ୍ରାପ୍ତ ଅଧକ୍ଷ ଇଂ ଦୁର୍ଗାଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧନେଶ୍ୱର ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡକଟର ସଂଗ୍ରାମ କେଶରୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧକ୍ଷା ପ୍ରମିଳା କୁମାରୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଚାଳନା ନିର୍ଦ୍ଦେଶିକା ସୁଜାତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।



### ଅହମଦାବାଦରେ 'ଆଇଆଇଏମ୍ କୋର୍ଡିନେସନ ଫୋରମ' ବୈଠକ

## ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଆଇଆଇଏମ୍ ବିଶ୍ୱ ପାଇଁ ମଡେଲ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଗୁଜରାଟ ଗସ୍ତ ଅବସରରେ ଗାନ୍ଧୀନଗର ଠାରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ ଶିକ୍ଷା ଏବଂ ନବସୃଜନ କ୍ଷେତ୍ରରେ ଗୁଜରାଟର ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଏମ ଅହମ୍ମଦାବାଦ ପରିସରରେ ଆୟୋଜିତ ଆଇଆଇଏମ ସମୂହର 'ସମନ୍ୱୟ ମଞ୍ଚ' ବା କୋର୍ଡିସେନସ ଫୋରମ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ 'ବିକଶିତ ଭାରତ-୨୦୪୭' ର ସ୍ୱପ୍ନକୁ ସାକାର କରିବାରେ ଆଇଆଇଏମ ଗୁଡ଼ିକର ଭୂମିକା ଉପରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା । ଶ୍ରୀ ପ୍ରଧାନ କହିଥିଲେ, ଦେଶର ସମସ୍ତ ଆଇଆଇଏମ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସଶକ୍ତ ଶିକ୍ଷା ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହେବ । ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସହ ବିଶ୍ୱସ୍ତରୀୟ ଶିକ୍ଷାଦାନ ପଦ୍ଧତି ଆପଣେଇବାକୁ ହେବ । ନୂତନ ଇନୋଭେସନକୁ ପ୍ରୋତ୍ସାହନ ଦେଇ ଆଇଆଇଏମ ଶିକ୍ଷାକୁ ଆନ୍ତର୍ଜାତୀୟ ସ୍ତରରେ ଶୀର୍ଷରେ ପହଞ୍ଚାଇବା ପାଇଁ ଆହ୍ୱାନ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେହିପରି ବୈଷୟିକ ଜ୍ଞାନ ସହ ସାମାଜିକ ଦାୟିତ୍ୱବୋଧ ଏବଂ ନୈତିକ ନେତୃତ୍ୱ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସେ କହିଛନ୍ତି ଯେ, ଭାରତର ଆଇଆଇଏମ ଗୁଡ଼ିକ କେବଳ ଶିକ୍ଷାନୁଷ୍ଠାନ ନୁହଁନ୍ତି, ବରଂ ଦେଶ ଗଠନ ଏବଂ ଆର୍ଥିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ । ନେତୃତ୍ୱ ଏବଂ ପରିଚାଳନା ଶିକ୍ଷା କ୍ଷେତ୍ରରେ ଏହା ସମଗ୍ର ବିଶ୍ୱ ପାଇଁ ଆଦର୍ଶ ସାଜିଛି । ଆଗାମୀ ଦିନରେ ଏହି ଅନୁଷ୍ଠାନଗୁଡ଼ିକ ଏକ ସୁଦୃଢ଼ ଇନୋଭେସନ ପରିବେଶ ସୃଷ୍ଟି କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ପ୍ରମୁଖ ସହାୟକ ହେବେ । ଏହି ବୈଠକରେ ଆଇଆଇଏମର ନିର୍ଦ୍ଦେଶକ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନିଜର ମତାମତ ପ୍ରକାଶ କରିଥିଲେ ।



### ଦ୍ୱାଦଶ ପରୀକ୍ଷାରେ କ୍ରିଷ୍ଣାମୂର୍ତ୍ତି ୱାର୍ଲ୍ଡ ସ୍କୁଲର ଶତପ୍ରତିଶତ ସଫଳତା

## ଅନ୍ୱେଷା ବକ୍ସି ସ୍କୁଲ ଟପ୍ପର

କଟକ, (ସବ୍ୟୁ):ପ୍ରତାପ ନଗରୀ ଜରିପଡ଼ା ସ୍ଥିତ କ୍ରିଷ୍ଣାମୂର୍ତ୍ତି ୱାର୍ଲ୍ଡ ସ୍କୁଲର ସିବିଏସଇ ଦ୍ୱାଦଶ ଶ୍ରେଣୀ (୨୦୨୬) ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଆଶାତିତ ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ଚଳିତ ଶିକ୍ଷାବର୍ଷର ପରୀକ୍ଷା ଫଳ ଶତପ୍ରତିଶତ ରହିବା ସହ ସମସ୍ତ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଚଳିତ ବର୍ଷ ବିଦ୍ୟାଳୟରୁ ସର୍ବମୋଟ ୧୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉନ୍ନତ ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ମଧ୍ୟରୁ ଛାତ୍ରୀ ଅନ୍ୱେଷା ବକ୍ସି ୯୨.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ଚମତ୍କାର ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି । ବିଦ୍ୟାଳୟର ଅଧକ୍ଷ ଓ ପରିଚାଳନା କମିଟି ପକ୍ଷରୁ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଏହି କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ।



## ସିବିଏସ୍‌ଇରେ ହାଇଟେକ୍ ପବ୍ଲିକ୍ ସ୍କୁଲ୍‌ର ଶତପ୍ରତିଶତ ସଫଳତା

ଭୁବନେଶ୍ୱର (ସବ୍ୟୁ): ସଦ୍ୟ ପ୍ରକାଶ ପାଇଥିବା ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳରେ ହାଇଟେକ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି ଓ ଦୀର୍ଘ ୧୯ବର୍ଷ ଧରି ଏହି ସ୍କୁଲ୍ ନୀରବଛିନ୍ନ ଭାବରେ ଶତପ୍ରତିଶତ ସଫଳତା ହାସଲ କରି ଆସୁଛି, ଛାତ୍ରଛାତ୍ରୀ ମାନଙ୍କୁ ଉନ୍ନତ ପ୍ରଣାଳୀରେ ଶିକ୍ଷାଦାନ ସହ ସେମାନଙ୍କ ନିଷ୍ଠାପର ଉଦ୍ୟମ ହିଁ ଏହି ସଫଳତା ଆଣିଦେଇଛି ବୋଲି କହିଛନ୍ତି ସ୍କୁଲ୍‌ର ଅଧକ୍ଷା ରିତା ତ୍ରିପାଠୀ ଓ ଗତକାଲି ପ୍ରକାଶ ପାଇଥିବା ପରୀକ୍ଷା ଫଳରେ ସ୍କୁଲ୍‌ର ଦ୍ୱାଦଶ ବିଜ୍ଞାନର ମୋଟ ୯୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪ ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି, ସେହିପରି ଦ୍ୱାଦଶ ବାଣିଜ୍ୟରେ ମୋଟ ୧୦ଜଣଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଛନ୍ତି ଏବଂ ଜଣେ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ସ୍କୁଲ୍‌ର ଏହି ସଫଳତାରେ ସମସ୍ତ କୃତି ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଧକ୍ଷାଙ୍କୁ ଅଭିନନ୍ଦନ ଜଣାଇବା ସହ, ଆସନ୍ତା ଦିନରେ ମଧ ଏହି ଗୌରବ ବଜାୟ ରଖିବାକୁ ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଆହ୍ୱାନ ଦେଇଛନ୍ତି ଓ ମ୍ୟାନେଜିଂ ଟ୍ରଷ୍ଟି ତଥା ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଅଧ୍ୟାପକ ଅଧ୍ୟାପିକା ମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠାପର ଉଦ୍ୟମର ଫଳ ମିଳିଛି ବୋଲି କହିଛନ୍ତି ।



### ବେଦାନ୍ତ କଳାହାଣ୍ଡିର ଯୁବ ଧନୁର୍ଦ୍ଧାରମାନେ

# ତୃଣମୂଳ କ୍ରୀଡା ପ୍ରଚେଷ୍ଟା ମାଧ୍ୟମରେ ପ୍ରତିଶ୍ରୁତିବଦ୍ଧ ଭବିଷ୍ୟତକୁ ଲକ୍ଷ୍ୟ ରଖିଛନ୍ତି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଗ୍ରାମୀଣ ଏବଂ ଆଦିବାସୀ ଅଂଚଳର ସାମୁଦାୟିକ ଜୀବନରେ ଧନୁର୍ଦ୍ଧର ଐତିହାସିକ ଭାବରେ ସନ୍ନିହିତ ହୋଇଆସିଛି, ଏହି ସମ୍ପ୍ରଦାୟର ପିଢ଼ି ପ୍ରତିଯୋଗିତା ମୂଳକ କ୍ଷେତ୍ରରେ ପାଦ ଦେବା ପୂର୍ବରୁ ଅନୌପଚାରିକ ଭାବରେ ସେମାନଙ୍କର ଶିକାର ଏବଂ ସଂଗ୍ରହ ପରମ୍ପରା ମାଧ୍ୟମରେ ଦକ୍ଷତାକୁ ସମ୍ମାନ ଦେଉଛନ୍ତି । ଆଜି, ସେହି ଅନ୍ତର୍ନିହିତ ପରିଚିତି ସଂରଚିତ ସୁଯୋଗରେ ପରିଣତ ହେଉଛି । କଳାହାଣ୍ଡି ଭଳି ଜିଲ୍ଲାଗୁଡ଼ିକରେ, ଯାହା ଏକଦା ଏହାର ଦୂରବର୍ତ୍ତୀତା ଏବଂ ଅନୁନ୍ନତ ପାଇଁ ସୀମିତ ରାସ୍ତା ଦ୍ୱାରା ପରିଭାଷିତ ହୋଇଥିଲା, ଧନୁର୍ଦ୍ଧର ଏକ କ୍ରୀଡା ଭାବରେ ଦ୍ରୁତ ଗତିରେ ଉଭା ହେଉଛି ଯାହା ଏହି ଅଂଚଳର ଯୁବପିଢ଼ିଙ୍କ ମଧ୍ୟରେ ଉଚ୍ଚ ଆକାଂକ୍ଷା, ଶୃଙ୍ଖଳା ଏବଂ ସାଂସ୍କୃତିକ ପରିଚୟର ଏକ ଗଭୀର ଭାବନା ପାଇଁ ଏକ ନିଶ୍ଚିତ ପଥ ପାଲଟିଛି ।

ଏହି ପରିବର୍ତ୍ତନର କେନ୍ଦ୍ରରେ ବେଦାନ୍ତ ଆଲୁମିନିୟମର ତୃଣମୂଳ କ୍ରୀଡା ପ୍ରୟାସ ରହିଛି, ଯାହା କଳାହାଣ୍ଡିକୁ କ୍ରୀଡାରେ ଯୁବ ଉତ୍କର୍ଷତା ପାଇଁ ଏକ କେନ୍ଦ୍ର ଭାବରେ ବିକଶିତ କରିବା ଲକ୍ଷ୍ୟ ରଖିଛି । ଜିଲ୍ଲା ଏବଂ ରାଜ୍ୟଗୁଡ଼ିକରେ ପ୍ରତିଯୋଗିତା ପାଇଁ ସଂରଚିତ ତାଲିମ, ବିଶେଷଜ୍ଞ ପ୍ରଶିକ୍ଷଣ, ବୃତ୍ତିଗତ-ଗ୍ରେଡ୍ ଉପକରଣ, କଷ୍ଟମାଇଜ୍ଡ୍ ପୁଷ୍ଟିକର ସହାୟତା ଏବଂ ଲଜିଷ୍ଟିକ୍ ସହାୟତା ମାଧ୍ୟମରେ ଯୁବକମାନଙ୍କୁ ସଂଗଠିତ ଏବଂ ନିୟୋଜିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଏକ ସ୍ଥାୟୀ କ୍ରୀଡା ସଂସ୍କୃତି ଗଠନ କରିବା, ଯାହା ବ୍ୟକ୍ତିଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରେ ଏବଂ ସ୍ଥାୟୀ କ୍ୟାରିଅର ପଥ ସୃଷ୍ଟି କରେ ।



କଳାହାଣ୍ଡିର ଚନାଲିମା ଗ୍ରାମର ୧୭ ବର୍ଷୀୟା ରଚନା ମାଝୀଙ୍କ ପାଇଁ, କ୍ରୀଡାରେ ଏକ କ୍ୟାରିଅର ଅକଳ୍ପନୀୟ ଥିଲା । ତାଙ୍କ ସମ୍ପ୍ରଦାୟର ଅନ୍ୟ ଅନେକଙ୍କ ପରି, ତାଙ୍କର ଦୈନନ୍ଦିନ କାର୍ଯ୍ୟ ମୁଖ୍ୟତଃ ସ୍କୁଲ ଏବଂ କୃଷି କାର୍ଯ୍ୟ ଚାରିପାଖରେ ଘୂରି ବୁଲୁଛି । ବେଦାନ୍ତର ସମ୍ପ୍ରଦାୟ ପ୍ରସାର ପ୍ରୟାସ ମାଧ୍ୟମରେ ତାଙ୍କୁ ଧନୁର୍ଚାଳି ସହିତ ପରିଚିତ କରାଇବା ପରେ ଏହା ପରିବର୍ତ୍ତନ ହୋଇଥିଲା । "ଯେତେବେଳେ ମୁଁ ୧୩ ବର୍ଷ ବୟସରେ ପ୍ରଥମ ଥର ପାଇଁ ଧନୁ ଦେଖିଥିଲି, ମୁଁ ଭାବି ନଥିଲି ଯେ ମୁଁ ଏହା କରିପାରିବି," ସେ ମନେ ପକାନ୍ତି । "ଏବେ, ମୁଁ ଏକ କ୍ଷେତ୍ରରେ ପାଦ ଦେବା ଏବଂ ଅନ୍ୟମାନଙ୍କ ସହିତ ପ୍ରତିଯୋଗିତା କରିବା ପାଇଁ ଆତ୍ମବିଶ୍ୱାସୀ ଅନୁଭବ କରୁଛି ।

ତାଙ୍କ ଯାତ୍ରା ସେବେଠାରୁ ଦ୍ରୁତ ପ୍ରଗତି ଦ୍ୱାରା ଚିହ୍ନିତ ହୋଇଛି: ରାଜ୍ୟସ୍ତରୀୟ ପଦକ, ଜାତୀୟ ଦଳରେ ଚୟନ ଏବଂ ପ୍ରତିଯୋଗିତାମୂଳକ ପ୍ଲାଟଫର୍ମରେ ବର୍ଦ୍ଧିତ ଉପସ୍ଥିତି ତାଙ୍କୁ ଆହୁରି ଦୃଢ଼ କରିଛି । ରଚନାଙ୍କ କାହାଣୀ କୌଣସି ବାହାର କଥା ନୁହେଁ; ଏହା କଳାହାଣ୍ଡିରେ ପ୍ରତିଭାର ଏକ ବ୍ୟାପକ ପାଇପଲାଇନକୁ ପ୍ରତିଫଳିତ କରେ । ଆଜି, ଏହି ପଦକ୍ଷେପ ଅଧୀନରେ ପ୍ରାୟ ୮୦ ଜଣ ଯୁବକ ତୀରନ୍ଦାଜୀ ଏବଂ କ୍ରୀଡା କ୍ଷେତ୍ରରେ ବ୍ୟାପକ ତାଲିମ ନେଉଛନ୍ତି । କେବଳ ଆର୍ଥିକବର୍ଷ୨୬ ରେ: ଜାତୀୟ ସ୍ତରରେ ୯ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ରାଜ୍ୟ ସ୍ତରରେ ୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଏବଂ ଜୋନାଲ ପ୍ରତିଯୋଗିତାରେ ୭୩ ଜଣ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଖେଳାଳିମାନେ ୩ଟି ଜାତୀୟ ପଦକ ଏବଂ ୯୪ଟି ରାଜ୍ୟ ପଦକ ଜିତିଥିଲେ । ବେଦାନ୍ତ ଆଲୁମିନିୟମ ଏହାର କ୍ରୀଡା ପଦକ୍ଷେପକୁ ଏହାର ବ୍ୟାପକ ସମ୍ପ୍ରଦାୟ ବିକାଶ ଆଭିମୁଖ୍ୟର ଏକ ଅଂଶ ଭାବରେ ସ୍ଥାନିତ କରୁଛି, ଯାହା କ୍ରୀଡା ମାଧ୍ୟମରେ ଯୁବପିଢ଼ିଙ୍କ ପାଇଁ ଦୀର୍ଘକାଳୀନ ପଥ ସକ୍ଷମ କରିବା ଏବଂ ସୁଯୋଗ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେଉଛି ।







ଉତ୍ତରପ୍ରଦେଶରେ ପ୍ରଳୟଙ୍କରୀ ଝଡ଼ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

# ଓମାନରେ ଭାରତୀୟ ଜାହାଜକୁ ଡ୍ରୋନ ମାଡ଼

**ନୂଆଦିଲ୍ଲୀ:** ଓମାନ ଉପକୂଳରେ ଘଟିଛି ବଡ଼ ଅଘଟଣ। ଗୋଟିଏ ଭାରତୀୟ ଜାହାଜ ଉପରେ ହୋଇଛି ଡ୍ରୋନ ଆଟାକ। ଗୁଜରାଟର ହାଜି ଅଲୀ ନାମକ ଜାହାଜ ଉପରେ ଡ୍ରୋନ ମାଡ଼ ହେବାରୁ ଏହା ସମୁଦ୍ରରେ ବୁଡ଼ି ଯାଇଛି। ଏହି ପଣ୍ୟବାହୀ ଜାହାଜରେ ୧୪ ଜଣ ଭାରତୀୟ କ୍ରୁ ସଦସ୍ୟ ରହିଥିଲେ। ସେମାନଙ୍କୁ ବୁଡ଼ି ଯାଇଥିବା ଜାହାଜରୁ ଓମାନ ଅଧିକାରୀମାନେ ସୁରକ୍ଷିତ ଉଦ୍ଧାର କରିଛି।

ଭାରତୀୟ ଜାହାଜ ଉପରେ ଡ୍ରୋନ ଆଟାକ ଉକ୍ତ ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି। ଷ୍ଟ୍ରେଟ ଅଫ ହର୍ମୁଜରେ ଇରାନ ଓ ଆମେରିକା ତିକ୍ତତା ଚାଲିଥିବା ଏବେ ଏପରି ଘଟଣା ସମସ୍ତଙ୍କୁ ଆତଙ୍କିତ କରିଛି।

ବୁଡ଼ି ଯାଇଥିବା ପଣ୍ୟବାହୀ ଜାହଜଟି ଦେବଭୂମି ଦ୍ୱାରକା ଜିଲ୍ଲାରେ ଥିବା ସାଲାୟା ବନ୍ଦରରେ ପଞ୍ଜିକରଣ ହୋଇଥିଲା। ପଶୁମାନଙ୍କୁ ଧରି ଜାହାଜଟି ସୋମାଲିଆରୁ



ଶାରଜା ଆଡ଼କୁ ଆସୁଥିବା ବେଳେ ବୁଧବାର ଭୋର ସମୟରେ ଆକ୍ରମଣ ସାମ୍ନା କରିଛି। ଭୋର ପ୍ରାୟ ୩.୩୦ରେ ଜାହାଜଟି ଓମାର ଉତ୍ତରପୂର୍ବ ଉପକୂରେ ଥିବା ଲିମାହ ଅତିକ୍ରମ କରୁଥିଲଷା। ଏହି ସମୟରେ ହଠାତ୍ ଜାହାଜ ଉପରେ ଗୋଟିଏ ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଥିଲା। ଆକ୍ରମଣ ପରେ ଜାହାଜରେ ନିଆଁ ଲାଗି ଯାଇଥିଲା। ଫଳରେ ଏହା ଉପରୁ ନାବିକ ନିୟନ୍ତ୍ରଣ ହରାଇଥିଲେ। ଶେଷରେ ଏହା ଗଭୀର ସମୁଦ୍ରରେ ବୁଡ଼ି ଯାଇଛି। ତେବେ ଜାହାଜରେ ନିଆଁ ଲାଗିବା କ୍ଷଣି ଏହା ମଧ୍ୟରେ ଥିବା ୧୪ ଜଣ କ୍ରୁ ସଦସ୍ୟ ତୁରନ୍ତ ବିପର୍ଯ୍ୟୟ ସିଗ୍ନାଲ ଦେଇଥିଲେ ଓ ଜୀବନ ରକ୍ଷାକାରୀ ବୋଟର ବ୍ୟବହାର କରିଥିଲେ। କିଛି ସମୟ ପରେ ଓମାନ ତଟରକ୍ଷୀ ବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ କ୍ରୁ ସଦସ୍ୟଙ୍କୁ ତୁରନ୍ତ ଦୀବା ବନ୍ଦରକୁ ଆଣିଛନ୍ତି। ଶିପ ମାଲିକ ସୁଲତାନ ଅହମଦ ସାଙ୍ଗହର ପରବର୍ତ୍ତୀ ଅବସ୍ଥାରେ ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ କରିଥିବା ସୁନିଶ୍ଚିତ କରିଛନ୍ତି। ଆକ୍ରମଣ କିଏ କରିଛି, ସେକଥା ଏଯାଏ ଜଣାପଡ଼ିନି। କିନ୍ତୁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଆକ୍ରମକୁ ଅଗ୍ରହଣୀୟ ବୋଲି କହିଛି। ମନ୍ତ୍ରଣାଳୟ କହିଛି ଯେ "ଭାରତୀୟ ପତାକା ଥିବା ଜାହାଜ ଉପରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ବ୍ୟବସାୟିକ ଜାହାଜ ଓ ସାଧାରଣ ମାରିନର୍ସ ଉପରେ କ୍ରମାଗତ ଆକ୍ରମଣରେ ଆମେ ଚିନ୍ତିତ।" ବୁଡ଼ି ଯାଇଥିବା ଜାହାଜରେ ଅନେକ ପଶୁ ରହିଥିଲେ। ଏଥିଯୋଗୁ ସେମାନେ ଗଭୀର ସମୁଦ୍ରରେ ଭାସି ଯାଇଛନ୍ତି।

## କେରଳମ୍‌ରେ ପ୍ରତୀକ୍ଷାରେ ଅନ୍ତ

# ସଥିସନ ହେବେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ :** ଭିଡି ସତୀସନ କେରଳମ୍‌ର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ୧୦ ଦିନର ଛକାପଞ୍ଝା ପରେ କଂଗ୍ରେସ ହାଇକମାଣ୍ଡ ସଥିସନଙ୍କ ନାମରେ ମୋହର ମାରିଛନ୍ତି। ଏହି ଘୋଷଣା ଏଆଇସିସି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଜୟ ମାକେନ, ମୁକୁଲ ୱାଶମିକ ଓ ଦୀପା ଦାସମୁନିଷ କରିଛନ୍ତି। ଏହି ଘୋଷଣା ପରେ କଂଗ୍ରେସ କେରଳମରେ ନୂଆ ସରକାର ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଆସନ୍ତା ୧୮ ତାରିଖରେ ସତୀସନ ଶପଥ ନେବେ ବୋଲି ସୂଚନା ମିଳିଛି।



ସଦ୍ୟ ସମାପ୍ତ କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୧୪୦ ବିଧାନସଭା ଆସନରୁ ୧୦୨ ଆସନ ଜିତିଥିଲା। ସେଠାରେ ୧୦ ବର୍ଷ ଧରି ଥିବା ସିପିଏମ୍ ନେତୃତ୍ୱାଧୀନ ଏଲଡିଏଫ୍ ସରକାରର ପତନ ଘଟିଛି। ମେ ୪ ରୁ ନିର୍ବାଚନ ଫଳାଫଳ ବାହାରି ଥିଲେ ବି କଂଗ୍ରେସ ଭିତରେ ଚାଲିଥିବା ଛକାପଞ୍ଝା ଯୋଗୁଁ ମୁଖ୍ୟମନ୍ତ୍ରୀ ଚୟନ ହେଉପାରୁନଥିଲା। ସତୀସନ ଉତ୍ତର ପାରାଭୁର ଆସନରୁ ବିଧାୟକ ଜିତିଛନ୍ତି। ୨୦୦୧ ରୁ ଲଗାତାର ଭାବେ ସେ ବିଧାୟକ ଅଛନ୍ତି। ପାରାଭୁରରୁ ସେ ୬ ଥର ବିଧାୟକ ହୋଇଛନ୍ତି। କେରଳରେ କଂଗ୍ରେସ ଦଳକୁ ପୁନଃଜୀବିତ କରିବାପାଇଁ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୯୦ ଦଶକରେ ଛାତ୍ର ରାଜନୀତିରୁ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସଂଗଠନ ମଧ୍ୟରେ ତାଙ୍କର ଏକ ବଡ ପତିଆରା ରହିଛି। ଜଣେ ଭଲ ବକ୍ତା ଭାବେ ମଧ୍ୟ ତାଙ୍କର ପରିଚୟ ରହିଛି। ୨୦୨୧ ରୁ ୨୦୨୬ ପର୍ଯ୍ୟନ୍ତ ସେ କେରଳ ବିଧାନସଭାର ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ପାଇଁ ଦୌଡରେ ଏଆଇସିସି ସାଂଗଠନିକ ସମ୍ପାଦକ କେସି ଭେନୁ୍ୟ ଗୋପାଳ ଓ ରମେଶ ଚେନିତାଲା ଥିଲେ। ତେବେ ହାଇକମାଣ୍ଡ ସାଥି ସାନଙ୍କ ନାମରେ ମୋହର ମାରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଏକେ ଆଣ୍ଟୋନି ମଧ୍ୟ ସାଥି ସାନଙ୍କୁ ସମର୍ଥନ ଦେଇଥିଲେ।

# କ୍ଷେପଣାସ୍ତ୍ର ଆକ୍ରମଣର ଜବାବ ଦେଲା ଭାରତ

**ନୂଆଦିଲ୍ଲୀ:** ବୁଧବାର ଦିନ ଓମାନ ଉପକୂଳରେ ଏକ ଭାରତୀୟ ପତାକା ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ କଡ଼ା ନିନ୍ଦା କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର ଏକ ବିବୃତି ଜାରି କରି କହିଛି ଯେ ଏପରି ଆକ୍ରମଣକୁ ସହ୍ୟ କରାଯାଇପାରିବ ନାହିଁ। ଏହା ଅସ୍ୱୀକାର୍ଯ୍ୟ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସରକାରୀ ବିବୃତୀ ଅନୁଯାୟୀ, ବୁଧବାର ଦିନ ଓମାନ ଉପକୂଳରେ ଏକ ଭାରତୀୟ ପତାକା ଜାହାଜ ଉପରେ ହୋଇଥିବା ଆକ୍ରମଣ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଆମେ ବାଣିଜ୍ୟିକ ଜାହାଜ ଏବଂ ସାଧାରଣ ନାବିକମାନଙ୍କୁ ଲଗାତାର ଟାର୍ଗେଟ କରାଯାଉଥିବା ଘଟଣାର ନିନ୍ଦା କରୁଛୁ। ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ସମସ୍ତ ଭାରତୀୟ କ୍ରୁ ସଦସ୍ୟ ସୁରକ୍ଷିତଥିବା ନିଶ୍ଚିତ କରି ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି। ବିବୃତିରେ କୁହାଯାଇଛି ଯେ ଜାହାଜରେ ଥିବା ଭାରତୀୟ କ୍ରୁ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କୁ ଉଦ୍ଧାର କରିଥିବା ପାଇଁ ଆମେ ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଉଛୁ। ଭାରତ ବାଣିଜ୍ୟିକ ଜାହାଜ ଚଳାଚଳକୁ ଟାର୍ଗେଟ କରିବା ଏବଂ ନିରୀହ ନାଗରିକ କ୍ରୁ ସଦସ୍ୟଙ୍କୁ ବିପଦରେ ପକାଇବା କିମ୍ବା ନୌପରିବହନ ଏବଂ ବାଣିଜ୍ୟର ସ୍ୱାଧୀନତାକୁ ବାଧା ଦେବାରୁ ନିବୃତ୍ତ ରହିବାର ଆବଶ୍ୟକତାକୁ ଦୋହରାଇଛି। ଏହି ଗୁଜରାଟୀ ମାଲବାହୀ ଜାହାଜଟି ଓମାନ ଉପକୂଳରେ ହର୍ମୁଜ ପ୍ରଣାଳୀରେ ବୁଡ଼ି ଯାଇଛି। 'ହାଜି ଅଲି' ନାମକ ଏହି ଜାହାଜଟି ମେ' ୧୩ ତାରିଖ ସକାଳେ ଓମାନ ଜଳପଥରେ ଗତି କରୁଥିଲା ବେଳେ ଏହା ଉପରେ ଏକ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ପରି ଅସ୍ତ୍ର ଆଘାତ କରିଥିଲା। ଦୁର୍ଘଟଣା ପରେ, ଜାହାଜରେ ନିଆଁ ଲାଗିଯାଇଥିଲା, କିନ୍ତୁ ଓମାନ ତଟରକ୍ଷୀ ବାହିନୀ ସମସ୍ତ ୧୪ ଜଣ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲା।

# ଆରମ୍ଭ ହେବ ତୃତୀୟ ପର୍ଯ୍ୟାୟ ଏସଆଇଆର

**ନୂଆଦିଲ୍ଲୀ :** ଦେଶର ୧୬ ରାଜ୍ୟ ଓ୩ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ତୃତୀୟ ପର୍ଯ୍ୟାୟ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍ (ଏସଆଇଆର) ଆରମ୍ଭ ହେବ। ନିର୍ବାଚନ କମିଶନର ଏହି ଘୋଷଣାକ କରିଛନ୍ତି। ହିମାଞ୍ଚଳ ପ୍ରଦେଶ, ଜାମ୍ମୁ କାଶ୍ମିର ଓ ଲଦାଖ ବ୍ୟତୀତ ଅନ୍ୟ ସବୁ ରାଜ୍ୟରେ ଏସଆଇଆର ଲାଗୁ କରାଯିବ।




ନିର୍ବାଚନ କମିଶନର କହିଛନ୍ତି ଏହି ୩ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପାଇଁ ପାଣିପାଗର ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ। ଏହି ପ୍ରକ୍ରିୟାରେ ୩.୯୪ ଲକ୍ଷ ବୁଥ୍ ଲେବୁଲ ଅଫିସର (ବିଏଲ୍‌ଓ) ଘର ଘର ବୁଲି ୩୬.୭୩ କୋଟି ଭୋଟରଙ୍କ ସମ୍ପର୍କରେ ଯାଞ୍ଚ କରିବେ। ବିଏଲଓ ମାନଙ୍କୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ସହଯୋଗ କରିବେ। ନିର୍ବାଚନ କମିଶନ ଏସଆଇଆରକୁ ଏକ ଭାଗିଦାରିତା କାର୍ଯ୍ୟକ୍ରମ ବୋଲି ବର୍ଣ୍ଣନା କରି ଏଥିରେ ଭୋଟର, ରାଜନୈତିକ ଦଳ ଓ ନିର୍ବାଚନ ଅଫିସରକୁ ସାମିଲ କରାଯାଇ ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ ଲାଗି ଉଦ୍ୟମ ଚାଲିଛି। ପ୍ରତି ରଜନୈତିକ ଦଳକୁ ବିଏଲଏ ପ୍ରତି ବୁଥରେ ନିଯୁକ୍ତ କରିବା ପାଇଁ ନିର୍ବାଚନ କମିଶନ ଅନୁରୋଧ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭୋଟରମାନଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗିଦାରିତା କରିବାକୁ ଅନୁରୋଧ କରିଛନ୍ତି। ଭୋଟରମାନେ ସେମାନଙ୍କ ଅଧିକୃତ ଫର୍ମକୁ ପୂରଣ କରିବା ପାଇଁ କହିଛନ୍ତି। ଏସଆଇଆରରେ କେବଳ ଯୋଗ୍ୟ ଭୋଟରମାନେ ସାମିଲ ହେବେ। ନିର୍ବାଚନ କମିଶନରଙ୍କ ପକ୍ଷରୁ ୧୩ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ପ୍ରଥମ ଦୁଇ ପର୍ଯ୍ୟାୟର ଏସଆଇଆର ସମ୍ପର୍କରେ ତଥ୍ୟ ଦିଆଯାଇଛି। ପ୍ରାୟ ୫୯ କୋଟି ଯୋଗ୍ୟ ଭୋଟର ପ୍ରଥମ ଦୁଇ ପର୍ଯ୍ୟାୟରେ ସାମିଲ ହୋଇଛନ୍ତି। ୬.୩ ଲକ୍ଷ ବିଏଲଓ ବିଭିନ୍ନ ରାଜନୈତିକ ଦଳର ୯.୨ ଲକ୍ଷ ବିଏଲଏ ନିଯୁକ୍ତି ହୋଇଛନ୍ତି। ତୃତୀୟ ପର୍ଯ୍ୟାୟ ଏସଆଇଆରରେ ଓଡିଶା, ମିଜୋରାମ୍, ସିକିମ, ମଣିପୁର, ଦାର୍ଦା ଏବଂ ନଗରହାବେଲି, ଦାମନଡିଉ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ହରିୟାଣା, ଛତିଶଗଡ, ତେଲେଙ୍ଗାନା, ପଞ୍ଜାବ, କର୍ଣ୍ଣାଟକ, ମେଘାଳୟ, ମହାରାଷ୍ଟ୍ର, ଝାଡଖଣ୍ଡ, ଦିଲ୍ଲୀ, ନାଗାଲାଣ୍ଡ ଓ ତ୍ରିପୁରା ରହିଛି। ଓଡିଶା, ମିଜୋରା, ସିକିମ ଓ ମଣିପୁରରେ ମେ ୩୦ ରୁ ଜୁନ୍ ୨୮ ପର୍ଯ୍ୟନ୍ତ ବିଏଲଓ ମାନେ ଘର ଘର ବୁଲିବେ। ସେହିଭଳି ଉତ୍ତରାଖଣ୍ଡରେ ଜୁନ ୮ ରୁ ଜୁଲାଇ ୭, ଆନ୍ଧ୍ର, ଅରୁଣାଚଳ ପ୍ରଦେଶ, ହରିୟାଣା ଓ ଚଣ୍ଡିଗଡରେ ବିଏଲଓ ମାନେ ଜୁନ ୧୫ ରୁ ଜୁଲାଇ ୧୪ ଯାଏ ଘର ଘର ବୁଲି ଯାଞ୍ଚ କରିବେ। କର୍ଣ୍ଣାଟକ ଓ ମେଘାଳୟ, ମହାରାଷ୍ଟ୍ର ଓ ଝାଡଖଣ୍ଡ ଓ ଦିଲ୍ଲୀରେ ଜୁନ ୩୦ ରୁ ଜୁଲାଇ ୨୯ ଯାଏ ଯାଞ୍ଚ ହେବ। ନାଗାଲାଣ୍ଡରେ ଅଗଷ୍ଟ ୧୬ ରୁ ସେପ୍ଟେମ୍ବର ୧୪, ତ୍ରିପୁରାରେ ସେପ୍ଟେମ୍ବର ୧୫ ରୁ ଅକ୍ଟୋବର ୧୪ ଯାଏ ଘର ଘର ବୁଲି ଯାଞ୍ଚ କରାଯିବ।

# ବ୍ରିକ୍ସ ସମ୍ମିଳନୀରେ ଜୟଶଙ୍କର

**ନୂଆଦିଲ୍ଲୀ:** ବ୍ରିକ୍ସ ଦେଶମାନଙ୍କ ବିଦେଶ ମନ୍ତ୍ରୀଙ୍କ ବୈଠକ ନୂଆଦିଲ୍ଲୀଠାରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଗୁରୁବାର ଓ ଶୁକ୍ରବାର ଚାଲିବାକୁ ଥିବା ଏହି ବୈଠକରେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ପଶ୍ଚିମ ଏସିଆ ଲାଗିରହିଥିବା ବିବାଦ ପରେ ଚିନ୍ତାପ୍ରକଟ କରିଛନ୍ତି। ଜୟଶଙ୍କର କହିଛନ୍ତି ଯେ, ଭାରତପାଲେଷ୍ଟାଇନ୍ସ ସଙ୍ଗରେ ଦୁଇ ରାଷ୍ଟ୍ର ସମାଧାନକୁ ସମର୍ଥନ କରେ। ଜୟଶଙ୍କର ଫେବ୍ରୁଆରି ୨୮ରୁ ଆରମ୍ଭ ହୋଇଥିବା ଉତ୍ତେଜନାମୂଳକ ସ୍ଥିତି ଉପରେ ଜୋର ଦେଇ କହିଛନ୍ତି ଯେ, ପଶ୍ଚିମ ଏସିଆ ବିବାଦ ଉପରେ ଧ୍ୟାନ ଦେବା ଜରୁରୀ। ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିବା, ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ଯୋଗୁ ସାମୁଦ୍ରିକ ପରିବହନ ଓ ଶକ୍ତି ଭିତ୍ତିଭୂମି ପ୍ରତି ବିପଦ ରହିଛି। ଏହା ଦୁର୍ବଳ ସୁରକ୍ଷାଗତ ପରିବେଶକୁ ସୂଚିତ କରୁଛି। ଲେବାନନ୍, ସିରିୟା, ସୁଦାନ, ୟେମେନ୍ ଓ ଲିବ୍ୟା ପରି ଦେଶରେ ଅସ୍ଥିରତା ଲାଗି ରହିଛି। ଲେବାନନ୍ ଓ ସିରିୟାରେ ନିରନ୍ତର ଆହ୍ୱାନପୂର୍ଣ୍ଣ ସ୍ଥିତି ଲାଗି ରହିଛି। ସୁଦାନର ସଂଘର୍ଷ ଲୋକଙ୍କ ପାଇଁ ପ୍ରତିକୂଳ ପରିବେଶ ସୃଷ୍ଟି କରୁଛି। ୟେମେନରେ ମାନବିକ ସଙ୍କଟ ଓ ସାମୁଦ୍ରିକ ବିପଦ ରହିଛି। ଲିବ୍ୟାରେ ସ୍ଥିରତା ବିପଦରେ ରହିଛି। ଜୟଶଙ୍କର କହିଛନ୍ତି ଯେ, ଏହି ସଙ୍କଟ ପାଇଁ ଏକ ନିରନ୍ତର ଅନ୍ତର୍ଜାତୀୟ ସହଯୋଗ ଏବଂ କୂଟନୈତିକ ସମ୍ପର୍କ ଆବଶ୍ୟକ। ବିଦେଶ ମନ୍ତ୍ରୀ ଜୟଶଙ୍କର କହିଥିଲେ ଯେ, ଏହା ମିଳିତ ଭାବେ ଦର୍ଶାଉଛି ଯେ, ସ୍ଥିରତା ଚୟନଯୋଗ୍ୟ ହୋଇପାରିବ ନାହିଁ। ଶାନ୍ତି ଖଣ୍ଡ ଖଣ୍ଡ ହୋଇପାରିବ ନାହିଁ। ଅନ୍ତର୍ଜାତୀୟ ଆଇନକୁ ବଜାୟ ରଖିବା, ନାଗରିକମାନଙ୍କୁ ସୁରକ୍ଷା ଦେବା ଓ ସାର୍ବଜନୀନ ଭିତ୍ତିଭୂମିକୁ ଟାର୍ଗେଟ କରିବାରୁ ଏଡାଇବା ଅତ୍ୟନ୍ତ ଜରୁରୀ। ଭାରତ ଉତ୍ତେଜନା ହ୍ରାସ ପ୍ରୟାସରେ ଗଠନମୂଳକ ଭାବରେ ଯୋଗଦାନ ଦେବାକୁ ଓ ସ୍ଥିରତା ଫେରାଇ ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପଦକ୍ଷେପକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି ବୋଲି ଜୟଶଙ୍କର କହିଛନ୍ତି।

# ରଥିନ୍ଦ୍ର ବୋଷ ହେବେ ପ.ବଙ୍ଗ ବିଧାନସଭା ବାଚସ୍ପତି

**କୋଲକାତା:** ଉତ୍ତର ପଶ୍ଚିମବଙ୍ଗର କୁଚବିହାର ଦକ୍ଷିଣରୁ ପ୍ରଥମ ଥର ପାଇଁ ବିଧାୟକ ହୋଇଥିବା ରଥିନ୍ଦ୍ର ବୋଷ ବିଧାନସଭାର ନୂତନ ବାଚସ୍ପତି ହେବେ। ଶାସକ ବିଜେପି ଗୁରୁବାର ଦିନ ବାଚସ୍ପତି ପଦ ପାଇଁ ବୋଷଙ୍କୁ ପ୍ରାର୍ଥୀ ଭାବରେ ମନୋନୀତ କରିଛି। ରଥିନ୍ଦ୍ର ବୋଷ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି। ଗୁରୁବାର ଦିନ ମୁଖ୍ୟମନ୍ତ୍ରୀଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ବାଚସ୍ପତି ପଦ ପାଇଁ ବୋଷ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କର ପ୍ରଥମ ପ୍ରସ୍ତାବକ ନିଜେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରହିଛନ୍ତି। ଯେତେବେଳେ ଦ୍ୱିତୀୟ ପ୍ରସ୍ତାବକ ବରିଷ୍ଠ ବିଜେପି ବିଧାୟକ ଦୀପକ ବର୍ମନ ଅଛନ୍ତି। ଶୁକ୍ରବାର ବାଚସ୍ପତି ପଦ ପାଇଁ ନିର୍ବାଚନ କରାଯିବ।

# ମିନାବ ୧୬୮' ବିମାନରେ ଭାରତ ଆସିଲେ ଇରାନ ବିଦେଶ ମନ୍ତ୍ରୀ

**ନୂଆଦିଲ୍ଲୀ:** ଚଳିତ ବ ଶେଷ ଭାଗରେ ଭାରତରେ ବ୍ରିକ୍ସ ଦେଶମାନଙ୍କ ବାର୍ଷିକ ସମ୍ମିଳନୀ ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ବ୍ରିକ୍ସ ଦେଶମାନଙ୍କ ବୈଦେଶିକ ମନ୍ତ୍ରୀଙ୍କ ବୈଠକ ମେ ୧୪ ଓ ୧୫ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ବୈଠକରେ ଅଧକ୍ଷତା କରିବେ। ତେବେ ବ୍ରିକ୍ସ ବୈଠକ ଆରମ୍ଭ ହେବା ପୂର୍ବରୁ ଏହା ଉପରେ ଇରାନ-ଆମେରିକା ଯୁଦ୍ଧର ପ୍ରଭାବ ଦେଖିବାକୁ ମିଳିଛି। ଇରାନ ବିଦେଶ ମନ୍ତ୍ରୀ ଅବାସ ଆରାଘଚି ବୈଠକରେ ଭାଗ ନେବାକୁ ବୁଧବାର ନୂଆଦିଲ୍ଲୀରେ ଆସି ପହଞ୍ଚିଥିଲେ। ଗୁରୁବାର ବିଦେଶ ମନ୍ତ୍ରୀ ଜୟଶଙ୍କର ଆରାଘଚିଙ୍କୁ ଭେଟିଥିଲେ। ଦୁହେଁ ହାତ ମିଳାଇବା ସହିତ କିଛି ସମୟ କଥା ହୋଇଥିଲେ। ଏହାପୂର୍ବରୁ ଆରାଘଚିଙ୍କୁ ଭାରତରେ ସ୍ୱାଗତ କରାଯାଇଥିଲା। ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ 'ଏକ୍ସ'ରେ ଏକ ପୋଷ୍ଟ କରି ଆରାଘଚିଙ୍କୁ ସ୍ୱାଗତ କରିଛନ୍ତି। ତେବେ ଆରାଘଚି ଯେଉଁ ବିମାନରେ ଭାରତ ପହଞ୍ଚିଛନ୍ତି, ତାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଆରାଘଚି ଆସିଥିବା ବିମାନର ନାମ 'ମିନାବ ୧୬୮' ରହିଛି। ଆମେରିକା-ଇରାନ ଯୁଦ୍ଧରେ ଇରାନର ମିନାବର ଏକ ସ୍କୁଲ ଉପରେ ଆମେରିକାର ଆକ୍ରମଣରେ ୧୬୮ ଜଣ ଝିଅଙ୍କ ମୃତ୍ୟୁକୁ ଏହା ଦର୍ଶାଉଛି। ମିନାବ ୧୬୮ ବିମାନ ଇରାନ ପାଇଁ ଏକ ଶକ୍ତିଶାଳୀ ପ୍ରତୀକ ପାଲଟି ଯାଇଛି। ତେହେରାନ ଏହାକୁ ଇରାନର ନାଗରିକଙ୍କ ଉପରେ ଆମେରିକା-ଇସ୍ରାଏଲର ଆକ୍ରମଣର ପ୍ରମାଣ ଭାବେ ଉପସ୍ଥାପନ କରୁଛି।

## ନିର୍ବାଚନୀ ପରବର୍ତ୍ତୀ ହିଂସା

# ଓକିଲାତି କରିବାକୁ ହାଇକୋର୍ଟ ପହଞ୍ଚିଲେ ମମତା

**କୋଲକାତା:** ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଗୁରୁବାର କୋଲକାତା ହାଇକୋର୍ଟରେ ଓକିଲଙ୍କ ପୋଷାକରେ ଦେଖିବାକୁ ମିଳିଥିଲା। ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ମମତା କୋର୍ଟକୁ ଆସିଥିଲେ। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ୧୫ ବର୍ଷ ଶାସନର ଅନ୍ତ ଘଟିବା ପରେ ଦଳୀୟ କାର୍ଯ୍ୟାଳୟ ଓ କର୍ମୀଙ୍କ ଉପରେ ହୋଇଥିବା ଆକ୍ରମଣ ଅଭିଯୋଗରେ ଶୀର୍ଷଣ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା ଏହି ମାମଲା ଗୁଡ଼ିକ ଦାୟର ହୋଇଥିଲା। ଟିଏମ୍ସି ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି କୁହାଯାଇଛି ଯେ, ଆଜି କୋର୍ଟରେ ମମତାଙ୍କର ଉପସ୍ଥିତି ତାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ପଶ୍ଚିମବଙ୍ଗର ଲୋକମାନଙ୍କୁ ସେମାନଙ୍କର ଆବଶ୍ୟକ ସମୟରେ ମମତା କେବେ ପରିତ୍ୟାଗ କରିବେ ନାହିଁ। ସତ୍ୟ, ନ୍ୟାୟ ଓ ସାମ୍ବିଧାନିକ ମୂଲ୍ୟବୋଧ ପାଇଁ ମମତା ପ୍ରତିବଦ୍ଧ ଅଛନ୍ତି ବୋଲି କୁହାଯାଇଛି। ପଶ୍ଚିମବଙ୍ଗ ରାଜନୀତିରେ ମମତା ସର୍ବଦା ତାଙ୍କର ସ୍ୱତନ୍ତ୍ର ଭାବମୂର୍ତ୍ତୀକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ମମତା ପୂର୍ବରୁ ମଧ୍ୟ ଓକିଲ ଭାବେ କୋର୍ଟରେ ନିଜେ ପକ୍ଷ ରଖିସାରିଛନ୍ତି। କିନ୍ତୁ ବିଧାନସଭା ନିର୍ବାଚନ ପରେ ରାଜନୈତିକ ହିଂସା ପ୍ରସଙ୍ଗରେ ସେ କୋର୍ଟରେ ହାଜର ହେବା ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରାଯାଉଛି। ଗୁରୁବାର ସକାଳ ୧୦ଟାରେ ମମତା କୋଲକାତା ହାଇକୋର୍ଟରେ ପହଞ୍ଚି ଥିଲେ। ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଓ ବରିଷ୍ଠ ନେତା କଲ୍ୟାଣ ବାନାର୍ଜୀ ମଧ୍ୟ ମମତାଙ୍କ ସହିତ ଉପସ୍ଥିତ ଥିଲେ। ନିର୍ବାଚନ ପରବର୍ତ୍ତୀ ହିଂସାକୁ ନେଇ ତୃଣମୂଳ କଂଗ୍ରେସ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାୟର କରାଯାଇଥିଲା।

# ଏୟାର ଇଣ୍ଡିଆର କ୍ଷତି ୨୬,୮୦୦ କୋଟି




**ମୁମ୍ବାଇ:** ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ହେଉଥିବା ଏୟାର ଇଣ୍ଡିଆ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ୨୬,୮୦୦ କୋଟି ଟଙ୍କା (୨୮୦ କୋଟି ଡଲାର)ର କ୍ଷତି ସହିଛି। ୨୦୨୨ରେ ସରକାରଙ୍କଠାରୁ କମ୍ପାନିକୁ ଅଧିଗ୍ରହଣ କରିବା ପରଠାରୁ ଏହା ହେଉଛି ଏୟାର ଇଣ୍ଡିଆର ସର୍ବାଧିକ କ୍ଷତି। ଏହି ବର୍ଷ ଗୁଜରାଟର ଅହମଦାବାଦରେ କମ୍ପାନିର ଏକ ବିମାନ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହୋଇଥିଲା। ଟାଟା ଗ୍ରୁପ୍ର ଅନ୍ୟତମ ସହଯୋଗୀ ସିଙ୍ଗାପୁର ଏୟାରଲାଇନ୍ସ ପ୍ରକାଶ କରିଥିବା ଆର୍ଥିକ ଫଳାଫଳରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଟାଟା ଓ ସିଙ୍ଗାପୁର ଏୟାରଲାଇନ୍ସ ମିଳିତ ଭାବେ ଏୟାର ଇଣ୍ଡିଆର ଦେଖାଶୁଣା କରୁଛନ୍ତି। ୨୦୨୨ରେ କେନ୍ଦ୍ର ସରକାରଙ୍କଠାରୁ ୧୮ ହଜାର କୋଟି ଟଙ୍କାରେ ଏୟାରଇଣ୍ଡିଆକୁ ଟାଟା ଗ୍ରୁପ୍ କିଣିଥିଲା। ସେହି ସମୟରେ କମ୍ପାନି ପାଖରେ ଯୌଥ ଉଦ୍ୟୋଗ ଭାବେ ଦୁଇଟି ଅନ୍ୟ ଏୟାରଲାଇନ୍ ଏୟାର ଏସିଆ ଇଣ୍ଡିଆ ଓ ଭିସ୍ତାରା ରହିଥିଲା। ମାଲେସିଆର ଏୟାର ଏସିଆ ସହ ମିଶି ଟାଟା ଗ୍ରୁପ୍ ଏୟାର ଏସିଆ ଇଣ୍ଡିଆ ଓ ସିଙ୍ଗାପୁର ଏୟାରଲାଇନ୍ସ ସହ ମିଶି ଭିସ୍ତାରାର ପରିଚାଳନା କରୁଥିଲା। ଏୟାର ଏସିଆ ଇଣ୍ଡିଆରୁ ଏୟାର ଏସିଆ ଓହରିଯିବା ପରେ ତାହା ସମ୍ପୂର୍ଣ୍ଣ ରୂପେ ଟାଟା ମାଲିକାନାକୁ ଚାଲିଆସିଥିଲା। ଏହାପରେ ସବୁ ବିମାନ କମ୍ପାନିଗୁଡ଼ିକୁ ଗୋଟିଏ ସଂସ୍ଥାରେ ପରିଣତ କରିବା ଲାଗି ଏୟାର ଇଣ୍ଡିଆ ଗ୍ରୁପ୍ ଗଠନ କରାଯାଇଥିଲା। ସେହି ଗ୍ରୁପ୍ର ସିଂହ ଭାଗ ଅଂଶଧନ ଟାଟା ପାଖରେ ଥିବା ବେଳେ ଅବଶିଷ୍ଟ ଅଂଶଧନ ସିଙ୍ଗାପୁର ଏୟାରଲାଇନ୍ସ ପାଖରେ ରହିଛି।

# ଉଡବଲ ଓଡ଼ିଶା ଦଳର ରାୟପୁର ଯାତ୍ରା



ଭୁବନେଶ୍ୱର,୧୪।୫(ସବ୍ୟୁ): ଛତିଶଗଡ଼ ରାୟପୁରରେ ୨୦ ତମ ସିନିୟର ଓ ୧୪ତମ ଜୁନିୟର ଉଡବଲ ନ୍ୟାସନାଲ ଚାମ୍ପିଅନସିପ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ଦଳ ରାୟପୁର ଯାତ୍ରା କରିଛି । ଆସୋସିଏସନର ସାଧାରଣ ସମ୍ପାଦକ ଏମଡି ଆଜମ ଓ ସଭାପତି ବସନ୍ତ କୁମାର ବାଡୁ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଶା ଦଳରେ ମଧୁସୋରେନ ବରିଷ୍ଠ ଦଳ ଅଧିନାୟକ, ଏସଏଚ ସିଧା ଆଦିତ୍ୟ ଆନନ୍ଦ, ଜୟଦେବ ପାଉଲ, ରାଜବୀର ସିଂ, ସମୟ ମିଶ୍ର, ଦ୍ୟୁତିମାନ ବେହେରା, ଅଭିଶେକ ମହନ୍ତ, ଶୁଭଙ୍କର ଗିରି, ଏଦିନେଶ ରେଡ୍ଡୀ, ଅମିତ ରାଉତ, ବିଶ୍ୱଜିତ ପଟ୍ଟନାୟକ, ମନୀଷ ପତି, କୋଚ ବାସୁଦେବ ଓଝା, ସିନିୟର ମହିଳା ବିଭାଗରେ ଇସ୍ମିତା ଦଳାଇ ଅଧିନାୟକ, ଶ୍ରୁତିପ୍ରଜ୍ଞା ଜାନୀ, ଆକାଂକ୍ଷା ସିହ୍ନା, ତାନିଆ ଜେନା, ସ୍ମୃତି ସିଗ୍ମା ଜୋରା, ପ୍ରତୀକ୍ଷା ସିହ୍ନା, ମ୍ୟାନେଜର ଭାବେ ପ୍ରଜ୍ଞା ବଳିଆର ସିଂ, ଅମରଜିତ ନାୟକ, ପ୍ରତୀକ୍ଷ ସାମନ୍ତରାୟ, ପ୍ରତ୍ୟୁଷ କୁମାର ସାହୁ, ସୌମ୍ୟଜିତ ପରିଡା, ବିନୟ କୁମାର କବି, ଏ ଅବିନାଶ କୁମାର ପାତ୍ର, କୁଲଦୀପ ଦାସ, ଅବିନାଶ କୁମାର ପାତ୍ର, କୁଲଦୀପ ଦାସ, ଆୟୂଷ ଅମଲାନ ଦାସ, କ୍ରିସ୍ ଦିଗାଲ, ସୁବ୍ରତ କିଶୋରୀ ସାମଲ, ମୋହିତ ବାତ୍ରା, କୋଚ ଅଶୋକ କୁମାର ରାଉତ, ଫିଓନା ରୋଜ୍, ତନିସ୍କା ସେନାପତି, ଏସ ସୁଜ୍ଞାନୀ ରେଡ୍ଡୀ, ସ୍ମୃତି ନାୟକ, ତୁଳସୀ ଗଡ଼ନାୟକ, ଅଞ୍ଚଳ ମହାରଣା, ପ୍ରାଚୀ ଶ୍ରୀ ବନ୍ଧ, ତୃପ୍ତିମୟୀ ସାମଲ, ମ୍ୟାନେଜର ରୁଚିସ୍ମୃତି ସାହୁ, ଅଫିସିଆଲ ଅନୁସୂୟା କଅଁର ପ୍ରମୁଖ ଯାତ୍ରା କରିଛନ୍ତି ।

# ମୁମ୍ବାଇର ବିଜୟ ତିଳକ

ଆଇପିଏଲ ମହାସମର

ଧର୍ମଶାଳା,୧୪।୫(ଏଜେନ୍ସି): ଚଳିତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ବିଜୟ ହାସଲ କରିଛି । ତିଳକ ବର୍ମା ୭୫ ରନର ଅପରାଜିତ ଇନିଂସ କରି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଚଳିତ ଆଇପିଏଲରେ ମୁମ୍ବାଇ ୧୨ ମ୍ୟାଚରୁ ୪ଟି ବିଜୟ ସହ ୮ ପଏଣ୍ଟ ହାସଲ କରି ନବମ ସ୍ଥାନରେ ରହିଛି । ଏହି ବିଜୟ ସତ୍ତ୍ୱେ ଦଳ ପ୍ଲେ ଅଫ୍ ଦୌଡ଼ରୁ ବାଦ ପଡିଛି । ପଞ୍ଜାବ କିଙ୍ଗ୍ସ ୧୨ ମ୍ୟାଚରୁ ୧୩ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି । ଏହି ମ୍ୟାଚରେ ପଞ୍ଜାବ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୦ ରନ୍ କରିଥିଲା । ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୯.୫ ଓଭରରେ ୨୦୫/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଯଶପ୍ରୀତ ବୁମ୍ରାର ମୁମ୍ବାଇ ଇଣ୍ଡିଆନ୍ସର କମାଣ ଧରିଛନ୍ତି ।



ଧର୍ମଶାଳାର ହିମାଚଳପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ମୁମ୍ବାଇ ଟସ ଜିତି ପଞ୍ଜାବକିଙ୍ଗ୍ସକୁ ଆମନ୍ତ୍ରଣ କରିଥିଲା । ପଞ୍ଜାବର ଦୁଇ ଓପନର ପ୍ରିୟନ୍ସ ଆର୍ଯ୍ୟ ଓ ପ୍ରଭସିମରନ ସିଂ ପାଳି ଆରମ୍ଭ କରିଥିଲେ । ୫.୩ ଓଭରରେ ୫୦ ରନର ପାର୍ଟନରସିପ ହୋଇଥିଲା । ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ଥିବା ପଞ୍ଜାବ ମ୍ୟାଚ ଜିତି ସ୍ଥିତି ସୁଧାରିବାକୁ ଲଢ଼ିଥିଲା । ଓପନର ପ୍ରିୟନ୍ସ ଆର୍ଯ୍ୟ ୧୭ ବଲର ସମ୍ମୁଖୀନ ହୋଇ ୪ ଟି ଚୌକା ସହାୟତାରେ ୨୨ ରନ୍ କରିଥିଲେ । ପ୍ରଭସିନରନ ସିଂ ୩୨ ବଲରୁ ୬ଟି ଚୌକା ଓ ୪ଟି ଛକା ସହାୟତାରେ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଉଭୟ ପ୍ରିୟନ୍ସ ଓ ପ୍ରଭସିମରନ ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟ ଏ' ଦଳରେ ସ୍ଥାନ ପାଇଛନ୍ତି । କପର କୋନୋଲି ୨୧, ଅଧିନାୟକ ଶ୍ରେୟାସ ଆୟର ୪, ସୂର୍ଯ୍ୟଂଶ ସେଗେଡେ ୮, ଅଜମତୁଲ୍ଲା ଓମାରଯାଇ ୩୮, ବିଷ୍ଣୋ ବିନୋଦ ଅପରାଜିତ ୧୫, ଜାଭିୟର ବାର୍ଟୋଲେଟ୍ ୧୮ ରନ କରିଥିଲେ । ତେଣୁ ପଞ୍ଜାବ ୨୦ ଓଭରରେ ୮ ୱିକେଟ ହରାଇ ୨୦୦ ରନ୍ କରିଥିଲେ । ବୋଲିଂରେ ମୁମ୍ବାଇରେ ସାର୍ଦ୍ଦୁଲ ଠାକୁର ୪ଟି, ଦୀପକ ଚହର ୨ଟି, କୋରବିନ ବୋଷ୍ଟ ଓ ରାଜବାୱା ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୨୦୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ମୁମ୍ବାଇ ପାଇଁ ବିଜୟସୂଚକ ଇନିଂସ ଖେଳିଥିଲେ ତିଳକ ବର୍ମା ଓ ୱିଲ ଜ୍ୟାକ୍ସ । ଓପନର ରୋହିତ ଶର୍ମା ୨୫ ରନ, ରିଆନ ରିକେଲଟନ ୪୮ ରନ୍ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ । ଏହାପରେ ନମନଧୀର ମାତ୍ର ୯ ରନ୍ କରି ପାଭିଲିୟନ୍ ଫେରିଥିଲେ । ୩ ୱିକେଟ ପତନ ପରେ ତିଳକ ବର୍ମାଙ୍କ ଉପରେ ଗୁରୁଦାୟିତ୍ୱ ରହିଥିଲା । ଶେଷ ପର୍ଯ୍ୟନ୍ତ ସେ ଅପରାଜିତ ରହି ଦାୟିତ୍ୱ ସମ୍ପୂର୍ଣ୍ଣ କରିଥିଲେ । ତିଳକ ୩୩ ବଲର ସମ୍ମୁଖୀନ ହୋଇ ୬ଟି ଚୌକା ଓ ଛକା ସହାୟତାରେ ଅପରାଜିତ ୭୫ ରନ୍ କରିଥିଲେ । ସେରଫାନେ ରଦରପୋଡ ୨୦ ରନ୍ ତଥା ୱିଲ ଜ୍ୟାକ୍ସ ୧୦ ବଲରୁ ୨ଟି ଚୌକା ଓ ୨ଟି ଛକା ସହାୟତାରେ ୨୫ ରନ୍ କରିଥିଲେ । ତେଣୁ ମୁମ୍ବାଇ ଗୋଟିଏ ବଲ ବାକିଥାଏ ୨୦୫/୪ ରନ୍ କରି ବିଜୟ ହାସଲ କରିଛି ।

## ଆଜିର ମ୍ୟାଚ

- ଲକ୍ଷ୍ନୌ - ଚେନ୍ନାଇ
- ସ୍ଥାନ- ଲକ୍ଷ୍ନୌ
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୨ | ୮ | ୪ | ୧୬ |
| ଗୁଜରାଟ | ୧୨ | ୮ | ୪ | ୧୬ |
| ସନରାଇଜର୍ସ | ୧୨ | ୭ | ୫ | ୧୪ |
| ପଞ୍ଜାବ | ୧୨ | ୬ | ୫ | ୧୩ |
| ଚେନ୍ନାଇ | ୧୧ | ୬ | ୫ | ୧୨ |
| ରାଜସ୍ଥାନ | ୧୧ | ୬ | ୫ | ୧୨ |
| ଦିଲ୍ଲୀ | ୧୨ | ୫ | ୭ | ୧୦ |
| କୋଲକାତା | ୧୧ | ୪ | ୬ | ୯ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ଲକ୍ଷ୍ନୌ | ୧୧ | ୩ | ୮ | ୬ |

# ମ୍ୟାଚ ବେଳେ ହଜିଗଲା ସୁନା ଚେନ

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ବୁଧବାର କୋଲକାତା ନାଇଟ ରାଇଡର୍ସ ଏବଂ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମୁକାବିଲା ସମୟରେ ସୁନା ଚେନ ହଜି ଯିବା କଥା ସାମ୍ନାକୁ ଆସିଥିଲା । ଯାହାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଖୁବ ଜୋରରେ ଭାଇରାଲ ହେଉଛି । ରୟାଲ ଚାଲେଞ୍ଜର୍ସ ସ୍ୱପ୍ନ ଜ୍ୟାକବ ବେଥେଲଙ୍କ ସହ ଏଭଳି ଘଟଣା ଘଟିଥିଲା । ରାୟପୁରରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ କାର୍ତ୍ତିକ ତ୍ୟାଗୀଙ୍କ ବଲରେ ବେଥେଲ ଆଉଟ୍ ହୋଇଥିଲେ । ବଲଟି ବେଥେଲଙ୍କ ବ୍ୟାଟରେ ବାଜିବା ପରେ ହେଲମେଟ ଛୁଇଁ ଚାଲିଯାଇଥିଲା । ଆଉଟ୍ ହେବା ସମୟରେ ଜ୍ୟାକବଙ୍କ ଚେନ ପବନରେ ଉଡୁଥିବାର ନଜର ଆସିଥିଲା । ଠିକ ଏହି ସମୟରେ କ୍ରିଜରେ ଅନ୍ୟପଟେ ଥିବା ଦେବଦତ୍ତ ପଡିକାଲ ଚେନଙ୍କୁ ଆଣି ବେଥେଲଙ୍କୁ ଦେଇଥିଲେ । ଏହି ମ୍ୟାଚରେ ପ୍ରଥମେ



ବ୍ୟାଟିଂ କରି କୋଲକାତା ୧୯୨ ରନ୍ କରିଥିଲା । ଦଳୀୟ ସ୍କୋର ମାତ୍ର ୩୭ ରନ ବେଳେ ବେଙ୍ଗାଲୁରୁ ପ୍ରଥମ ୱିକେଟ୍ ହରାଇଥିଲା । ଚତୁର୍ଥ ଓଭରରେ କାର୍ତ୍ତିକ ତ୍ୟାଗୀଙ୍କ ବଲରେ ବେଥେଲ ଆଉଟ୍ ହୋଇଥିଲେ ।

# ଇଶାନ ଦିନିକିଆ ଦଳକୁ ଫେରିବା ନିଶ୍ଚିତ

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଗୋଟିଏ ଟେଷ୍ଟ ଓ ଦିନିକିଆ ଶୃଙ୍ଖଳା ପାଇଁ ଆସନ୍ତା ସପ୍ତାହରେ ବିସିସିଆଇ ଦଳ ଘୋଷଣା କରିବ । ଆଇପିଏଲ ପରେ ଏହି ଶୃଙ୍ଖଳା ଖେଳାଯିବ । ମୁଲାପୁରରେ ଏକମାତ୍ର ଟେଷ୍ଟ ଖେଳାଯିବା ପରେ ୧୪, ୧୭ ଓ ୨୦ ଜୁନରେ ୩ଟି ଦିନିକିଆ ମ୍ୟାଚ ଆୟୋଜନ ହେବାର ଅଛି । ଏହି ଶୃଙ୍ଖଳା ପାଇଁ ବିସିସିଆଇ ଏକ ଯୁବ ଓ ଦକ୍ଷତା ସମ୍ପର୍ଣ୍ଣ ଦଳ ଚୟନ କରିବ ବୋଲି ଜଣାପଡିଛି । ଟେଷ୍ଟ ମ୍ୟାଚ ପାଇଁ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯିବ । ଦିନିକିଆ ଦଳରେ ଇଶାନ କିଷାନଙ୍କ ପ୍ରତ୍ୟାବର୍ତ୍ତନ ଏକ ପ୍ରକାର ନିଶ୍ଚିତ ହୋଇଛି । ଟି-୨୦ ବିଶ୍ୱକପ ଏବଂ ଆଇପିଏଲ ଭଲ ପ୍ରଦର୍ଶନ କରି ଇଶାନ ଚୟନ କମିଟିର ବିଶ୍ୱାସ ଜିତିପାରିଛନ୍ତି । ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ୪୦୦ରୁ ଅଧିକ ରନ୍ କରିଛନ୍ତି ଇଶାନ । ଦିନିକିଆରେ ସେ ୪୨ରୁ ଉର୍ଦ୍ଧ୍ୱ ଆଭରେଜରେ ୯୩୩ ରନ୍ କରିଛନ୍ତି । ସେ ଦ୍ୱିଶତକ ମାରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଇଶାନ ଦଳକୁ ଫେରିଲେ ରିଷଭ ପନ୍ତ ବାଦ ପଡିବା ନିଶ୍ଚିତ । ସେହିପରି ରବିନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କ ମଧ୍ୟରୁ ଚୟନ କମିଟି ଇଚ୍ଛା କରିବ ।

# ୩ ବର୍ଷ ପରେ ଫେରିବେ ସାମି



ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ଆଇପିଏଲ-୨୦୨୬ ଶେଷ ହେବା ମାତ୍ରେ ଭାରତୀୟ ଦଳ ଅନ୍ତର୍ଜାତୀୟ ମୈଦାନକୁ ଓହ୍ଲାଇବ । ଟିମ ଇଣ୍ଡିଆ ସମ୍ମୁଖରେ ବଡ଼ ଆହ୍ୱାନ ହେବ ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳା । ଏହି ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳା ପୂର୍ବରୁ ବିସିସିଆଇ ଭାରତୀୟ ଟେଷ୍ଟ ଦଳର ଭବିଷ୍ୟତକୁ ନେଇ ବଡ଼ ବୈଠକ ହେବାକୁଯାଉଛି । ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ ଅଜିତ ଅଗରକରଙ୍କ ନେତୃତ୍ୱରେ ଚୟନ କମିଟି ଚଳିତ ସପ୍ତାହ ଶେଷ ଆଡକୁ କିମ୍ବା ଆସନ୍ତା ସପ୍ତାହରେ ବିସିସିଆଇ ଆଲୋଚନା କରିବ । ଟିମ ମ୍ୟାନେଜମେଣ୍ଟ ପ୍ରତିଟି ଟେଷ୍ଟ ମ୍ୟାଚରେ ନିଜର ଶ୍ରେଷ୍ଠ ପ୍ଲେଇ -୧୧ ପଡ଼ିଆକୁ ଓହ୍ଲାଇବାକୁ ଚାହୁଁଛି । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ପାଇଁ ଦ୍ରୁତ ବୋଲରଙ୍କ ଚୟନ ଆଇପିଏଲ ପ୍ଲେ ଅଫ୍ ଫଳାଫଳ ଉପରେ ନିର୍ଭର କରିବ । ପ୍ରାୟ ୩ ବର୍ଷ ପରେ ଟେଷ୍ଟ କ୍ରିକେଟକୁ ମହମ୍ମଦ ସାମି ଫେରିବାର ସମ୍ଭାବନା ବଢି ଯାଇଛି । ସେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଆସୁଛନ୍ତି । ଚୟନକର୍ତ୍ତା ତାଙ୍କୁ ଜାତୀୟ ଦଳକୁ ଫେରାଇବା ପାଇଁ ପୁନାର୍ବାର ବିଚାର କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି । ନୂଆ ପ୍ରତିଭା ହର୍ସିତ ରାଣା ଓ ଆକାଶ ଦୀପ ଆହତ କାରଣରୁ ଆଇପିଏଲରୁ ବାଦ ପଡିଥିବା ବେଳେ ବିସିସିଆଇ ଏବେ କିଛି ନୂଆ ଖେଳାଳିଙ୍କ ଉପରେ ନଜର ରଖିଛି । ଯୁବ ଦ୍ରୁତ ବୋଲର ଅଂଶୁଲ କାମ୍ବୋଜ ଏବଂ ଗୁରନୁର ବ୍ରାରଙ୍କୁ ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳରେ ସୁଯୋଗ ମିଳିବାର ସମ୍ଭାବନା ରହିଛି ।

# ଚେନ୍ନାଇରେ ସାମିଲ ହେଲେ ଫୋରଷ୍ଟର

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ଆଇପିଏଲ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପରକିଙ୍ଗ୍ସକୁ ଆଉ ଏକ ଝଟକା ଲାଗିଛି । ଦଳର ପ୍ରମୁଖ ଅଲରାଉଣ୍ଡର ଜାମି ଓଭରଟନ ଆହତ କାରଣରୁ ଚଳିତ ଆଇପିଏଲରୁ ସମ୍ପୂର୍ଣ୍ଣ ବାଦ ପଡିଛନ୍ତି । ତାଙ୍କ ବଦଳରେ ଦ.ଆଫ୍ରିକା ଅଲରାଉଣ୍ଡର ଡିଆନ ଫୋରଷ୍ଟରଙ୍କୁ ଚେନ୍ନାଇ ସାମିଲ କରିଛି । ସେ ୭୫ ଲକ୍ଷ ଟଙ୍କାରେ ଚେନ୍ନାଇ ଦଳରେ ସାମିଲ ହୋଇଛନ୍ତି । ୧୫ ତାରିଖରେ ହେବାକୁଥିବା ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ବିପକ୍ଷ ମ୍ୟାଚ ପୂର୍ବରୁ ଆହତ ଓଭରଟନ ସ୍ୱଦେଶ ଫେରିଯାଇଛନ୍ତି । ଇଂଲଣ୍ଡ ଅଲରାଉଣ୍ଡର ଓଭରଟନ ଚେନ୍ନାଇ ଦଳର ପ୍ରମୁଖ ସଦସ୍ୟ ଥିଲେ । ସେ ୧୦ଟି ମ୍ୟାଚରେ ୧୪ଟି ୱିକେଟ୍ ନେଇଥିଲେ । ଏତଦବ୍ୟତୀତ ସେ ୧୩୬ ରନ୍ କରିଛନ୍ତି । ନିମ୍ନକ୍ରମରେ ଦଳ ପାଇଁ ସେ ଚମତ୍କାର ପ୍ରଦର୍ଶନ କରିଥିଲେ । ଗତ ୧୧ ତାରିଖରେ ସେ ଲକ୍ଷ୍ନୌ ବିପକ୍ଷରେ ଶେଷ ମ୍ୟାଚ ଖେଳିଥିଲେ । ଏହି ମ୍ୟାଚରେ ଚେନ୍ନାଇ ୫ ୱିକେଟ ଜିତିଥିଲା । ଓଭରଟନ ମଧ୍ୟ ୩ ୱିକେଟ୍ ନେଇଥିଲେ ।

# ପଦ ହରାଇବେ ୩ ଆଇପିଏଲ ଅଧିନାୟକ

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ଚଳିତ ଆଇପିଏଲ ଶେଷ ହେବାପରେ ପଦରୁ ବିଦା ହେବେ ୩ ଦଳର ଅଧିନାୟକ ସେମାନଙ୍କୁ ରିଲିଜ କରିବାକୁ ଏବେ ଠାରୁ ଫ୍ରାଞ୍ଚାଇଜ ପକ୍ଷରୁ ନିଷ୍ପତ୍ତି ନିଆଯାଇସାରିଛି । ୨୦୨୬ ଆଇପିଏଲରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁଁ ୩ ବରିଷ୍ଠ ଖେଳାଳିଙ୍କୁ ଅଧିନାୟକ ପଦ ହରାଇବାକୁ ପଡିବ ।



ତାଲିକାରେ ଅକ୍ଷର ପଟେଲ, ଆଜିଙ୍କ୍ୟ ରାହାଣେ ଓ ସବୁଠୁ ଦାମୀ ଖେଳାଳି ରିଷଭ ପନ୍ତଙ୍କ ନାଁ ରହିଛି । କ୍ରମାଗତ ଦୁଇଟି ସିଜନରେ ଏହି ୩ ଖେଳାଳି ନେତୃତ୍ୱ ନେଇଥିଲେ ହେଁ ଆଶା ଅନୁସାରେ ପ୍ରଦର୍ଶନ କରିପାରିନାହାନ୍ତି । ଉଭୟ ନେତୃତ୍ୱ ଓ ବ୍ୟକ୍ତିଗତ ପ୍ରଦର୍ଶନ ଦୃଷ୍ଟିକୋଣରୁ ଏମାନଙ୍କ ଉପରେ ପ୍ରଶ୍ନବାଚୀ ଲାଗିଛି । ଅକ୍ଷର ପଟେଲ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଉଥିବା ବେଳେ ପନ୍ତ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ଏବଂ ରାହାଣେ କୋଲକାତା ନାଇଟ ରାଇଡର୍ସର ଅଧିନାୟକ ଅଛନ୍ତି । ବର୍ତ୍ତମାନ ସୁଧା ଏହି ଦଳ ମଧ୍ୟରୁ ବିଧିବଦ୍ଧ ଭାବେ ଲକ୍ଷ୍ନୌ ଚଳିତ ଆଇପିଏଲ ପ୍ଲେ ଅଫ୍ ଦୌଡ଼ରୁ ବାଦ ପଡିସାରିଛି । କୋଲକାତା ଓ ଦିଲ୍ଲୀର ପ୍ଲେ ଅଫ୍ ଆଶା ମଧ୍ୟ ସେତେଟା ନାହିଁ । ତେଣୁ ଆଇପିଏଲ ପରେ ଏହି ୩ ଖେଳାଳି ବିଦା ହେବା ନିଶ୍ଚିତ ବୋଲି କୁହାଯାଇଛି । ଅଧିନାୟକ ଭାବେ ଅକ୍ଷର ପଟେଲ ଚଳିତ ଆଇପିଏଲରେ ୯ଟି ଇନିଂସରେ କେବଳ ୧୦୦ ରନ୍ କରିଛନ୍ତି । କେବଳ ପଞ୍ଜାବ ବିପକ୍ଷରେ ସେ ୫୬ ରନ୍ କରିଥିଲେ । ବାକି ୮ଟି ଇନିଂସରେ ତାଙ୍କ ବ୍ୟାଟରୁ ୪୪ ରନ ବାହାରିଥିଲେ । ସେ ନଂ.୫ରେ ବ୍ୟାଟିଂ କରି ମଧ୍ୟ ଫେଲ ମାରିଛନ୍ତି । ୧୨ଟି ମ୍ୟାଚରେ ଅକ୍ଷର ୩୬ ଓଭର ବୋଲିଂ କରିଛନ୍ତି । ସେ ୧୦ ୱିକେଟ୍ ନେଇଛନ୍ତି । ତେଣୁ ଆସନ୍ତା ବର୍ଷ ଦିଲ୍ଲୀର ନେତୃତ୍ୱ ପରିବର୍ତ୍ତନର ସମ୍ଭାବନା ରହିଛି । ରିଷଭ ପନ୍ତଙ୍କୁ ଲକ୍ଷ୍ନୌ ୨୮ କୋଟି ଟଙ୍କାରେ କିଣିଥିଲା । କିନ୍ତୁ ସେ ୧୩୮ଟି ଷ୍ଟ୍ରାଇକରେଟରେ ୨୫୧ ରନ୍ କରିଛନ୍ତି । ୧୧ ମ୍ୟାଚରୁ ତାଙ୍କ ବ୍ୟାଟରୁ କେବଳ ୯ଟି ଛକା ଦେଖିବାକୁ ମିଳିଛି । ନିଜର ବ୍ୟାଟିଂ ପାଇଁ ଜଣାଶୁଣା ପନ୍ତ ଚଳିତ ବର୍ଷ ଆଦୌ ଲୟରେ ନଥିବା ଭଳି ଲାଗୁଛନ୍ତି । ତେଣୁ ଲକ୍ଷ୍ନୌ ତାଙ୍କୁ ଅଧିନାୟକ ପଦରୁ ହଟାଇ ପାରେ । କୋଲକାତାର ଅଧିନାୟକ ରାହାଣେଙ୍କ ସ୍ଥିତି ମଧ୍ୟ ସେମିତି କିଛି । ରାହାଣେ ଚଳିତ ସିଜନରେ ୨୩୭ ରନ୍ କରିଛନ୍ତି । ତାଙ୍କ ଷ୍ଟ୍ରାଇକରେଟ ମାତ୍ର ୧୩୩ । ସେ ଦଳ ପାଇଁ ଓପନିଂ କରୁଥିଲେ ହେଁ ଆଦୌ ରନ୍ କରିବାକୁ ସକ୍ଷମ ହେଉନାହାନ୍ତି । ଧିମା ବ୍ୟାଟିଂ ଯୋଗୁଁ ଦଳ ଉପରେ ଚାପ ପଡୁଛି । ୩୭ ବର୍ଷୀୟ ରାହାଣେଙ୍କୁ ଯଦି କେକେଆର ଛାଡି ଦେବ ତାହେଲେ କୌଣସି ଫ୍ରାଞ୍ଚାଇଜ ନେଇନପାରେ । ପରବର୍ତ୍ତୀ ମିନି ଅକ୍ସନରେ ଅନସୋଲ୍ଡ ରହିବାର ଯଥେଷ୍ଟ ଆଶଙ୍କା ରହିଛି ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୋଡ଼ପତ୍ରି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ ।


# ଭାରତୀୟ ଏ' ଦଳରେ ବୈଭବ

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ଶ୍ରୀଲଙ୍କାରେ ଆୟୋଜିତ ହେବାକୁଥିବା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ପାଇଁ ଭାରତୀୟ ଏ' ଦଳ ଘୋଷଣା ହୋଇଛି । ଆଇପିଏଲରେ ନିଜର ପରାକ୍ରମ ଦେଖାଉଥିବା ଅନେକ ଯୁବ ପ୍ରତିଭାଙ୍କୁ ଭାରତୀୟ ଏ' ଦଳରେ ସ୍ଥାନ ଦେଇଛନ୍ତି ଅଜିତ ଅଗରକରଙ୍କ ନେତୃତ୍ୱାଧିନ ଚୟନ କମିଟି । ଭାରତୀୟ କ୍ରିକେଟର ଉଦୀୟମାନ ତାରକା ତଥା ବାମହାତି ବ୍ୟାଟର ତିଳକ ବର୍ମାଙ୍କୁ ଏହି ଦଳର ଅଧିନାୟକ ଦାୟିତ୍ୱ ମିଳିଛି । ତିଳକ ବର୍ମା ଅନ୍ତର୍ଜାତୀୟସ୍ତରରେ ନିଜର ପ୍ରତିଭା ପ୍ରମାଣିତ କରିସାରିଛନ୍ତି । ତେଣୁ ତାଙ୍କ ନେତୃତ୍ୱରେ ଯୁବ ଦଳ ଶ୍ରୀଲଙ୍କାରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରହିଛି । ରାଜସ୍ଥାନ ରୟାଲ୍ସର ତାରକା ଅଲରାଉଣ୍ଡର ରିଆନ ପରାଗଙ୍କୁ ଦଳର ଉପଅଧିନାୟକ ମନୋନୀତ କରାଯାଇଛି । ଆଇପିଏଲରେ ରିଆନ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଚୟନ କମିଟି ତାଙ୍କ ଅଭିଜ୍ଞତା ଓ ଆକ୍ରମଣାତ୍ମକ ଶୈଳୀକୁ ଗୁରୁତ୍ୱ ଦେଇଛି । ତେବେ ସବୁଠି ଚର୍ଚ୍ଚାରେ ଥିବା ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ବଡ଼ ଉପହାର ମିଳିଛି । ମାତ୍ର ୧୫ ବର୍ଷ ବୟସରେ ବୈଭବ ଯେଉଁଭଳି କ୍ରିକେଟ ଖେଳୁଛନ୍ତି । ତାହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ତାଙ୍କୁ ସୁପର କିଡ ବୋଲି କୁହାଯାଉଛି । ଭାରତ ଏ' ଦଳରେ ସ୍ଥାନ ପାଇବା ତାଙ୍କ ପାଇଁ ଉପହାର ଭଳି ହୋଇଛି । ଖୁବ୍ ଶୀଘ୍ର ନିଜ ପ୍ରଦର୍ଶନ ବଳରେ ବୈଭବ ଜାତୀୟ ଦଳର ଅଂଶ ହେବାକୁଯାଉଛନ୍ତି । ଏହି ଶ୍ରୀଲଙ୍କା ଗସ୍ତ ପାଇଁ ଆଇପିଏଲ ତାରକାଙ୍କୁ ପ୍ରାଧାନ୍ୟ ଦିଆଯାଇଛି । ଭବିଷ୍ୟତରେ ଜାତୀୟ ଦଳ ପାଇଁ ଖେଳାଳି ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି ଯୋଜନା କରାଯାଇଛି । ଭାରତୀୟ ଏ' ଦଳରେ ଏକାଧିକ ଏମିତି ଖେଳାଳି ଅଛନ୍ତି ଯେଉଁମାନେ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇନାହାନ୍ତି । ଜୁନ ମାସରେ ଶ୍ରୀଲଙ୍କାରେ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଖେଳାଯିବ । ଭାରତ ଏ' ଦଳ ସହ ଅନ୍ୟ ଦୁଇଟି ଦଳ ଶ୍ରୀଲଙ୍କା ଓ ଆଫଗାନିସ୍ତାନ ପ୍ରତିଦ୍ୱନ୍ଦ୍ୱିତା କରିବେ । ଶ୍ରୀଲଙ୍କାର ସ୍ପିନ ଅନୁକୂଳ ପିଚ୍ଛରେ ଭାରତର ଯୁବ ବ୍ୟାଟର ଏବଂ ବୋଲରମାନଙ୍କ ପାଇଁ ଏହା ଏକ କଠିନ ପରୀକ୍ଷା ହେବ ।



**ଭାରତ ଏ' ଦଳ:** ତିଳକ ବର୍ମା (ଅଧିନାୟକ), ପ୍ରିୟନ୍ସ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ରିଆନ ପରାଗ, ଆୟୂଷ ବଦୋନୀ, ନିଶାନ୍ତ ସିନ୍ଧୁ, ହର୍ସ ଦୁବେ, ସୂର୍ଯ୍ୟାଂଶ ସେଗେଡ, ପ୍ରଭସିମରନ ସିଂ, କୁମାର କୁସଗ୍ର, ବିପ୍ରଜ ନିଗମ, ଯଶ ଠାକୁର, ଯୁଦ୍ଧବୀର ସିଂ, ଅଂଶୁଲ କାମ୍ବୋଜ, ହର୍ସଦ ଖାଦ ।


ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି